# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୦/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, July 10/2025 Page 14 ₹ 7.00

୫୧ଶ ଭାଗ ୨୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 225 ମୂଲ୍ୟ₹୭/-




**ସେମିଫାଇନାଲରେ ସ୍ୱିଟେକ୍**

ପୋଲାଣ୍ଡର ଇଗା ସ୍ୱିଟେକ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୨

**'ବାଗୀ ୪'ର ଶୁଟିଂ ଶେଷ**

ଅଭିନେତା ଟାଇଗର ଶ୍ରଫ୍‌ଙ୍କ 'ବାଗୀ ୪' ଫିଲ୍ମର ଶୁଟିଂ ଶେଷ ହୋଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି।



# ଭଦୋଦରାରେ ବ୍ରିଜ୍ ଭୁଶୁଡ଼ିଲା: ୧୩ ମୃତ

**ଗଳିପଡ଼ିଲା ୬ ଗାଡ଼ି**

## 'ଗୁଜରାଟ ମଡେଲ'କୁ କଂଗ୍ରେସର କଟାକ୍ଷ

ଭଦୋଦରା,୯।୭ (ପି.ଟି./ ଏଜେନ୍ସି)

ଗୁଜରାଟର ଭଦୋଦରା ଜିଲା ଦେଇ ପ୍ରବାହିତ ମହିସାଗର ନଦୀ ଉପରେ ନିର୍ମିତ ୪ ଦଶନ୍ଧି ପୁରୁଣା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ବ୍ରିଜ୍‌ର ଏକ ଅଂଶ ଭାଙ୍ଗିଯିବାରୁ ଏହା ଉପର ଦେଇ ଯାଉଥିବା ଅନେକ ଗାଡ଼ି ନଈକୁ ଖସିପଡ଼ିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ ☞ପୃଷ୍ଠା-୪



ଗୁଜରାଟର ଭଦୋଦରା ଜିଲା ପାଦରା ସହର ନିକଟସ୍ଥ ୪୦ ବର୍ଷ ପୁରୁଣା ଗମ୍ଭୀରା ବ୍ରିଜ୍ ବୁଧବାର ସକାଳେ ଭୁଶୁଡ଼ିପଡ଼ିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ୫ମ, ୮ମ ଶ୍ରେଣୀ ପାଇଁ ଫେରିଲା ଫେଲ୍ ବ୍ୟବସ୍ଥା

**ପ୍ରାଥମିକ ଶିକ୍ଷାରେ ପୁଣି ଥରେ ପାସ୍, ଫେଲ୍ ବ୍ୟବସ୍ଥା ଆପଣାଇଛନ୍ତି ରାଜ୍ୟ ସରକାର। ତଦନୁଯାୟୀ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷା ନିୟମରେ ପରିବର୍ତ୍ତନ ଅଣାଯାଇଛି। ଜଣେ ପିଲା ପରୀକ୍ଷାରେ ଫେଲ୍ ହେଲେ, ତାଙ୍କୁ ୨ମାସ ଭିତରେ ଆଉ ଥରେ ଅତିରିକ୍ତ ପରୀକ୍ଷା ଦେବାର ସୁଯୋଗ ମିଳିବ। ପୁଣି ଯଦି ସେ ପରୀକ୍ଷାରେ ଫେଲ୍ ହୁଅନ୍ତି, ତେବେ ସେହି ଶ୍ରେଣୀରେ ଆଉଥରେ ପାଠ ପଢ଼ିବେ। ତେବେ ପ୍ରାଥମିକ ଶିକ୍ଷା ଶେଷ ନ ହେବା ଯାଏ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏନେଇ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ-୨୦୧୦ରେ ସଂଶୋଧନ ଆଣିଛନ୍ତି। ଏହି ସଂଶୋଧନକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ-୨୦୨୫ ଭାବେ ଗ୍ରହଣ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ଏହା ଦର୍ଶାଯାଇଛି। ଗେଜେଟ୍ ନୋଟିଫିକେଶନ ପରଠାରୁ ନୂଆ ବ୍ୟବସ୍ଥା ଲାଗୁ ହେବ।**

ଭୁବନେଶ୍ୱର,୯।୭ (ସୁଚିସ୍ମିତା ସାହୁ)

ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅଧିକ ସକ୍ଷମ କରିବାକୁ ପ୍ରୟାସ କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରୀଛାତ୍ର ଯେପରି ତାଙ୍କର ମୌଳିକ ଶିକ୍ଷାସ୍ତର ହାସଲ କରିପାରିବେ, ସେନେଇ ପ୍ରୟାସ କରାଯାଇଛି। ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ନିୟମ ବଦଳି ଥିବାରୁ ବିନା ପରିଶ୍ରମରେ ଶ୍ରେଣୀ ପରୀକ୍ଷା ପାସ୍ କରିହେବ ନାହିଁ। ପରୀକ୍ଷାରେ ଫେଲ୍ ହେଲେ ୨ମାସ ମଧ୍ୟରେ ପୁଣି ଥରେ ପରୀକ୍ଷା ଦେଇ ପାସ୍ ହେବାକୁ ପଡ଼ିବ। ହେଲେ ପ୍ରାଥମିକ ଶିକ୍ଷା ସମାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତୃଣମୂଳ ସ୍ତରରୁ ହିଁ ପିଲାଙ୍କ ଶିକ୍ଷାର ବିକାଶ କରିବାକୁ ରାଜ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପ୍ରତିଷ୍ଠିତରୁ ପଛୁଆ




# ଭାରତ ବନ୍ଦ ଯୋଗୁ ପରିବହନ ସେବା ବାଧାପ୍ରାପ୍ତ



ଟ୍ରେଡ୍ ୟୁନିୟନ୍ ଦ୍ୱାରା ବୁଧବାର ଭାରତ ବନ୍ଦ ବେଳେ ମୁମ୍ବାଇରେ ବ୍ୟାଙ୍କ କର୍ମଚାରୀମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ସ୍ଲୋଗାନ ଦେଉଛନ୍ତି।

ନୂଆଦିଲ୍ଲୀ,୯।୭

■ବିହାର, ପଶ୍ଚିମବଙ୍ଗରେ ରେଲରୋକୋ
■କେରଳରେ ସମ୍ପୂର୍ଣ୍ଣ ବନ୍ଦ

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ଓ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ୍ ସପକ୍ଷବାଦୀ ନୀତିକୁ ବିରୋଧ କରି ଟ୍ରେଡ୍ ୟୁନିୟନ ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବୁଧବାର ଭାରତ ବନ୍ଦ କରାଯାଇଥିଲା। ଫଳରେ ଦେଶର ଅଧିକାଂଶ ଭାଗରେ ସାଧାରଣ ପରିବହନ ସେବା ଗୁରୁତର ବାଧାପ୍ରାପ୍ତ ହୋଇଛି। ଏଥିସହିତ ସରକାରୀ କାର୍ଯ୍ୟାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବ୍ୟାଙ୍କିଙ୍ଗ୍ ଓ ବୀମା, ଡାକ ସେବା, କୋଇଲା ଖଣି ଓ ଶିଳ୍ପ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି। ବିହାର ଏବଂ ପଶ୍ଚିମବଙ୍ଗରେ ଲୋକେ ରେଳରୋକୋ କରିଥିଲେ। ବିହାର ଜେହନାବାଦ ରେଲଷ୍ଟେଶନରେ ଆର୍‌ଜେଡିର ଛାତ୍ର ସଂଗଠନ ସଦସ୍ୟମାନେ ରେଲରୋକରେ ସାମିଲ ହୋଇଥିବାବେଳେ ପଶ୍ଚିମବଙ୍ଗରେ ବାମଦଳ ସମର୍ଥିତ ଟ୍ରେଡ୍ ୟୁନିୟନଗୁଡ଼ିକର ଧର୍ମଘଟ ଯୋଗୁ ଯାଦବପୁର ସମେତ ବିଭିନ୍ନ ଷ୍ଟେଶନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଓଡ଼ିଶାର ଭୁବନେଶ୍ୱରରେ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍‌ସ (ସିଆଇଟିୟୁ)ର ଖୋର୍ଦ୍ଧା ଜିଲା ଶାଖା ସଦସ୍ୟମାନେ ବନ୍ଦକୁ ସମର୍ଥନ କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ବାମଦଳ କର୍ମୀମାନେ କେରଳରେ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିଥିଲେ। ଥିରୁଭାନନ୍ଥପୁରମ୍, କୋଚି, କୋଝିକୋଡ୍ ଆଦି ବୃହତ୍ ସହରଗୁଡ଼ିକର ରାସ୍ତାରେ ଟ୍ରେଡ୍ ୟୁନିୟନ ସଦସ୍ୟମାନେ ବିକ୍ଷୋଭକୁ ଜୋର୍‌ଦାର କରିଥିଲେ। ଫଳରେ ଯାତ୍ରୀ ଓ ମାଲ୍ ପରିବହନ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବା ସହ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା।

ଅନ୍ୟପକ୍ଷରେ ତାମିଲନାଡୁର ଚେନ୍ନାଇ ସମେତ ବିଭିନ୍ନ ସହରରେ ବନ୍ଦ ପ୍ରଭାବ ଅନୁଭୂତ ହୋଇ ନ ଥିଲା। ସେଠାରେ ଯାତ୍ରୀ ପରିବହନ ଯଥାରୀତି ଚାଲିଥିଲା। ଟ୍ରେଡ୍ ୟୁନିୟନଗୁଡ଼ିକର ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର କାର୍ଯ୍ୟକାରୀ କରିଥିବା ବନ୍ଦର ଶ୍ରମ ନୀତି ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ଟ୍ରେଡ୍ ୟୁନିୟନଗୁଡ଼ିକ ୧୭ଟି ଦାବି ନେଇ ଆନ୍ଦୋଳନ ଚଳାଇଥିବା ସିଆଇଟିୟୁ ସାଧାରଣ ସମ୍ପାଦକ ତପନ କୁମାର ସେନ୍ କହିଛନ୍ତି।

# ଆଧାର ପ୍ରଥମ ପରିଚୟ ନୁହେଁ: ୟୁଆଇଡିଏଆଇ ମୁଖ୍ୟ

ନୂଆଦିଲ୍ଲୀ,୯।୭

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ଗ୍ରହଣୀୟ ପରିଚୟ ଦସ୍ତାବିଜ୍ ତାଲିକାରୁ ଆଧାରକୁ ବାଦ୍ ଦେବା ପାଇଁ ଦାବି ଜୋର୍ ଧରିଥିବାବେଳେ ଆଧାର କଦାପି ପ୍ରଥମ ପରିଚୟ ନୁହେଁ ବୋଲି ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଏଡିଏଆଇ)ର ସିଇଓ ଭୁବନେଶ କୁମାର ବୁଧବାର କହିଛନ୍ତି। ଜାଲ୍ ଆଧାର କାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକୁ ବନ୍ଦ କରିବା ପାଇଁ ୟୁଆଇଡିଏଆଇ ଉଦ୍ୟମ ଜାରି ରଖିଛି। ନୂଆ ଆଧାର କାର୍ଡଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ କ୍ୟୁଆର୍ କୋଡ୍ ରହିବା ସହ ଆଧାର କାର୍ଡ କ୍ୟୁଆର୍ ସ୍କାନର ଆପ୍‌ର ବିକାଶ କରାଯିବ ବୋଲି ଭୁବନେଶ କହିଛନ୍ତି। ଫଳରେ ଜାଲ୍ ଆଧାର କାର୍ଡ ଧରାପଡ଼ିଯିବ। ବିହାର ଭୋଟର ତାଲିକାରୁ ଅଣନାଗରିକଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ନିର୍ବାଚନ କମିଶନ ଏସ୍‌ଆଇଆର୍ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଦେଶରେ ଏହା କାର୍ଯ୍ୟକାରୀ ହେବ।

# ଜାଗୁଆର ପ୍ରଶିକ୍ଷଣ ବିମାନ ଦୁର୍ଘଟଣା: ୨ ବାୟୁସେନା ପାଇଲଟ୍ ମୃତ



ନୂଆଦିଲ୍ଲୀ,୯।୭

ଭାରତୀୟ ବାୟୁସେନାର ଏକ ଜାଗୁଆର ପ୍ରଶିକ୍ଷଣ ବିମାନ ବୁଧବାର ମଧ୍ୟାହ୍ନରେ ରାଜସ୍ଥାନର ଚୁରୁ ଜିଲା ଅନ୍ତର୍ଗତ ଭାନୁଦା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଉଭୟ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଗତ ୫ ମାସ ମଧ୍ୟରେ ଏହା ତୃତୀୟ ଜାଗୁଆର ବିମାନ ଦୁର୍ଘଟଣା। ଦୁର୍ଘଟଣା ଯୋଗୁ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ସହ କଳାଧୂଆଁ ଉଠୁଥିବା ଦେଖାଯାଇଥିଲାବେଳେ ଆଖପାଖ ଗାଁର ଲୋକେ ଆତଙ୍କିତ ହୋଇଯାଇଥିଲେ। ତେବେ ଦୁର୍ଘଟଣାସ୍ଥଳରେ ଜନସାଧାରଣଙ୍କ କୌଣସି ସମ୍ପତ୍ତି କ୍ଷୟକ୍ଷତି ହୋଇ ନ ଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ମୃତ ପାଇଲଟ୍‌ଙ୍କ ପରିବାରକୁ ବାୟୁସେନା ସମବେଦନା ଜଣାଇଛି। ଏଥିସହିତ ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

# ୟୁକ୍ରେନ୍‌କୁ ରୁଷିଆ ଛାଡ଼ିଲା ୭୨୮ ଡ୍ରୋନ୍

କିଭ୍,୯।୭



ୟୁକ୍ରେନ୍‌କୁ ଅଧିକ ପ୍ରତିରକ୍ଷାତ୍ମକ ଅସ୍ତ୍ରଶସ୍ତ୍ର ଯୋଗାଇଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଙ୍ଗଳବାର ପ୍ରତିଶ୍ରୁତି ଦେବା ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କଡ଼ା ସମାଲୋଚନା କରିବାର କିଛି ଘଣ୍ଟା ପରେ ମସ୍କୋ କିଭ୍ ଉପରେ ଗୋଟିଏ ରାତିରେ ରେକର୍ଡ ସଂଖ୍ୟକ ୭୨୮ଟି ଡ୍ରୋନ୍‌ରେ ଆକ୍ରମଣ କରିଛି। ଏଥିସହ ରୁଷିଆ ୧୩ଟି କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ୍ ଛାଡ଼ିଥିବା ବୁଧବାର ୟୁକ୍ରେନ୍ ବାୟୁସେନା କହିଛି। ୟୁକ୍ରେନ୍‌ର ଏୟାର ଡିଫେନ୍ସ ସେଥିରୁ ୨୯୬ ଡ୍ରୋନ୍ ଏବଂ ୭ ମିଶାଇଲ୍‌କୁ ଖସାଇଦେଇଥିବାବେଳେ ୪୧୫ଟି ଡ୍ରୋନ୍ ରାଡାରରେ ଦୃଶ୍ୟ ହୋଇ ନ ଥିଲା କିମ୍ବା ଜାମ୍ ହୋଇଥିଲା ବୋଲି ଏହାର ବାୟୁସେନା ପକ୍ଷରୁ କୁହାଯାଇଛି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଗତ କିଛି ସପ୍ତାହ ହେଲା ମସ୍କୋ ପକ୍ଷରୁ ଆକାଶମାର୍ଗ ଏବଂ ସ୍ଥଳଭାଗରେ ଆକ୍ରମଣକୁ ଜୋର୍‌ଦାର କରାଯାଇଛି। ୟୁକ୍ରେନ୍ ଉତ୍ତରପଶ୍ଚିମ ଭାଗରେ ଥିବା ଲୁଟସ୍କ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନ୍ୟ ୧୦ଟି ଅଞ୍ଚଳ ମଧ୍ୟ ଡ୍ରୋନ୍ ଓ ମିଶାଇଲ ଆକ୍ରମଣର ସମ୍ମୁଖୀନ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଭେଲେନ୍‌ସ୍କି କହିଛନ୍ତି। ଲୁଟସ୍କରେ ୟୁକ୍ରେନ୍ ସେନାର ଏୟାରଫିଲ୍ଡଗୁଡ଼ିକ ରହିଥିବାବେଳେ ଏହି ସହର ଉପର ଦେଇ ନିୟମିତ ବହୁସଂଖ୍ୟାରେ କାର୍ଗୋ ବିମାନ ଏବଂ ଯୁଦ୍ଧବିମାନ ଉଡ଼ିଥାଏ। ଯୁଦ୍ଧର ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ପୃଷ୍ଠଭୂମି ଭାବେ ଜଣାଶୁଣା ୟୁକ୍ରେନ୍‌ର ପଶ୍ଚିମ ଭାଗରେ ଅନେକ ଏୟାରଫିଲ୍ଡ ଏବଂ ବିଦେଶୀ ସେନା ସହାୟତା ଡିପୋ ରହିଛି। ସେଠାରୁ ଦେଶର ଅନ୍ୟ ସ୍ଥାନକୁ ଅସ୍ତ୍ରଶସ୍ତ୍ର ପଠାଯାଇଥାଏ। ଏହି ଯୋଗାଣ କରିଡରରେ ବାଧା ସୃଷ୍ଟି ପାଇଁ ରୁଷିଆ ସେଠାରେ ଅଧିକ ଆକ୍ରମଣ ଜାରି ରଖିଛି।

ରୁଷିଆ ବାୟୁସେନା ୟୁକ୍ରେନ୍‌ର ଏୟାରବେସ୍ ଏବଂ ଅନ୍ୟ ଟାର୍ଗେଟଗୁଡ଼ିକୁ ଡ୍ରୋନ୍ ଓ ମିଶାଇଲ୍‌ରେ ଆକ୍ରମଣ କରିଥିବା ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଗତ ୪ ତାରିଖରେ ମସ୍କୋ ୟୁକ୍ରେନ୍ ଉପରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଥିଲା। ୧,୦୦୦ କିଲୋମିଟର ବ୍ୟାପୀ ସୀମାନ୍ତର ବିଭିନ୍ନ ସ୍ଥାନରେ ରୁଷିଆ ପର୍ଯ୍ୟାପ୍ତ ସୈନ୍ୟ ରଖି ଆକ୍ରମଣକୁ ଜୋର୍‌ଦାର କରିଥିବାବେଳେ ୟୁକ୍ରେନ୍ ସେନା ଚାପରେ ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀରେ କ୍ଷମତାକୁ ଆସିବା ପରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଉଦ୍ୟମ କରି ଆସୁଛନ୍ତି। ତେବେ ଶାନ୍ତି ସ୍ଥାପନ ଦିଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ମଙ୍ଗଳବାର ଟ୍ରମ୍ପ୍ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୟୁକ୍ରେନ୍ ପ୍ରତିରକ୍ଷା ପାଇଁ ଆମେରିକା ପ୍ରଶାସନର ପ୍ରତିଶ୍ରୁତିବଦ୍ଧତାରେ ଅନିଶ୍ଚିତତା ଦେଖାଦେଇଥିବାବେଳେ ୱାଶିଂଟନ କିଭ୍‌କୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ଯୋଗାଣ ବନ୍ଦ କରିଥିଲା। ତେବେ ପୁଟିନ୍‌ଙ୍କ କାର୍ଯ୍ୟରେ କ୍ଷୁବ୍ଧ ହୋଇ ଟ୍ରମ୍ପ୍ ୟୁକ୍ରେନ୍‌କୁ ଅଧିକ ଅସ୍ତ୍ର ଯୋଗାଇଦେବେ ବୋଲି ମଙ୍ଗଳବାର ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ କହିଛନ୍ତି, ୱାଶିଂଟନ ସହ ଆଲୋଚନା ଜାରି ରଖିବାକୁ ମସ୍କୋ ଆଶାବାଦୀ ରହିଛି। ନଷ୍ଟ ହୋଇଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣିଥରେ ସଜାଡ଼ିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେପଟେ ଜେଲେନସ୍କି କହିଛନ୍ତି, ୟୁକ୍ରେନ୍‌ର ପଶ୍ଚିମ ଭାଗରେ ରୁଷିଆ ପ୍ରଚଣ୍ଡ ଆକ୍ରମଣ କରି ଆମେରିକା ନେତୃତ୍ୱରେ ଚାଲିଥିବା ଶାନ୍ତି ସ୍ଥାପନ ଉଦ୍ୟମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଷିଆ ତୈଳ ଉପରେ କଠୋର କଟକଣା ଲଗାଇବା ସେ ୟୁକ୍ରେନ୍‌ର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ନିବେଦନ କରିଛନ୍ତି। ସେହିପରି ଯେଉଁ ଦେଶଗୁଡ଼ିକ ରୁଷିଆରୁ ତେଲ କିଣି ଏହାକୁ ଯୁଦ୍ଧ ଲଢ଼ିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି, ସେମାନଙ୍କ ବିରୋଧରେ ମଧ୍ୟ କଟକଣା ଲଗାଇବାକୁ ଜେଲେନ୍‌ସ୍କି କହିଛନ୍ତି।

ରୁଷିଆ ଆକ୍ରମଣର ଜବାବ ଦେବା ପାଇଁ ପୋଲାଣ୍ଡ ଏହାର ଯୁଦ୍ଧବିମାନଗୁଡ଼ିକୁ ପ୍ରସ୍ତୁତ ରଖିବା ସହ ସଶସ୍ତ୍ର ବଳକୁ ସର୍ବାଧିକ ଆଲର୍ଟରେ ରଖିଛି। ଚଳିତ ଦଶନ୍ଧି ଶେଷ ସୁଦ୍ଧା ରୁଷିଆ ୟୁରୋପୀୟ ସଂଘର ସୁରକ୍ଷା ପ୍ରତି ବିପଦ ଭାବେ ଉଭା ହେବାକୁ ଯାଉଥିବା ଡାନିସ୍ ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକ୍‌ସେନ୍ କହିଛନ୍ତି। ୟୁରୋପ ଏବଂ ୟୁକ୍ରେନ୍‌ର ପ୍ରତିରକ୍ଷା ଶିଳ୍ପଗୁଡ଼ିକ ୫ ବର୍ଷ ମଧ୍ୟରେ ଉତ୍ପାଦନ ସାମର୍ଥ୍ୟ ବଢ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି।

# ମହାକାଶରେ ଚାଷୀ ହେଲେ ଶୁଭାଂଶୁ

ନୂଆଦିଲ୍ଲୀ, ୯।୭ (ପି.ଟି.)

## ମେଥି, ମୁଗ ବିହନ ଅଙ୍କୁରିତ କଲେ

'ଆକ୍ସିଓମ ୪' ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଗସ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇଏସ୍ଏସ୍‌ରେ ସେ ସାଥୀ କ୍ରିଉ ସଦସ୍ୟଙ୍କ ସହ ମିଶି ଅନେକ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି। ଏକ ପରୀକ୍ଷଣରେ ଶୁଭାଂଶୁ ମେଥି ଏବଂ ମୁଗ ବିହନକୁ ଏକ ପେଟ୍ରି ଡିସ୍‌ରେ ଅଙ୍କୁରିତ କରି ଏହାକୁ ଆଇଏସ୍ଏସ୍‌ର ଏକ ଷ୍ଟୋରେଜ ଫ୍ରିଜରରେ ଭର୍ତ୍ତି କରୁଥିବାର ଫଟୋ ଶେୟାର କରିଛନ୍ତି। ମହାକାଶରେ ଅତିଲଘୁ ଗୁରୁତ୍ୱାକର୍ଷଣ ଦ୍ୱାରା କିପରି ଉଦ୍ଭିଦର ପ୍ରାରମ୍ଭିକ ବିକାଶ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ, ସେ ସମ୍ପର୍କିତ ଅଧ୍ୟୟନ ପାଇଁ ଶୁଭାଂଶୁ ଏପରି କରିଛନ୍ତି। ପ୍ରକାଶ ଯେ, ଆକ୍ସିଓମ ୪ ମିଶନ ଅଧୀନରେ ଶୁଭାଂଶୁ ଆଇଏସ୍ଏସରେ ୧୨ ଦିନ ବିତାଇ ସାରିଛନ୍ତି।


ଆଇଏସ୍ଏସ୍‌ରେ ଶୁଭାଂଶୁ ଶୁକ୍ଳା ବୈଜ୍ଞାନିକ ପରୀକ୍ଷଣ କରୁଛନ୍ତି।

# କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଲେ ଶିବସେନା ବିଧାୟକ

ମୁମ୍ବାଇ, ୯।୭ (ପି.ଟି.)

ମୁମ୍ବାଇରେ ଆକାଶବାଣୀ ପରିସର ବିଧାୟକ ନିବାସ କ୍ୟାଣ୍ଟିନରେ ମଙ୍ଗଳବାର ରାତିରେ ଶିବସେନା ବିଧାୟକ ସଞ୍ଜୟ ଗାୟକୱାଡ୍ ଜଣେ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରିଛନ୍ତି। ବାସି ଏବଂ ଦୁର୍ଗନ୍ଧଯୁକ୍ତ ଖାଦ୍ୟ ପରଷାଯାଇଥିବା ଅଭିଯୋଗ କରି ସେ କ୍ୟାଣ୍ଟିନ କର୍ମଚାରୀଙ୍କୁ ଚାପୁଡ଼ା ମାରିଥିଲେ। ଘଟଣାକୁ ନେଇ ଗାୟକୱାଡ୍ କହିଛନ୍ତି, କିଛିଦିନ ହେବ ସେଠାରେ ବାରମ୍ବାର ବାସି ଏବଂ ଅନୁପଯୁକ୍ତ ଖାଦ୍ୟ ପରାଷାଯାଉଥିଲା। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ଚାପୁଡ଼ା ମାରି ସେ ଅନୁତପ୍ତ ନୁହଁନ୍ତି ବୋଲି ଗାୟକୱାଡ୍ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ମହାରାଷ୍ଟ୍ରର ରାଜନୀତି ତୀବ୍ର ହୋଇଛି। ବିରୋଧୀ କଂଗ୍ରେସ, ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ବିହାର ନିର୍ବାଚନରେ ମହାରାଷ୍ଟ୍ର ଭଳି ଜାଲିଆତି ହେବାକୁ ଦେବୁନି: ରାହୁଲ

ପାଟନା,୯।୭(ପି.ଟି.)


ପାଟନାରେ ବିହାର ବନ୍ଦବେଳେ କଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ।

୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାକୁ ଜିତାଇବା ପାଇଁ ଜାଲିଆତି କରାଯାଇଥିଲା। ଚଳିତବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରର ଏନ୍‌ଡିଏ ସରକାର ଉକ୍ତ ଜାଲିଆତିକୁ ଦୋହରାଇବା ପାଇଁ ଚାହୁଁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଅଭିଯୋଗ କରିଛନ୍ତି। ତେବେ ବିହାରରେ ଏହା ହେବାକୁ ଦିଆଯିବ ନାହିଁ ବୋଲି ପାଟନାସ୍ଥିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ଇଣ୍ଡିଆ ବ୍ଲକ୍ କର୍ମୀଙ୍କ ବିକ୍ଷୋଭ ରାଲିରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି। ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ କରି ଇଣ୍ଡିଆ ବ୍ଲକ୍ ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଥିଲା। ଏସ୍‌ଆଇଆର୍ ହେଉଛି ଭୋଟର ତାଲିକାରେ ହେରଫେର କରିବା ପାଇଁ ମହାରାଷ୍ଟ୍ର ମଡେଲର ପରିବର୍ଦ୍ଧିତ ରୂପ। ଏହା କେବଳ ଲୋକଙ୍କ ଅଧିକାର ଛଡ଼ାଇ ନେବ ନାହିଁ ବରଂ ସେମାନଙ୍କ ସମ୍ପୂର୍ଣ୍ଣ ଭବିଷ୍ୟତକୁ ମଧ୍ୟ ଛଡ଼ାଇନେବ ବୋଲି ରାହୁଲ କହିଛନ୍ତି। ସମ୍ବିଧାନର ସୁରକ୍ଷା କରିବା ବଦଳରେ ନିର୍ବାଚନ କମିଶନ ଭାଜପା ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଭୋଟର ତାଲିକା ସଂଶୋଧନ ହେଉଛି ନିର୍ବାଚନକୁ ଚୋରାଇବାର ଉଦ୍ୟମ। ଲୋକଙ୍କ ଭୋଟ ଅଧିକାରକୁ ଛଡ଼ାଇ ନେବାକୁ ଦିଆଯିବ ନାହିଁ ବୋଲି ରାହୁଲ କହିଛନ୍ତି। ଏହି ବିକ୍ଷୋଭ ରାଲିରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ସିପିଆଇ(ଏମ୍)ର ଏମ୍.ଏ. ବେବି ଏବଂ ସିପିଆଇ(ଏମ୍‌ଏଲ୍)ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଫୁର୍‌ସତ୍

# ୧୦ ହଜାର ଫୁଟ ଉଚ୍ଚରୁ ୮୦ ବର୍ଷୀୟାଙ୍କ ସ୍କାଏ ଡାଇଭିଂ

ମହେନ୍ଦ୍ରଗଡ଼

## ଭାରତର ସବୁଠୁ ବୟସ୍କା ସ୍କାଏ ଡାଇଭର ଭାବେ ରେକର୍ଡ କଲେ ରାଜସ୍ଥାନର ଶ୍ରଦ୍ଧା ଚୌହାନ



ହରିୟାଣାର ମହେନ୍ଦ୍ରଗଡ଼ ଜିଲା ନାରନୌଲଠାରେ ଜଣେ ୮୦ ବର୍ଷୀୟା ମହିଳା ଶ୍ରଦ୍ଧା ଚୌହାନ ୧୦ ହଜାର ଫୁଟ ଉଚ୍ଚତାରୁ ସ୍କାଏ ଡାଇଭିଂ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଏହାସହ ଭାରତର ସବୁଠାରୁ ବୟସ୍କା ସ୍କାଏ ଡାଇଭର ଭାବେ ସେ ରେକର୍ଡ ସୃଷ୍ଟି କରିଛନ୍ତି। ଆକାଶରେ ୧୦ ହଜାର ଫୁଟ ଉଚ୍ଚତାରେ ଏକ ଏୟାରକ୍ରାଫ୍ଟରୁ ଡେଇଁ ସେ ଏହି ସ୍କାଏ ଡାଇଭିଂ କରିଥିଲେ। ଏହି ସମୟରେ ତାଙ୍କର ବେଗ ଘଣ୍ଟା ପ୍ରତି ୨୩୦ କି.ମି. ରହିଥିଲା।

ରାଜସ୍ଥାନର କୋଟପୁତଲି-ବହରୋଡ୍ ଜିଲା ଢାଣି ଗ୍ରାମ ନିବାସୀ ଶ୍ରଦ୍ଧା ପୂର୍ବରୁ ଯୋଧପୁରର ଏକ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପୁଅ ସୌରଭ ସିଂହ ଶେଖାୱତ ଭାରତୀୟ ସେନାରେ ଜଣେ ବ୍ରିଗେଡିୟର ଥିଲେ। ସୌରଭ କହିଛନ୍ତି, ଏକଦା ତାଙ୍କ ମା' ଖୋଲା ଆକାଶରେ ଉଡ଼ିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେବେଠାରୁ ସେ ମା'ଙ୍କ ଏହି ଇଚ୍ଛା ପୂରଣ କରିବା ପାଇଁ ଚିନ୍ତା କରିଥିଲେ। ଗତ ଜୁଲାଇ ୧ରେ ମା'ଙ୍କ ୮୦ତମ ଜନ୍ମଦିନରେ ସେ ତାଙ୍କର ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଥିଲେ। ସୌରଭ ସେନା ଛାଡ଼ିବା ପରେ ହରିୟାଣାର ନାର୍‌ନୌଲଠାରେ ଥିବା ସ୍କାଏ ହାଇ ଡାଇଭିଂ ସେଣ୍ଟରରେ ଜଣେ ପରାମର୍ଶଦାତା ଏବଂ ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ସ୍କାଏ ଡାଇଭିଂ ପାଇଁ ସେ ତାଙ୍କ ମା'ଙ୍କୁ ବହୁ ପୂର୍ବରୁ ତାଲିମ ଦେବା ଆରମ୍ଭ କରିଥିଲେ। ସ୍କାଏ ଡାଇଭିଂ ପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥାକୁ ପୂରଣ କରିବା ପରେ, ସେ ତାଙ୍କ ମା' ଶ୍ରଦ୍ଧାଙ୍କ ସହ ମିଶି ୧୦ ହଜାର ଫୁଟ ଉଚ୍ଚରେ ଏକ ଏୟାରକ୍ରାଫ୍ଟରୁ ଡେଇଁଥିଲେ।

# 'ବାଗୀ ୪'ର ଶୁଟିଂ ଶେଷ

ମୁମ୍ବାଇ

ଏ. ହର୍ଷାଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ୍ ନାଦିଆଦ୍‌ୱାଲାଙ୍କ ନିର୍ମିତ ଆକ୍ସନ ଥ୍ରୀଲର ଫିଲ୍ମ 'ବାଗୀ ୪'ର ଶୁଟିଂ ଗତବର୍ଷ ନଭେମ୍ବର ୧୮ରେ ଆରମ୍ଭ ହୋଇଥିଲା। ସମ୍ପ୍ରତି ଶୁଟିଂ ଶେଷ ହୋଇଥିବା ନେଇ ଅଭିନେତା ଟାଇଗର ଶ୍ରଫ୍ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଟାଇଗର ତାଙ୍କ ପୋଷ୍ଟରେ ଫିଲ୍ମ ଶୁଟିଂସେଟ୍‌ର କେତେକ ଫଟୋ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, 'ବାଗୀ ୪'ର ଶୁଟିଂ ଶେଷ ହୋଇଛି। ଏହାର ଅନୁଭୂତି ଅତ୍ୟନ୍ତ ଚମତ୍କାର ଥିଲା, ଯାହା ସବୁବେଳେ ମନେରହିବ। ତାଙ୍କ ଉପରେ ବାରମ୍ବାର ବିଶ୍ୱାସ କରିଥିବାରୁ ସେ 'ବାଗୀ' ଫ୍ରାଞ୍ଚାଇଜ୍ ଏବଂ ଫିଲ୍ମ ନିର୍ମାତା ସାଜିଦ୍ ନାଦିଆଦ୍‌ୱାଲାଙ୍କୁ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। 'ବାଗୀ ୪' ଫିଲ୍ମରେ ଟାଇଗରଙ୍କ ବିପକ୍ଷରେ ଅଭିନେତ୍ରୀ ସୋନମ ବାଜୱା ନଜରକୁ ଆସିବେ। ଫିଲ୍ମରେ ପ୍ରଥମ ଥର ପାଇଁ ସୋନମଙ୍କ ସହ ଟାଇଗରଙ୍କ ରୋମାଣ୍ଟିକ୍ ଭୂମିକା ଦେଖିବାକୁ ମିଳିବ, ଯାହାକୁ ନେଇ ଉଭୟଙ୍କ ପ୍ରଶଂସକ ଫିଲ୍ମ ରିଲିଜ୍‌କୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ଫିଲ୍ମରେ ଅଭିନେତା ସଞ୍ଜୟ ଦତ୍ତଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ। 'ବାଗୀ ୪'ରେ ଟାଇଗରଙ୍କ ଅନେକ ଆକ୍ସନ ଦୃଶ୍ୟ ରହିଥିବା ନେଇ ପ୍ରକାଶ ପାଇଛି।


ଟାଇଗର ଶ୍ରଫ୍




# ପେଟ୍ରୋଲ, ଡିଜେଲ ସଙ୍କଟ ଆଶଙ୍କା

**ଭୁବନେଶ୍ୱର,୯।୭(ଅନୁରାଧା ମହାରଣା)**

ଡ୍ରାଇଭର ମହାସଂଘର ବନ୍ଦ ଡାକରା ଯୋଗୁ ତୈଳ ସେବା ପ୍ରଭାବିତ ହୋଇଛି। ଭାରତ ବନ୍ଦ ପାଇଁ ପେଟ୍ରୋଲ ପମ୍ପ ବନ୍ଦ ରହିବା ନେଇ କୌଣସି ଘୋଷଣା ହୋଇ ନ ଥିଲା। ମାତ୍ର ଓଡ଼ିଶାରେ ଡ୍ରାଇଭର ମହାସଂଘ ଓ ବିଭିନ୍ନ ଟ୍ରେଡ ସଂଗଠନର ଆନ୍ଦୋଳନ ଯୋଗୁ ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିଛି। ବାଲେଶ୍ୱର, ଖୋର୍ଦ୍ଧାର ଜଟଣୀ, ପାରାଦୀପରେ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ପିକେଟିଂ କରି ଗାଡ଼ି

## ଡ୍ରାଇଭର ମହାସଂଘର ବନ୍ଦ ଡାକରାର ପ୍ରଭାବ

ଅଟକାଇବା ଦ୍ୱାରା ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। 'ଆମ ପାଖରେ ଯେତିକି ତେଲ ମହଜୁଦ ଥିଲା, ତାହା ଗୁରୁବାର ପର୍ଯ୍ୟନ୍ତ ଯିବ' ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏଶନର ସଭାପତି ସଞ୍ଜୟ ଲାଠ କହିଛନ୍ତି। ଯଦି ଡ୍ରାଇଭର ସଂଘର ଆନ୍ଦୋଳନ ଜାରି ରହେ, ତେବେ ତୈଳ ସଙ୍କଟ ଦେଖାଦେବ ବୋଲି ସଞ୍ଜୟ ସୂଚନା ଦେଇଛନ୍ତି। ଯଦି ସଞ୍ଜୟଙ୍କ ଆକଳନ ଠିକ ହୁଏ, ତେବେ ଗାଡ଼ି ଚାଳକଙ୍କୁ ପେଟ୍ରୋଲ ଓ ଡିଜେଲ ପାଇଁ ହଇରାଣ ହେବାକୁ ପଡ଼ିବ। ତେଲ ସଙ୍କଟ ହେଲେ ସାଧାରଣ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବଡ଼ ପରିବହନ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇପାରେ।

# ଓଡ଼ିଶା ସରକାରଙ୍କୁ ମହୁଆଙ୍କ ଚେତାବନୀ

- ଝାରସୁଗୁଡ଼ାରେ ଅଟକ ୪୪୪ ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରେ କୃଷ୍ଣନଗରର ୨୩
- ସେମାନଙ୍କୁ ତୁରନ୍ତ ନ ଛାଡ଼ିଲେ ନିଆଯିବ ଆଇନଗତ କାର୍ଯ୍ୟାନୁଷ୍ଠାନ

**କୋଲକାତା,୯।୭**


ମହୁଆ ମୋଇତ୍ର

ଝାରସୁଗୁଡ଼ା ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହ କରି ଅଟକ ରଖାଯାଇଛି। ଜୁଲାଇ ୭ରୁ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଖବର ପ୍ରସାରିତ ହେବାର ଦିନକ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଏନେଇ ଓଡ଼ିଶା ସରକାରଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି।

ନିକଟରେ ପୁରୀର ପୂର୍ବତନ ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କୁ ବିବାହ କରି ଚର୍ଚ୍ଚାକୁ ଆସିଥିବା ପଶ୍ଚିମବଙ୍ଗର କୃଷ୍ଣନଗର ସାଂସଦ ମହୁଆ ମୋଇତ୍ର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ଭିଡିଓ ଜାରି କରି କହିଛନ୍ତି, ଓଡ଼ିଶା ସରକାର ଅଟକ ରଖିଥିବା ବ୍ୟକ୍ତିମାନେ ପଶ୍ଚିମବଙ୍ଗର। ଏହି ବଙ୍ଗାଳୀ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ସଂସଦୀୟ ନିର୍ବାଚନମଣ୍ଡଳୀ କୃଷ୍ଣନଗର ଅଧୀନ ନଦିଆ ଜିଲା ପାଣିଘାଟ ଗ୍ରାମପଞ୍ଚାୟତ ମିର୍ଜାପୁର ଗ୍ରାମର ବାସିନ୍ଦା। ସେମାନଙ୍କୁ ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ପୋଲିସ ଜେରା କେନ୍ଦ୍ରରେ ଅନ୍ୟ ୪୨୧ ବଙ୍ଗାଳୀ ଶ୍ରମିକଙ୍କ ସହ ବେଆଇନ ଭାବେ ଅଟକ ରଖିଛି। ଉକ୍ତ ଭିଡିଓରେ ଏକ ବଡ଼ ହଲ୍ ଦେଖିବାକୁ ମିଳୁଛି, ଯେଉଁଠି ଜଣେ ବ୍ୟକ୍ତି କହୁଛନ୍ତି, ସେମାନେ ସମସ୍ତେ ଭାରତୀୟ। ସେମାନଙ୍କୁ ସନ୍ଦିଗ୍ଧ ବାଂଲାଦେଶୀ ଭାବେ ଅଟକ ରଖାଯାଇଛି। ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହସ୍ତକ୍ଷେପ କରି ସେମାନଙ୍କ ମୁକ୍ତି ପାଇଁ ସାହାଯ୍ୟ କରନ୍ତୁ ବୋଲି ଯୁବକ ଜଣକ ଅନୁରୋଧ କରିଛନ୍ତି।

## ଭାରତ ଧର୍ମଶାଳା ନୁହେଁ: ଟଙ୍କଧର


ଟଙ୍କଧର ତ୍ରିପାଠୀ

ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଓଡ଼ିଶା ସରକାରଙ୍କୁ ଚେତାବନୀ ଦେବା ପରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଭାରତ ଏକ ଧର୍ମଶାଳା ନୁହେଁ। ଏପରି ଅନେକ ଲୋକ ବେଆଇନ ଭାବେ ପଶିଆସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ଯଦ୍ଦ୍ୱାରା ଦେଶର ନିରୀହ ଜନସାଧାରଣଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡୁଛି। ଜାତୀୟ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଦେଶ ଅନୁସାରେ ଝାରସୁଗୁଡ଼ା ପୋଲିସ ଏହି ଅବୈଧ ଭାବରେ ରହିଥିବା ବାଂଲାଦେଶୀ ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ କରି ସମ୍ମାନର ସହିତ ରଖିଛି। ଯେଉଁମାନଙ୍କର ପରିଚୟପତ୍ର ଭାରତୀୟ ନାଗରିକ ଭାବରେ ରହିଛି, ସେମାନଙ୍କୁ ଛଡ଼ାଯାଉଛି। ଯେଉଁମାନେ ବେଆଇନ ଭାବେ ରହୁଛନ୍ତି, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଷ୍ଟ୍ରର ନିରାପତ୍ତା ପାଇଁ ଏହା ଏକ ସର୍ବଶ୍ରେଷ୍ଠ ପ୍ରଚେଷ୍ଟା। ବିଜେଡି ଯାହା କହିପାରୁନି, ତାହା ନୂଆବୋହୂ ମହୁଆ ମୋଇତ୍ରଙ୍କ ମାଧ୍ୟମରେ କୁହାଯାଉଛି। ଯଦି ସତ୍‌ସାହସ ଅଛି ତେବେ ବିଜେଡି ଏହା ଉପରେ ମତ ରଖୁ।

ଏଥିରେ ମହୁଆ ଆହୁରି କହିଛନ୍ତି, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ସଂଜ୍ଞାନକୁ ନେଇ ଅଟକଥିବା ୨୩ ଶ୍ରମିକଙ୍କୁ ତୁରନ୍ତ ମୁକ୍ତ କରନ୍ତୁ। ଅନ୍ୟଥା ବେଆଇନ ଭାବେ ଅଟକ ରଖାଯିବା ବିରୋଧରେ ଦେଶର ୨୩ଟି କୋର୍ଟରେ ୨୩ ହେବିଅସ୍ କର୍ପସ ପିଟିଶନ ଦାଖଲ କରାଯିବ। ଏନେଇ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥ ମଧ୍ୟ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କୁ ପତ୍ର ଲେଖି ଅଟକ ବ୍ୟକ୍ତିମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ଆମେ ଏଭଳି ସ୍ଥିତି କେବେ ଦେଖିବାକୁ ପାଇ ନ ଥିଲୁ। କିନ୍ତୁ ଗତ ବର୍ଷକ ମଧ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏହା ଏକ ନିତିଦିନିଆ ଘଟଣା ହୋଇଗଲାଣି ବୋଲି ମହୁଆ ସମାଲୋଚନା କରିଛନ୍ତି। କେବଳ ଏତିକି ନୁହେଁ, ଓଡ଼ିଶା ସରକାର ବଙ୍ଗାଳୀ ପର୍ଯ୍ୟଟକଙ୍କ ଯୋଗୁ ପର୍ଯ୍ୟଟନ କ୍ଷେତ୍ରରୁ ୫୦% ରାଜସ୍ୱ ଲାଭ କରୁଛନ୍ତି। ବଙ୍ଗାଳୀମାନେ ଓଡ଼ିଶା ଯିବା ବନ୍ଦ କରିଦେଲେ କ'ଣ ହେବ ଚିନ୍ତା କରନ୍ତୁ ବୋଲି ମହୁଆ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

# ବିଦ୍ୟାଭାରତୀ, ସଂଗ୍ରାମଙ୍କ ଆବେଦନ ହାଇକୋର୍ଟରେ ଖାରଜ

**କଟକ,୯।୭(କାର୍ତ୍ତିକ ସାହୁ)**

## ଏସିଏଫ୍ ସୌମ୍ୟରଞ୍ଜନ ହତ୍ୟା ମାମଲା


ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସହ ସ୍ତ୍ରୀ ବିଦ୍ୟାଭାରତୀ

ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ବନ ସଂରକ୍ଷକ(ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ହତ୍ୟା ମାମଲାରେ ତାଙ୍କ ସ୍ତ୍ରୀ ବିଦ୍ୟାଭାରତ ପଣ୍ଡା ଓ ପୂର୍ବତନ ପାରଳାଖେମୁଣ୍ଡି ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ସଂଗ୍ରାମ ବେହେରାଙ୍କ ଆବେଦନ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଥିସହ ସ୍ତ୍ରୀ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ହତ୍ୟା ଅଭିଯୋଗ ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ବିରୋଧ କରି ଉଭୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୧ ଜୁଲାଇ ୧୨ରେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ତାଙ୍କ ସ୍ତ୍ରୀଙ୍କ ସହ ଥିବାବେଳେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସୌମ୍ୟରଞ୍ଜନଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ତାଙ୍କ ଶରୀରର ୯୦% ପୋଡ଼ିଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୧୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ଅଭିଯୋଗ କରିଥିଲେ ଯେ, ତାଙ୍କ ବୋହୂ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ ଓ ଅଫିସ୍ ରୋଷେୟା ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ସୌମ୍ୟ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଭଲ ସମ୍ପର୍କ ନ ଥିଲା। ଏହାର ସୁଯୋଗ ନେଇ ସ୍ତ୍ରୀ ବିଦ୍ୟାଭାରତୀ ଓ ସହଯୋଗୀ ମିଶି ସୌମ୍ୟଙ୍କୁ ହତ୍ୟା କରିଛନ୍ତି। ଏହାକୁ ଆଧାର କରି ପାରଳାଖେମୁଣ୍ଡି ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଘଟଣାର ତଦନ୍ତଭାର ସରକାର କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବା ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।

# ଖାଲିଥିବା ୬ ମନ୍ତ୍ରୀ ପଦ ପୂରଣ ହେବ: ମନମୋହନ

**ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର)**

ରାଜ୍ୟରେ ଭାଜପା ସରକାର ଗଠନର ଗୋଟିଏ ବର୍ଷ ପୂରଣ ହୋଇସାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳରେ ୧୬ ଜଣ ମନ୍ତ୍ରୀ ରହିଛନ୍ତି। ଏହା ବାଦ୍ ୬ଟି ମନ୍ତ୍ରୀ ପଦ ବର୍ତ୍ତମାନ ସୁଦ୍ଧା ଖାଲି ରହିଛି। ଖୁବ୍‌ଶୀଘ୍ର ପଦବୀ ପୂରଣ ହେବ ବୋଲି ଭାଜପାର ନୂଆ ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ମନମୋହନ ୪ର୍ଥ ଥର ଲାଗି ଦଳର ସଭାପତି ନିଯୁକ୍ତ ହେବାପରେ ବୁଧବାର ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାକୁ ସଶକ୍ତ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତ ନିର୍ବାଚନକୁ ଦେଢ଼ବର୍ଷରୁ କମ୍ ସମୟ ରହିଛି। ସାଧାରଣ ଲୋକେ ଯେପରି ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କଲେ ସେହିପରି ତୃଣମୂଳସ୍ତରରେ ପରିବର୍ତ୍ତନ ଚାହୁଁଛନ୍ତି। ଭାଜପା ଏଥର ପଞ୍ଚାୟତସ୍ତରରେ ଭଲ ପ୍ରଦର୍ଶନ କରିବ। ସଭାପତି ଯେତେବେଳେ ନୂଆ ହୋଇଛନ୍ତି ଦଳ ନୂଆ କମିଟି ମଧ୍ୟ ଗଠନ କରିବ। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।


ମନମୋହନ ସାମଲ

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାରକୁ ଆସିବା ପରେ ଦଳର ନୂଆ ସଭାପତି ଚୟନ ନେଇ ସମସ୍ତଙ୍କ ଅପେକ୍ଷା ରହିଥିଲା। ସର୍ବସମ୍ମତିକ୍ରମେ ମନମୋହନ ସାମଲଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଆଉ ଥରେ ଭରସା କରିଥିବା ଦେଖିବାକୁ ମିଳିଛି। ସେ ଏକମାତ୍ର ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲକରି ୪ର୍ଥ ଥର ଲାଗି ଦଳର ସଭାପତି ପଦ ସମ୍ଭାଳିଛନ୍ତି। ସରକାର ଗଠନ ହେବା ପରେ ନିଗମ ଏବଂ ବୋର୍ଡଗୁଡ଼ିକ ଖାଲି ଥିବା ସଙ୍ଗେ ସଙ୍ଗେ ଆହୁରି ୬ଟି ମନ୍ତ୍ରୀ ପଦ ଖାଲି ରହିଛି। ଦଳର ସଭାପତି ନିର୍ବାଚନ ସରି ନ ଥିବାରୁ ଏହିସବୁ ପଦବୀ ଖାଲିଥିବା ଭାଜପା ନେତାମାନେ ଅନେକ ସମୟରେ ମତ ରଖିଥିଲେ। ବର୍ତ୍ତମାନ ସଭାପତି ନିର୍ବାଚନ ସରିବା ପରେ ଏହି ପଦବୀଗୁଡ଼ିକ ପୂରଣ ହୋଇଯିବ ବୋଲି ଚର୍ଚ୍ଚା ମଧ୍ୟ ଜୋର୍ ଧରିଲାଣି। ଦଳର ବହୁ ନେତା ବିଭିନ୍ନ ପଦବୀ ପାଇବା ଲାଗି ଜୋର୍‌ଦାର ଉଦ୍ୟମ ଆରମ୍ଭ ମଧ୍ୟ କରିଦେଇଛନ୍ତି।




କ୍ଲିନିକ ଦ୍ୱାରା ପ୍ରମାଣିତ
ମୂତ୍ରରୋଗଜନିତ ରୋଗ° >୯୩%* ଉପଶମ କରେ
ବୈଦ୍ୟନାଥ ପ୍ରୋସ୍‌ଟେଡ
• ସାଧାରଣ ପ୍ରବାହକୁ ଫେରାଇ ଆଣେ
• ବ୍ଲାଡର ନିୟନ୍ତ୍ରଣରେ ଉନ୍ନତି ଆଣେ
Scan to buy online
www.baidyanath.com
amazon Flipkart TATA 1mg
1800 102 1855 (10 am - 6 pm)
°Urinary problems like Frequent Urination, Burning Sensation of Urine, Painful Micturition & Discomfort in the urinary tract.
*As per Randomized Placebo Control Clinical Study for 90 days on subjects suffering from urinary problems.



FAKIR MOHAN UNIVERSITY
VYASA VIHAR, BALASORE, ODISHA - 756089
https://fmuniversity.nic.in/
Admission through
CPET-2025 & OJEE-2025
Ranked 151-200 University Category
nirf NATIONAL INSTITUTIONAL RANKING FRAMEWORK

Why Choose Us?
- Non-negotiable academic calendar
- Contemporary Curriculum
- Impactful Pedagogy
- Timely publication of results
- ICT Enabled Classrooms
- Health insurance for all
- Industry ready students
- World-class Infrastructure
- Extensive Research Collaboration
- Research on Paddy, Betel & Fish
- Museums
- Each one Teach One
- Earn while Learn
- Vehicle Free Campus
- And many more

P.G. Faculties & Programmes:
A. Language & Literature
- Odia
- English
- Urdu
- Sanskrit
- JMC
- Yoga & Naturopathy
B. Humanities & Social Sciences
- Population Studies
- Pol. Science
- Sociology
- History
- Psychology
- Anthropology
- Social Work
C. Physical & Earth Sciences
- Applied Geology
- Geography
- Physics
- Chemistry
- Atmospheric Science
D. Biological Sciences
- Bio-technology
- Environmental Science
- Botany
- Zoology
- Microbiology
E. Computational Sciences
- MCA
- Mathematics
- MLIS & Data Science
F. Legal Studies
- Integrated BA LLB & LLM
- PMIR
G. Pedagogical Science
- Integrated B.Ed. M.Ed.
- Education
H. Economics & Business Studies
- Economics
- MBA
- M. Com
- Centre of Excellence for Bioresource Management and Energy Conservation Material Development
- Centre for research on Dhan, Paan, Mina, Fakir Mohan, Horse Shoe Crab and many more.

FakirMohanUniv @FMUniversityBLS fakirmohanuniversity

DSPL-170

"ଜାତୀୟ ମତ୍ସ୍ୟଚାଷୀ ଦିବସ" ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
( ୧୦ ଜୁଲାଇ ୨୦୨୫ )
ଆଜି ଜାତୀୟ ମତ୍ସ୍ୟଚାଷୀ ଦିବସ ଉପଲକ୍ଷେ ଓଡ଼ିଶାର ସମସ୍ତ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ଚାଷ ସହ ଜଡ଼ିତ ଚାଷୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗରେ ମତ୍ସ୍ୟ ଚାଷରେ ଓଡ଼ିଶା କୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଭିଜନ-୨୦୩୬ ର ଲକ୍ଷ୍ୟ ପୂରଣ ପାଇଁ ଆମ ସରକାର ସଙ୍କଳ୍ପବଦ୍ଧ ।
- ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-06030/13/0046/2526
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment @farddepartment

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୫ମ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ଆଇସିଏଆର୍-ସିଆଇଏଫ୍‌ଏ, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ପକ୍ଷରୁ ଶ୍ରୀମଦ୍ ଭାଗବତ ସପ୍ତାହ, ପାରାୟଣ ପ୍ରବଚନ, ସ୍ଥାନ: ସତ୍ୟନାରାୟଣ ପଡ଼ିଆ, ଓଟିଏମ୍ କଲୋନୀ ଚୌଦ୍ୱାର, ସମୟ: ସକାଳ ୭ଟା।

## ବାଲେଶ୍ୱର
- ରକ୍ତଦାନ ଶିବିର, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ୍, ନୂଆପାଢ଼ୀ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ଗଣଧାରଣା, ସ୍ଥାନ:ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ଏଫ୍‌ଏମ୍‌ୟୁରେ ସାହିତ୍ୟ ଆସର, ସ୍ଥାନ:ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଏଫ୍‌ଏମ୍‌ୟୁ ନୂତନ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଭୋଟର ତାଲିକା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଗୁରୁ ପୂର୍ଣ୍ଣିମା ପାଳନ, ସ୍ଥାନ: ଉଦଳା ସାଇଦରବାର, ସମୟ: ସକାଳ ୯ଟା ୩୦।
- ଏକ୍ସପୋ ଆଣ୍ଡ ଫନ୍ ଫେୟାର, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଜନ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ସନ୍ଧାନୀ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବ୍ରହ୍ମପୁର
- ପ୍ରଭାତ ଫେରି, ଗୁରୁଗୀତା ପାଠ, ସ୍ଥାନ: ଗାୟତ୍ରି ଶକ୍ତିପୀଠ ବ୍ରହ୍ମପୁର, ସମୟ: ପ୍ରାତଃ ୫ଟା।

- କଣ୍ଢେଇ ଯାତ୍ରା, ସ୍ଥାନ: ଖାସ୍କା ସାହି, ସମୟ: ସନ୍ଧ୍ୟା ୬ଟା।

## ଗଜପତି
- ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ, ସ୍ଥାନ: ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦.୩୦।

## ଜଗତ୍‌ସିଂହପୁର
- ବାଣିଜ୍ୟ ମେଳା ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ,ସମୟ:ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ରକ୍ତଦାନ ଶିବିର, ସ୍ଥାନ: ସାଇ ମନ୍ଦିର ପରିସର, ଗୋଲ୍ଡେନ ଭିଲ୍ଲା, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବ୍ୟାସଦେବଙ୍କ ଜୟନ୍ତୀ ଉତ୍ସବ,ସ୍ଥାନ:ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଆଦର୍ଶ ଶିକ୍ଷକ ଅବଦ୍ଧୁତ୍ ପରିଡ଼ାଙ୍କ ୮୦ତମ ଜନ୍ମ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରୀ ଶ୍ରୀଶିରିଡି ସାଇ ବାବାଙ୍କ ଗୁରୁ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁର ସାଇ ମନ୍ଦିର, ସମୟ: ସକାଳ ୭ଟା। ଚଉଭାଡି ଯାତ୍ରା ଓ ନଗର ପରିକ୍ରମା ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସିରିଡି ସାଇବାବାଙ୍କ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ରେଲୱେ କଲୋନୀ, ରାୟଗଡା, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଲ୍ୟାଣସିଂପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ପୂର୍ଣ୍ଣିମା ଉତ୍ସବ, ଦାତବ୍ୟ ହୋମିଓ ଚିକିତ୍ସାଳୟ ଉଦ୍‌ଘାଟନ, ସ୍ଥାନ: ଅଦ୍ୱୈତ ଆଶ୍ରମ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ପାପଡାହାଣ୍ଡି ଶିରିଡ଼ି ସାଇ ମନ୍ଦିର, ସମୟ: ସକାଳ ୮ଟା।

## ମାଲକାନଗିରି
- ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ, ସ୍ଥାନ:ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ରଥଯାତ୍ରାର ଉଦ୍‌ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ବଲବସପୁର ଗ୍ରାମ, ସମୟ: ସକାଳ ୯ଟା।
- କଲମ ପରିବାର ଟ୍ରଷ୍ଟ ଓ ଆସାମ ଗୁଆହାଟିର ଆଜିର କବିତା ଅନୁଷ୍ଠାନ ଆୟୋଜିତ ଜାତୀୟ କବି ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା୩୦।

## ବଲାଙ୍ଗୀର
- ତୃତୀୟ ଦିନରେ ଓଡିଶା ଡ୍ରାଇଭର ସଂଘ ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ରବିଶଙ୍କର ପ୍ରବଚନ, ସ୍ଥାନ: ସେକ୍ଟର-୧୯, ସିଭିକ୍‌ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟନ,ସ୍ଥାନ: କେଉଁଟିପାଲି, ବିଜେପୁର,ସମୟ:ସକାଳ ୯ଟା।
- ଜିଲା ସଂକୀର୍ତ୍ତନ ପରିଷଦର ସଂସ୍କୃତି ଜାଗରଣ ଶୋଭାଯାତ୍ରା,ସ୍ଥାନ:ଭଟଲି,ସମୟ: ସକାଳ ୯ଟା।

## କଳାହାଣ୍ଡି
- ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ହାତୀନଦୀ ନିକଟ, ସମୟ: ସକାଳ ୮ଟା।
- ଏକାଦଶ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭବାନୀପାଟଣା ବକାଶ ଆବାସିକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଗୁରୁପୂର୍ଣ୍ଣିମା ଅବସରରେ ସଂସ୍କାର ଭାରତୀ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ କ୍ରୀଷ୍ଣା ଛକ, ସମୟ: ସକାଳ ୮ଟା।

# ବିଜେଡି ଛାଡ଼ିଲେ ସୁନୀତା ବିଶ୍ୱାଳ



**ଭୁବନେଶ୍ୱର,୯।୭ (ରବିନାରାୟଣ ଜେନା)**

ସୁନ୍ଦରଗଡ଼ ବିଜେଡିକୁ ବୁଧବାର ଝଟ୍‌କା ଲାଗିଛି। ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ସୁନୀତା ବିଶ୍ୱାଳ ଇସ୍ତଫା ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ତାଙ୍କ ଇସ୍ତଫାପତ୍ର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି। ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣରୁ ସେ ଦଳ ଛାଡୁଥିବା ଦର୍ଶାଇଛନ୍ତି। ସେ ନବୀନଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, 'ଆପଣ ମୋତେ ଲୋକଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ। ବିଜୁ ଜନତା ଦଳରେ ରହିଥିବା ସମୟ ମଧ୍ୟରେ ମୁଁ ଦଳ ପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ସହିତ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛି। ଆଶା କରୁଛି, ବିଜେଡି ଆଗାମୀ ଦିନରେ ଅଧିକ ଲୋକାଭିମୁଖୀ ହେବ।' ସୂଚନାଯୋଗ୍ୟ, ସୁନୀତା ୨୦୧୯ ମାର୍ଚ୍ଚ ୯ରେ ବିଜେଡିରେ ଯୋଗଦେଇଥିଲେ। ୨୦୧୯ ନିର୍ବାଚନରେ ସୁନ୍ଦରଗଡ଼ ଲୋକ ସଭା ଆସନରୁ ସୁନୀତା ବିଜେଡି ଟିକେଟରେ ଲଢ଼ି ପରାଜିତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଧର୍ମଭାବରେ ଚନ୍ଦ୍ର ଓ ଦ୍ୱିତୀୟସ୍ଥ ଶୁକ୍ର ଯୋଗୁ ଯାତ୍ରା, ବାଣିଜ୍ୟରୁ ଅର୍ଥଲାଭ ଅବଶ୍ୟମ୍ଭାବୀ। ପ୍ରିୟଜନଙ୍କ ସହ ମନୋମାଳିନ୍ୟ ଆଶଙ୍କା ରହିଛି। ଆଧ୍ୟାତ୍ମିକଗ୍ରହ ଶନିଙ୍କ ଆଶୀର୍ବାଦରୁ ଦେବଦର୍ଶନଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଆଲୋଚନା ପରିସର, ସଭାସମିତି, କଳା-ସାହିତ୍ୟ, ଭଜନସନ୍ଧ୍ୟା, ଗବେଷଣାଦି କାର୍ଯ୍ୟରୁ ପ୍ରଶଂସିତ ହେବେ।

**ବୃଷ**
ତୃତୀୟାଧିପ ଅଷ୍ଟମସ୍ଥ ଯୋଗୁ ସହକର୍ମୀଙ୍କ ସହ ସମ୍ପର୍କହାନି ଘଟିପାରେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମନସ୍ତାପର କାରଣ ହେବ। ଦୀର୍ଘଦିନର ବନ୍ଧୁଟି ପରିସ୍ଥିତି ଚାପରେ ପଡି ଦୂରେଇ ଯିବାର ସୂଚନା ରହିଛି। ପଡ଼ୋଶୀଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ବଳିପାରେ।

**ମିଥୁନ**
ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସେବାମନୋବୃତ୍ତି କାରଣରୁ ସାଙ୍ଗ ସାଥୀ ମେଳରେ ବେଶି ସମୟ କାଟିପାରନ୍ତି। ଆଜିର ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣି ପାରନ୍ତି। ପାରିବାରିକ କ୍ଷେତ୍ରରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହୋଇପାରେ।

**କର୍କଟ**
ଚତୁର୍ଥାଧିପ ଶୁକ୍ର ଏକାଦଶସ୍ଥ ଆପଣଙ୍କ ଲୋକପ୍ରିୟତାକୁ ବୃଦ୍ଧି କରିବା ସହ ସାମାଜିକ ସମ୍ମାନ ପ୍ରଦାନ କରିବ। ଆଜି ଆପଣ ପ୍ରତ୍ୟେକ କାମରେ, ବିବାଦରେ, ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇପାରନ୍ତି। ଅନ୍ୟମନସ୍କ ରହୁଥିବା କାରଣରୁ ବଜାର ସଉଦା କିଣିବାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି।

**ସିଂହ**
ରାଶିରେ ପାପଗ୍ରହ କେତୁ ସହିତ ମଙ୍ଗଳ ଆପଣଙ୍କୁ ଉତ୍ତେଜିତ କରି ଅଶାନ୍ତି ରଖିପାରେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ ହେବା ସହ ବସ୍ତ୍ରଭୂଷଣ ପ୍ରାପ୍ତି ଏବଂ ବନ୍ଧୁମିଳନ ଘଟିବ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ସମସ୍ୟାର ସମାଧାନ ଘଟିବାର ଆଶା ରହିଛି। ସାମୟିକଭାବରେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା**
କେନ୍ଦ୍ରସ୍ଥ ଚନ୍ଦ୍ର ଓ ଭାଗ୍ୟଭାବରେ ଶୁକ୍ର ଯୋଗୁ ମନ ଯେମିତି ଯାହା ଚାହୁଁଛି ଆଜି ତାହା ପାଇପାରିବେ। ଶନିଙ୍କ କୁପ୍ରଭାବରୁ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ଲାଗିରହିପାରେ। ବ୍ୟବସାୟ, ପରିବହନରେ ଲାଭବାନ୍ ହେବେ। ସ୍ନାୟବିକ ଦୁର୍ବଳତାର ଆଶଙ୍କାକୁ ଏଡି ହେବନାହିଁ।

**ତୁଳା**
ଗ୍ରହଙ୍କ ଅନୁକୂଳ ସ୍ଥିତିଜନିତ ସାମଗ୍ରିକ କ୍ଷେତ୍ରରେ ସଫଳତା ହାସଲ କରିବାର ସୌଭାଗ୍ୟ ଲାଭ କରିବେ। ଅର୍ଥ ସାଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ମାନ, ସମ୍ବର୍ଦ୍ଧନା ପାଇପାରନ୍ତି। ସ୍ୱାର୍ଥ ହାସଲ ନ ହୋଇପାରିବାରୁ ସମ୍ପର୍କୀୟମାନେ ସମାଲୋଚନା କରିବେ। ପରିବାର, ବାଣିଜ୍ୟ ବ୍ୟବସାୟ, ଯାତ୍ରା, କର୍ମାରମ୍ଭ ପାଇଁ ଦିନଟି ଶୁଭପ୍ରଦ ରହିବ।

**ବିଛା**
କୋଣଭାବସ୍ଥ ବଳହୀନ ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ଓ କର୍ମକ୍ଷେତ୍ରରେ ବିବାଦର ଆଶଙ୍କା ରହିଛି। କିନ୍ତୁ ଗଜକେଶରୀ ଯୋଗଜନିତ ସାମାଜିକ ସ୍ତରରେ ଆପଣଙ୍କ ସ୍ଥିତି ବେଶ୍ ଉନ୍ନତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ**
ରବି ଓ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି, ବନ୍ଧୁଦର୍ଶନରେ ଖୁସି ରହିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ। ହୋଟେଲ, ରେଷ୍ଟୁରାଣ୍ଟ, ବାଣିଜ୍ୟ ପ୍ରଭୃତିରେ ଲାଭବାନ୍ ହେବେ। ଦୀର୍ଘଦିନର ପରିକଳ୍ପିତ ନୂତନ କାମଟିଏ ଆରମ୍ଭ କରି ଆତ୍ମତୃପ୍ତି ଲାଭ କରିପାରନ୍ତି।

**ମକର**
କର୍ମାଧିପତିଙ୍କ ଶୁଭଦ୍ୱରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଅଧସ୍ତନ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଈର୍ଷାପରାୟଣ ବ୍ୟକ୍ତି ଶତ୍ରୁତା କରି କାର୍ଯ୍ୟରେ ପ୍ରତିରୋଧ ଘଟାଇପାରନ୍ତି। ଆର୍ଥିକ ଉନ୍ନତି ସହ ଅତିଥି ଚର୍ଚ୍ଚା, ଦୂରଯାତ୍ରା, ଆଇନ ଅଦାଲତ ପ୍ରଭୃତିରେ ସଫଳତା ମିଳିବ।

**କୁମ୍ଭ**
କର୍ମାଧିପତିଙ୍କ ଅଶୁଭତ୍ୱ ସାଙ୍ଗକୁ ଶନି ଓ ରାହୁଙ୍କ ସ୍ଥିତିଜନିତ ଉଦ୍ୟମ ସଫଳରେ ପ୍ରତିବନ୍ଧକ ଆସିବ। ଆଧ୍ୟାତ୍ମିକ ଗ୍ରହ ଶନି ସତ୍‌ସଙ୍ଗର ସାନ୍ନିଧ୍ୟ ଲାଭର ସୁଯୋଗ ଦେବେ। ଗୃହନିର୍ମାଣ, ଯାନ୍ତ୍ରିକ ଜିନିଷର ମରାମତି ଏବଂ ଗୃହୋପକରଣ କ୍ରୟ କରିବେ। ସାହିତ୍ୟ, ସାମ୍ବାଦିକତା ଏବଂ ସାଂସ୍କୃତିକ କାର୍ଯ୍ୟରେ ସୁଫଳ ପାଇବେ।

**ମୀନ**
ଗ୍ରହମାନଙ୍କ ଶୁଭସଂସ୍ଥାନଜନିତ ଯାତ୍ରା, ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ଦିନଟି ଭଲ। କିନ୍ତୁ ରାଶିରେ ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ଲାଗିରହିବ। ବନ୍ଧୁଙ୍କ ମାଧ୍ୟମରେ ନିଖୋଜ ବ୍ୟକ୍ତି, ଚୋରି ଜିନିଷର ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବେ।

ଆଜି ଜୁଲାଇ ୧୦ ତାରିଖ, ଆଷାଢ଼ ମାସର ବ୍ୟାସ ପୂର୍ଣ୍ଣିମା / ଗୁରୁ ପୂର୍ଣ୍ଣିମା ଗୁରୁବାର। ସର୍ବତ୍ର ଗୁରୁପୂଜା, ଅଦ୍ୟ ପୂର୍ଣ୍ଣିମାବିହିତ ଚନ୍ଦ୍ର ଉପବାସ, ଚତୁର୍ମାସ୍ୟା ଗୁରୁବାରବ୍ରତ, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୮ ଗତେ ଘ.୦୬.୧୦ ମଧ୍ୟେ, ଘ.୦୯.୪୦ ଗତେ ଘ.୧୧.୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ।

# ବିଧାୟକଙ୍କ କାର୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**ସିମୁଳିଆ, ୯।୭(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଜାମୁଝାଡ଼ି ନିକଟରେ ବୁଧବାର ପଶ୍ଚିମବଙ୍ଗ ହାୱଡ଼ାର ବିଧାୟକ ଗୌତମ ଚୌଧୁରୀଙ୍କ କାର୍ (ନଂ. ଡବ୍ଲ୍ୟୁବି୧୨କେ-୮୯୮୮) ଧକ୍କାରେ ସ୍କୁଟି ଚାଳକ ରାଧାକାନ୍ତ ଲେଙ୍କା (୫୬)ଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଘର ସ୍ଥାନୀୟ ସୋର ଥାନା ସାଜନପୁର ଅଞ୍ଚଳରେ। ବିଧାୟକ ନିଜ ପରିବାର ସହିତ ପୁରୀ ଦର୍ଶନ ସାରି ଫେରୁଥିବା ବେଳେ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ବିଧାୟକଙ୍କ କାରକୁ ଜବତ କରିଥିବା ବେଳେ ଚାଳକ ସମ୍ପିତ ସିଂରାୟଙ୍କୁ ଗିରଫ କରିଛି। ଏନେଇ ମାମଲା(ନଂ.୩୨୮/୨୫) ରୁଜୁ ହୋଇଛି।



# ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ବର ଯାହା କନିଆ**
**ତାକୁ ଗଢିଛି ଏ ଦୁନିଆ।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେସାକୁ ତେସା**
**ହାରାମଜାଦାକୁ ଟାଙ୍ଗିଆ ପଶା।**

ଯିଏ ଯେମିତି ବ୍ୟବହାର କରେ, ସିଏ ସେମିତି ବ୍ୟବହାର ପାଏ। କୃତଘ୍ନ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଣ୍ଟି ନକ୍ସଲ ଅପରେଶନର ଏଡିଜି ହେଲେ ସଞ୍ଜୀବ ପଣ୍ଡା

## ଆଇପିଏସ୍ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୯।୭(ସୁନିତ୍ ମିଶ୍ର): ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୧୯୯୪ ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ(ବିପିଏସ୍‌ପିଏ)ର ଟ୍ରେନିଂ ଏଡିଜି ଦାୟିତ୍ୱରେ ଥିଲେ। ବିପିଏସ୍‌ପିଏର ନିର୍ଦ୍ଦେଶକ ମଧ୍ୟ ରହିଥିଲେ। ତାଙ୍କୁ ଏବେ ଆଣ୍ଟି ନକ୍ସଲ ଅପରେଶନର ଏଡିଜି ଭାବେ ବଦଳି କରାଯାଇଛି। ଏହାସହ ସେ ସ୍ୱତନ୍ତ୍ର ଗୋଇନ୍ଦା ୱିଙ୍ଗସ୍‌ର ପରିଚାଳନା ଦାୟିତ୍ୱ କଥା ମଧ୍ୟ ବୁଝିବେ। ଏ ବିଷୟରେ ସମସ୍ତ ରିପୋର୍ଟ ସେ ସିଧାସଳଖ ଡିଜି ଏବଂ ଆଇଜି ପୋଲିସଙ୍କୁ ପ୍ରଦାନ କରିବେ। ଅନ୍ୟପଟେ ବିପିଏସ୍‌ପିଏ ଟ୍ରେନିଂ ଆଇଜିପି ଥିବା ୨୦୦୬ ବ୍ୟାଚ୍ ଆଇପିଏସ୍ ଅଫିସର ଅନୁପ କୁମାର ସାହୁଙ୍କୁ ଅତିରିକ୍ତ ଭାବେ ବିପିଏସ୍‌ପିଏର ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। କେନ୍ଦ୍ର ସହ ମିଶି ରାଜ୍ୟ ସରକାର ବର୍ତ୍ତମାନ ନକ୍ସଲମାନଙ୍କୁ ମୂଳପୋଛ କରିବାକୁ ଜୋର୍‌ଦାର ଉଦ୍ୟମ ଜାରି ରଖିଛି। ତେଣୁ ଏଭଳି ସ୍ଥିତିରେ ସଞ୍ଜୀବ ପଣ୍ଡାଙ୍କୁ ସରକାର ଗୁରୁଦାୟିତ୍ୱ ଦେଇଥିବା କୁହାଯାଉଛି।

ଅନ୍ୟପଟେ ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂହଙ୍କୁ ସ୍ପେଶାଲ ଇଣ୍ଟେଲିଜେନ୍ସ ୱିଙ୍ଗସ୍(ଏସ୍‌ଆଇଡବ୍ଲ୍ୟୁ), ଭୁବନେଶ୍ୱରର ଡିଆଇଜି ଭାବେ ଦାୟିତ୍ୱ ମିଳିଛି। ସେ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ(ଏସ୍‌ଡବ୍ଲ୍ୟୁଆର୍), କୋରାପୁଟର ଡିଆଇଜି ଭାବେ ଦାୟିତ୍ୱରେ ଥିଲେ। ସେହିପରି ଏସ୍‌ଆଇଡବ୍ଲ୍ୟୁ, ଭୁବନେଶ୍ୱରର ଡିଆଇଜି ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର କନୱର୍ ବିଶାଲ ସିଂହଙ୍କୁ ଦକ୍ଷିଣ ପଶ୍ଚିମାଞ୍ଚଳ, କୋରାପୁଟ ଡିଆଇଜି ଭାବେ ବଦଳି କରାଯାଇଛି। ଆଇପିଏସ୍ ସ୍ତରର ଅଦଳ ବଦଳ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଅଖିଳେଶ୍ୱର ଏବଂ ବିଶାଲଙ୍କ ପଦବୀ ଏପଟସେପଟ କରାଯାଇଛି। ଏହି ଦୁଇ ଆଇପିଏସ୍ ଅଫିସର ପୁରୀ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ଜଣେ ଅଭିଯୁକ୍ତଙ୍କ ହାଜତ ଭିତରେ ମୃତ୍ୟୁ ହୋଇଯିବା କାରଣରୁ ଅଖିଳେଶ୍ୱରଙ୍କୁ ପୁରୀ ଏସ୍‌ପି ପଦରୁ ହଟାଇ ଦିଆଯାଇଥିଲା। ଏହାପରେ ତାଙ୍କ ସ୍ଥାନରେ ବିଶାଲ ସିଂହଙ୍କୁ ପୁରୀ ଏସ୍‌ପି ଭାବେ ଦାୟିତ୍ୱ ମିଳିଥିଲା। ପରବର୍ତ୍ତୀ ସମୟରେ ବିଶାଲ ସିଂଙ୍କୁ ପୁରୀ ଏସ୍‌ପି ପଦରୁ ବଦଳି କରାଯାଇଥିଲା।

# ସିବିଆଇ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଚିଟ୍‌ଫଣ୍ଡ ମାମଲା

**କଟକ,୯।୭(କାର୍ତ୍ତିକ ସାହୁ)**

ଚିଟ୍‌ଫଣ୍ଡ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତରେ ସହଯୋଗ କରିବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମାମଲାର ପରବର୍ତ୍ତୀ ଶୁଣାଣିଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ବିଜେଡିର ପୂର୍ବତନ ଏମ୍‌ପି ଜେନାଙ୍କୁ ସିବିଆଇ ନୋଟିସ୍ ଜାରି କରି ଆଗାମୀ ୧୪ ତାରିଖରେ ହାଜର ହୋଇ ପକ୍ଷ ରଖିବାକୁ କୁହାଯାଇଥିଲା। ଚିଟ୍‌ଫଣ୍ଡ ମାମଲାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ରେକର୍ଡପତ୍ର ଯୋଗାଇ ଦେବାକୁ ପ୍ରାର୍ଥନା କରି ସେ ହାଇକୋର୍ଟରେ ଆବେଦନ କରିଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ପୂର୍ବରୁ ମଧ୍ୟ ହାଇକୋର୍ଟ ପୂର୍ବତନ ଏମ୍‌ପି ଜେନାଙ୍କ ସିବିଆଇ ମାମଲା ରଦ୍ଦ ଆବେଦନକୁ ଖାରଜ କରିଥିଲେ। ସିସୋର ଚିଟ୍‌ଫଣ୍ଡ ଠକେଇ ଘଟଣାରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଉକ୍ତ ମାମଲା ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିସୋର୍ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଜେନାଙ୍କୁ ସମନ କରିଥିଲା। ଏହି ମାମଲାରେ ଜେନାଙ୍କ ବିରୋଧରେ ସିବିଆଇକୁ ତଥ୍ୟ ମିଳିବା ପରେ ଜେନାଙ୍କ ବାଲେଶ୍ୱର ବାସଭବନ, ନୂଆଦିଲ୍ଲୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସମନ୍ ପାଇବା ପରେ ବି ବିଭିନ୍ନ କାରଣ ଦର୍ଶାଇ ଜେନା ସିବିଆଇରେ ହାଜର ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ଆଗୁଆ ଜାମିନ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭଦୋଦରାରେ ବ୍ରିଜ୍ ...

କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ମୃତକଙ୍କ ପରିବାରକୁ ପିଏମ୍ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାକୁ ଘୋଷଣା କରିଛନ୍ତି। ବିରୋଧୀ କଂଗ୍ରେସ ଏହାକୁ 'ଗୁଜରାଟ ମଡେଲ' କହି ଶାସକ ଭାଜପାକୁ କଟାକ୍ଷ କରିଛି। କେନ୍ଦ୍ରୀୟ ଗୁଜରାଟ ସହ ସୌରାଷ୍ଟ୍ର ଅଞ୍ଚଳକୁ ଯୋଡୁଥିବା ଗମ୍ଭୀରା ବ୍ରିଜ୍ ପାଦରା ସହର ନିକଟ ମଜପୁର ଗ୍ରାମରେ ରହିଛି। ୧୯୮୫ରେ ନିର୍ମିତ ଏହି ବ୍ରିଜ୍ ଉପର ଦେଇ ବୁଧବାର ସକାଳ ୭ଟା ୩୦ ମିନିଟ୍‌ରେ ଯାନବାହନଗୁଡ଼ିକ ଯାତାୟାତ କରୁଥିବାବେଳେ ଦୁଇଟି ପିଲାର ଉପରେ ଥିବା ଏହାର ଏକ ସ୍ଲାବ୍ ହଠାତ୍ ଖସିପଡ଼ିଥିଲା। ଫଳରେ ୨ଟି ଟ୍ରକ୍, ୨ ଭ୍ୟାନ୍, ଏକ ଅଟୋରିକ୍ସା ଓ ଅନ୍ୟ ଏକ ଦୁଇଚକିଆ ଗାଡ଼ି ନଦୀ ଭିତରକୁ ଖସିପଡ଼ିଥିବା ବଡ଼ୋଦରା ଜିଲାପାଳ ଅନିଲ ଧମେଲିୟା ସୂଚନା ଦେଇଛନ୍ତି। ଅନ୍ୟ ୨ଟି ଗାଡ଼ି ବ୍ରିଜ୍‌ରେ ଲଟକି ରହିଥିଲା, ଯାହାକୁ ଉଦ୍ଧାର କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ପାଣି ଭିତରକୁ ଖସିପଡ଼ି ପ୍ରାଣ ହରାଇଥିବା ୧୩ ଜଣଙ୍କ ମଧ୍ୟରୁ ଅଧିକାଂଶ ଭଦୋଦରା ଓ ଆଣନ୍ଦ ଜିଲାର।

ସେମାନଙ୍କ ମଧ୍ୟରୁ ବୈଦିକ ପଦିୟାର(୪୫), ନୈତିକ ପଦିୟାର(୪୫), ହସମୁଖ ପରମାର(୩୨), ରମେଶ ପଦିୟାର(୩୨), ୱାଖାସିଂ ଯାଦବ(୨୬) ଓ ପ୍ରବୀଣ ଯାଦବ (୨୬)ଙ୍କ ପରିଚୟ ସ୍ପଷ୍ଟ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ଭଉଣୀଭାଇ ଥିବା ମଧ୍ୟ କୁହାଯାଉଛି। ପୋଲିସ ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ଭଦୋଦରା (ଗ୍ରାମାଞ୍ଚଳ) ଏସ୍‌ପି ରୋହନ ଆନନ୍ଦ ସୂଚନା ଦେଇଛନ୍ତି। ଆହତମାନଙ୍କୁ ଭଦୋଦରାସ୍ଥିତ ଏସ୍‌ଏସ୍‌ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଟେଲଙ୍କ ସହ ଫୋନ୍‌ରେ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରକାଶ ଯେ, ୧୯୮୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାଧବ ସିଂ ସୋଲାଙ୍କିଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଅମଳରେ ନିର୍ମିତ ଗମ୍ଭୀରା ବ୍ରିଜ୍ ୪୦ ବର୍ଷ ପୁରୁଣା ହୋଇଥିବାରୁ ଦୁର୍ବଳ ହୋଇଯାଇଥିଲା। ସ୍ଥାନୀୟ ଭାଜପା ବିଧାୟକ ଚୈତନ୍ୟସିଂ ଜାଲା ଏକ ନୂତନ ବ୍ରିଜ୍ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ୨୧୨ କୋଟି ଟଙ୍କା ବ୍ୟୟରେ ନୂଆ ବ୍ରିଜ୍ ନିର୍ମାଣ ଲାଗି ସର୍ଭେ ଚାଲିଥିବାବେଳେ ଏହି ଦୁର୍ଘଟଣା ଘଟିଛି। କଂଗ୍ରେସ ବିଧାୟକ ଅମିତ୍ ଚଭଡ଼ା କହିଛନ୍ତି, ବ୍ରିଜ୍ ଦୁର୍ବଳ ଥିବା ନେଇ ବିରୋଧୀ ଦଳ ବାରମ୍ବାର ସରକାରଙ୍କୁ ଚେତାଇଥିଲା। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ପାଇଁ ଭାଜପା ସରକାର ଦାୟୀ। ଏହା ହେଉଛି ଗୁଜରାଟ ମଡେଲ। ଏହା ପୂର୍ବରୁ ମଧ୍ୟ ୨୦୨୨ରେ ଗୁଜରାଟର ମାଚ୍ଛୁ ନଦୀ ଉପରେ ଥିବା ବ୍ରିଟିଶ୍ ଅମଳର ଏକ କ୍ୟାବୁଲ ସସ୍‌ପେନ୍ସନ ବ୍ରିଜ୍ ଭୁଶୁଡ଼ିପଡ଼ିବାରୁ ଅନ୍ୟୂନ ୧୩୨ ଜଣଙ୍କ ପ୍ରାଣହାନି ଘଟିଥିଲା।

### ୫ମ, ୮ମ ଶ୍ରେଣୀ...

ସରକାର ପଦକ୍ଷେପ ନେଇଛନ୍ତି। ଏହି ପରିବର୍ତ୍ତନ ଶିକ୍ଷାର ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ, ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

ସୂଚନା ଅନୁଯାୟୀ, ଜାତୀୟ ଶିକ୍ଷା ନୀତି-୨୦୨୦ରେ କେନ୍ଦ୍ର ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଯେଉଁ ପିଲା ଫେଲ୍ ହେବେ, ସେମାନେ ସେହି ଶ୍ରେଣୀରେ ହିଁ ରହିବେ ବୋଲି ନିୟମ କରିଥିଲେ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେବା ପିଲାଙ୍କୁ ୨ମାସ ମଧ୍ୟରେ ପୁନଃପରୀକ୍ଷା ଲାଗି ସୁଯୋଗ ଦିଆଯିବ। ଯଦି ସେମାନେ ତଥାପି ପାସ୍ କରିପାରିବେ ନାହିଁ, ତେବେ ସେମାନଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯାଇପାରିବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବହିଷ୍କାର କରିପାରିବେ ନାହିଁ। ପିଲାଙ୍କ ମଧ୍ୟରେ ଶିକ୍ଷଣୀୟତାକୁ ଉନ୍ନତ କରିବା ଲାଗି କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏବଂ ସୈନିକ ସ୍କୁଲରେ ଏହି ନିୟମ ଲାଗୁ କରାଯାଇଥିଲା। ପରେ ଏହି ନିୟମକୁ ରାଜ୍ୟ ସରକାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଲାଗୁ କରିଛନ୍ତି।


झारखण्ड सरकार
GOVERNMENT OF JHARKHAND
हर हर महादेव
राजकीय श्रावणी मेला-2025
उद्घाटन समारोह
मुख्य अतिथि
श्री सुदिव्य कुमार
माननीय मंत्री, पर्यटन, कला संस्कृति, खेलकूद एवं युवा कार्य विभाग, नगर विकास एवं आवास विभाग, उच्च एवं तकनीकी शिक्षा विभाग
श्री संजय प्रसाद यादव
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग, उद्योग विभाग
श्री हफीजुल हसन
माननीय मंत्री, जल संसाधन विभाग, अल्पसंख्यक कल्याण विभाग
श्रीमती दीपिका पाण्डेय सिंह
माननीय मंत्री, ग्रामीण विकास विभाग, ग्रामीण कार्य विभाग,पंचायती राज विभाग
विशिष्ट अतिथि
डॉ. निशिकान्त दुबे
माननीय सांसद, गोड्डा लोकसभा क्षेत्र
श्री नलिन सोरेन
माननीय सांसद, दुमका लोकसभा क्षेत्र
श्री सुरेश पासवान
माननीय विधायक, देवघर विधानसभा क्षेत्र
श्री उदय शंकर सिंह
माननीय विधायक, सारठ विधानसभा क्षेत्र
श्री देवेन्द्र कुंवर
माननीय विधायक, जरमुण्डी विधानसभा क्षेत्र
श्रीमती किरण कुमारी
माननीय अध्यक्ष, जिला परिषद, देवघर
दिनांक: 10 जुलाई 2025 | समय:10:30 पूर्वाहन | स्थान: दुम्मा, देवघर
सूचना एवं जनसम्पर्क विभाग, झारखण्ड सरकार
PR-356937/IPRD/2025-26

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ । ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ । ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ । -ଶ୍ରୀମା

-ବ୍ୟାସ ଗୁରୁ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା



# ପ୍ରତିଷ୍ଠିତରୁ ପଛୁଆ



ଦେବଦତ୍ତ ପଟ୍ଟନାୟକ

ଏକଶତାବ୍ଦୀ ପୂର୍ବେ ଅନେକ ଗୋଷ୍ଠୀ ନିଜକୁ ବ୍ରାହ୍ମଣ ଓ କ୍ଷତ୍ରିୟ ଭାବେ ପରିଚୟ ଦେବାକୁ ଚାହୁଁଥିଲେ । ଏବେ କିନ୍ତୁ ଅନେକ ଗୋଷ୍ଠୀ ଅନ୍ୟ ପଛୁଆବର୍ଗ (ଓବିସି) ହେବା ପାଇଁ ଚାହୁଁଛନ୍ତି । ପୁରାତନ ବର୍ଣ୍ଣ ବ୍ୟବସ୍ଥା(ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅତି-ଶୂଦ୍ର କିମ୍ବା ପଞ୍ଚମ)ର ସ୍ଥାନ ନେଇଛି ଏବକାର ନୂତନ ଜାତି ବର୍ଗୀକରଣ(ସାଧାରଣ, ଓବିସି, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ) । କିନ୍ତୁ ସାଧାରଣ ନୀତି ବା ସିଦ୍ଧାନ୍ତ ସମାନ ରହିଛି । ଠିକ୍ ବର୍ଗରେ ରହିଲେ ତୁମେ କେତେକ ନିର୍ଦ୍ଦିଷ୍ଟ ଅଧିକାର ଓ ସଂରକ୍ଷଣ ପାଇବ । କିନ୍ତୁ ଏହା ମଧ୍ୟରେ ଏକ ବଡ଼ ପ୍ରଭେଦ ଅଛି । ଆରମ୍ଭରୁ ଏଭଳି ଗୋଷ୍ଠୀ ବର୍ଗୀକରଣର ଉଦ୍ଦେଶ୍ୟ ଥିଲା ତୁମେ କେମିତି ଉପରକୁ ଉଠି ନିଜକୁ ବିଶିଷ୍ଟ ବା ପ୍ରତିଷ୍ଠିତ କିମ୍ବା ପବିତ୍ର (ସଂସ୍କୃତୀକରଣ) ଭାବେ ପ୍ରତିପାଦିତ କରିବ । ବର୍ତ୍ତମାନର ବର୍ଗୀକରଣ ମାନେ ହେଉଛି ତୁମେ ନିଜକୁ ନୀଚ ଓ ଅବଦମିତ (ପଛୁଆ) ଭାବେ ଦର୍ଶାଇବା । ଭାରତରେ ଭିନ୍ନ ଭିନ୍ନ ବର୍ଗର ସମାଜ ରହିଥିଲେ ମଧ୍ୟ ସାମାଜିକ ବ୍ୟବସ୍ଥା ପୂର୍ବଭଳି ସମାନ ରହିଛି ।

ଭାରତରେ ପ୍ରାୟ ୩,୦୦୦ ଜାତି ଅଛି । ଅନେକ କ୍ଷେତ୍ରରେ ଏହା ବୃତ୍ତି ସହ ଜଡ଼ିତ( ଯଥା ବୁଣାକାର, କୁମ୍ଭକାର,ରଜକ ଇତ୍ୟାଦି) । ଏଭଳି ଜାତି ବର୍ଗୀକରଣ ଆମେ ତାମିଲ ସଙ୍ଗମ କାବ୍ୟରେ ମଧ୍ୟ ଦେଖିବାକୁ ପାଇଥାଉ । ସାରା ବିଶ୍ୱରେ ଉଚ୍ଚ-ନୀଚ ପଦାନୁକ୍ରମ ବ୍ୟବସ୍ଥା ରହିଛି, କିନ୍ତୁ ଭାରତର ଜାତି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ । କାରଣ ଜାତି ସହ ପବିତ୍ରତା, ସାମାଜିକ ପରମ୍ପରା ଓ ନିଜ ଜାତିରେ ବିବାହ ପ୍ରଥା ଜଡ଼ିତ । ଶୁଦ୍ଧ ଶାକାହାର ଖାଦ୍ୟ ଏବଂ ଖାଇବା ଅନୁପଯୋଗୀ ଅଶୁଦ୍ଧ ଖାଦ୍ୟ ଧାରଣା ଏବେ ମଧ୍ୟ ଏକବିଂଶ ଶତାବ୍ଦୀରେ ଜାତିର ସୂଚକ ଭାବେ ରହିଛି ।

ପାଖାପାଖି ୨,୦୦୦ ବର୍ଷ ପୂର୍ବେ, ବ୍ରାହ୍ମଣମାନେ ଯେତେବେଳେ ଧର୍ମଶାସ୍ତ୍ର ଲେଖିବା ଆରମ୍ଭକଲେ ସେହି ସମୟରେ ସେମାନେ ସାମାଜିକ ବର୍ଗୀକରଣ ବା ବିଭାଜନ ଆରମ୍ଭ କରିଥିଲେ । ସେତିକିବେଳେ ଚତୁଃବର୍ଣ୍ଣ ବ୍ୟବସ୍ଥା ଗଢ଼ିଉଠିଥିଲା ଏବଂ ପୁରୁଣା କର୍ମକାଣ୍ଡ ରୀତିନୀତି ମାଧ୍ୟମରେ ସମାଜକୁ ବ୍ୟାପିଥିଲା । ଏହି ବର୍ଗୀକୃତ ଗୋଷ୍ଠୀର ଶୀର୍ଷରେ ଥିଲେ ବ୍ରାହ୍ମଣ । ବ୍ରାହ୍ମଣଙ୍କୁ ସାହାଯ୍ୟ କରୁଥିଲେ ଭୂମି ମାଲିକ ଗୋଷ୍ଠୀ( କ୍ଷତ୍ରିୟ, ଠାକୁର ଓ ରାଜପୁତ) ଏବଂ ବଣିକ ଗୋଷ୍ଠୀ (ବୈଶ୍ୟ, ବଣିକ ଓ ବ୍ୟାପାରୀ) ସବୁ । ବ୍ରାହ୍ମଣଙ୍କ ଭଳି



ଏମାନେ ଥିଲେ ବିଶିଷ୍ଟ ଗୋଷ୍ଠୀ, ଯେଉଁମାନେ ଦ୍ୱିଜ ଭାବେ ଜଣାଶୁଣା । ଏହି ଶବ୍ଦକୁ ଖ୍ରୀଷ୍ଟାବ୍ଦ ୨୦୦ ପରେ ମନୁସ୍ମୃତିରେ ଅଧିକ ଦର୍ଶାଯାଇଛି । ଏହିସବୁ ବର୍ଣ୍ଣ ପରେ ଅବଶିଷ୍ଟ ଯାହା ରହିଲେ ସେମାନେ ଥିଲେ ଶୂଦ୍ର । ଏହି ବର୍ଣ୍ଣ ବ୍ୟବସ୍ଥା ଭାରତର ଲୋକଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରିଥିଲା । ପ୍ରତି ଗାଁରେ କେବଳ ଏହି ୪ଟି ଗୋଷ୍ଠୀ ଥିଲେ । ଉଦାହରଣ ସ୍ୱରୂପ, ଗାଁରେ ହେଉଥିବା ଉତ୍ପାଦନର କିଛି ଭାଗ କିଭଳି ଗାଁ ମନ୍ଦିରର ତତ୍ତ୍ୱାବଧାରକ (ନର୍ତ୍ତକୀ, ଝାଡୁଦାର, ମାଳୀ ଓ ପୂଜକ (ବ୍ରାହ୍ମଣ କିମ୍ବା ଅଣ ବ୍ରାହ୍ମଣ(ଗୁରୁ)ହୋଇପାରନ୍ତି)ଙ୍କୁ ଦିଆଯାଉଥିଲା, ତାହାର ବିବରଣୀ ମହାରାଷ୍ଟ୍ରରୁ ମିଳିଥିବା ଶିଳାଲେଖରୁ ଜଣାଯାଏ । ଗୋଟିଏ ଗାଁର ଧନକୁ ଏହିଭଳି ଭାବେ ଗ୍ରାମର ବିଭିନ୍ନ ଜାତିର ଲୋକଙ୍କ ମଧ୍ୟରେ ଭାଗ କରାଯାଉଥିଲା । ଗୋଟିଏ ଜାତି ବା ସମ୍ପ୍ରଦାୟର ଅଧିକାର ଯେଭଳି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ସମାଜରେ ନିଜ ଜାତି ମଧ୍ୟରେ ବିବାହ ପ୍ରଚଳିତ ଥିଲା । ଗ୍ରାମ ବାହାରର କୌଣସି ଲୋକଙ୍କୁ ଗାଁର ଧନରେ ଭାଗୀଦାର ହେବାକୁ ଅନୁମତି ମିଳୁ ନ ଥିଲା । ଏହା ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ସିଦ୍ଧ ହୁଏ । ୧,୬୦୦ ବର୍ଷ ପୂର୍ବରୁ, ଭାରତରେ ଗୋଟିଏ ଜାତି ଅନ୍ୟ ଜାତିରେ ବିବାହ ନ କରିବାର ଏକ ବିଚିତ୍ର ଧାରା ପ୍ରଚଳିତ ରହିଆସିଛି ।

ବେଦ ନିର୍ଦ୍ଧାରିତ ସାମାଜିକ ବର୍ଗୀକରଣ ବ୍ୟବସ୍ଥାକୁ ଇଂରେଜମାନେ ଗ୍ରହଣ କରିଥିଲେ । କୁହାଯାଏ ସେମାନେ ହିନ୍ଦୁଙ୍କ ପାଇଁ ବାଇବେଲ ଭଳି ସମାନ ଗ୍ରନ୍ଥ ଖୋଜୁଥିଲେ । କିନ୍ତୁ ତାହା ସତ୍ୟ ନୁହେଁ । ପଣ୍ଡିତମାନେ ଏବେ କହୁଛନ୍ତି, ବ୍ୟବସ୍ଥା ଗୁପ୍ତବଂଶର ଶାସନ ସମୟରୁ ସୃଷ୍ଟି ହୋଇଥିଲା । ଏହି ସମୟରେ ଭାରତର ଆର୍ଥିକ ଢାଞ୍ଚା ଅଧିକ ବ୍ୟାପାରିକ-ଆଶ୍ରମ(ମଠ) କୈନ୍ଦ୍ରିକ ବଦଳରେ ଅଧିକ କୃଷକ-ବ୍ରାହ୍ମଣ ଭିତ୍ତିକ ହୋଇପାରିଥିଲା । ଖ୍ରୀଷ୍ଟାବ୍ଦ ୩୦୦ ପରବର୍ତ୍ତୀ ସମୟର ତାମ୍ରପତ୍ର ଲେଖାରୁ ଜଣାପଡ଼େ, ସାରା ଭାରତରେ ବିଶେଷକରି ଦକ୍ଷିଣରେ ବ୍ରାହ୍ମଣ ସମ୍ପ୍ରଦାୟକୁ ଭୂମିଦାନ ଦିଆଯାଉଥିବା ବିଷୟ ଉଲ୍ଲେଖ ରହିଛି । ଚତୁଃବର୍ଣ୍ଣ ବ୍ୟବସ୍ଥା ବିଳମ୍ବରେ ପ୍ରକାଶିତ ଋଗ୍‌ବେଦରେ କେବଳ ଦେଖିବାକୁ ମିଳେ । ଏହି ସମୟରେ ଲେଖାରେ ବ୍ରାହ୍ମଣ ଓ ଶୂଦ୍ର ଶବ୍ଦ ବ୍ୟବହାର କରାଯାଇଛି । ଅବଶିଷ୍ଟ ବୈଦିକ ଶାସ୍ତ୍ରରେ ବିଭାଜନ ପ୍ରାୟତଃ ୩ ସ୍ତରର ରହିଥିବାବେଳେ ସେଥିରେ କୌଣସି ପଦାନୁକ୍ରମ ନାହିଁ । ଏହା ସମ୍ପୂର୍ଣ୍ଣ ସମ୍ଭବ ଯେ, ଋଗ୍‌ବେଦରେ ପରେ ବ୍ରାହ୍ମଣଙ୍କ ନିୟମ ସଂହିତା ଦ୍ୱାରା ନିଜ ଜାତି ମଧ୍ୟରେ ବିବାହ ପରମ୍ପରାକୁ ଯୋଡ଼ାଯାଇଥିଲା । ଊନବିଂଶ ଶତାବ୍ଦୀରେ ନେପାଳୀ ହିନ୍ଦୁ ନିୟମ ପୁସ୍ତିକା ମୁଲୁକି ଆଇନରେ କ୍ଷମତା ଓ ସୁବିଧାସୁଯୋଗର ର୍‍ୟାଙ୍କିଙ୍ଗ୍ ଦେଖିବାକୁ ମିଳେ । କାହା ହାତରୁ ପାଣି ପିଇବ ଏବଂ କାହା ହାତରୁ ପାଣି ପିଇବ ନାହିଁ, ଏହି ଆଧାରରେ ଜାତିର ବର୍ଗୀକରଣ କରାଯାଇଥିଲା । ବାଲି ହିନ୍ଦୁ ଦ୍ୱୀପରେ ମଧ୍ୟ ଏହା ଦେଖିବାକୁ ମିଳେ, ଯେଉଁଠି ଆନ୍ତଃ ଜାତି ବିବାହକୁ ନେଇ କଠୋର ନିୟମ ଅଛି ।

ଜାତିଗତ ର୍‍ୟାଙ୍କିଙ୍ଗ୍ ବିଶେଷକରି ପରିବର୍ତ୍ତନୀୟ ଥିଲା । ବୀର ସମ୍ପ୍ରଦାୟ କିଛି ବ୍ରାହ୍ମଣଙ୍କ ସମର୍ଥନରେ ସହଜରେ 'କ୍ଷତ୍ରିୟ' ମାନ୍ୟତା ପାଇପାରୁଥିଲେ । ତେଲଙ୍ଗାନାର କ୍ଷତ୍ରିୟ ରାଜାମାନେ ନିଜକୁ ଶୂଦ୍ର ଭାବେ ଶିଳାଲେଖରେ ଦର୍ଶାଉଥିଲେ । କନ୍ନଡ଼ ରାଜାମାନେ ବ୍ରାହ୍ମଣ ଜାତିର ବୋଲି ଦାବି କରିଥିଲେ । ପ୍ରାକ୍ ମୋଗଲ ସମୟରେ, ରାଜପୁତ ବଂଶ ସେମାନଙ୍କ ମାନ୍ୟତା ପାଇଁ ଚାରଣ ଭାଟଙ୍କ ଉପରେ ନିର୍ଭର କରୁଥିଲେ । ପରେ ପୁରାତନ ସୂର୍ଯ୍ୟ ଓ ଚନ୍ଦ୍ର ବଂଶଜ ଭାବେ କ୍ଷତ୍ରିୟ ମାନ୍ୟତା ପାଇବାକୁ ବ୍ରାହ୍ମଣଙ୍କ ସମର୍ଥନ ଅଧିକ ନେଇଥିଲେ ଓ ଏଥିପାଇଁ ସେମାନଙ୍କୁ ଜମି ଦାନ ଦେଇଥିଲେ । ଅଷ୍ଟାଦଶ ଶତାବ୍ଦୀରେ, ମାଛଖିଆ ବ୍ରାହ୍ମଣ ଶାକାହାରୀ ବ୍ରାହ୍ମଣ ମାନ୍ୟତା ପାଇବେ କି ନାହିଁ କିମ୍ବା ମରାଠା ରାଜାଙ୍କର ରାଜପୁତ ବଂଶ ସହ ସମ୍ପର୍କ ଅଛି ନା ନାହିଁ, ତାହା ସବୁ କାଶୀ ବ୍ରାହ୍ମଣମାନେ ହିଁ ସ୍ଥିର କରୁଥିଲେ ।

ଏବେ ଆମେ ଯେଉଁ ଜାତି ସମ୍ପର୍କରେ ଜାଣିଛେ, ତାହାକୁ ଇଂରେଜମାନେ ଦସ୍ତାବିଜ୍‌କରଣ ବା ରେକର୍ଡ କରିଥିଲେ ବୋଲି ଅଭିଯୋଗ ଉଠେ । ପ୍ରତ୍ୟେକ ହିନ୍ଦୁଙ୍କୁ ଏକ ବର୍ଣ୍ଣ ବା ଜାତି ମଧ୍ୟରେ ରହିବାକୁ ପଡ଼ିଲା । ଏହା କାୟସ୍ଥ (କରଣ) ଏବଂ ବୈଦ୍ୟ ମହୁଦାୟ ପାଇଁ ସମସ୍ୟା ସୃଷ୍ଟି କରିଥିଲା, ଯେଉଁମାନେ ପ୍ରତିଷ୍ଠିତ (ଦ୍ୱିଜ) ଥିଲେ, ବ୍ରାହ୍ମଣ କିମ୍ବା କ୍ଷତ୍ରିୟ ନ ଥିଲେ । ତେବେ ବ୍ରାହ୍ମଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖାଉଥିଲେ । ତେବେ ଏହିସବୁ ପରିବର୍ତ୍ତନ ଗୋଟିଏ ବର୍ଗକୁ ଛୁଇଁପାରି ନ ଥିଲା । ଅସ୍ପୃଶ୍ୟ ଓ ଆଦିବାସୀ ଯେଉଁମାନେ ପରିମଳ, ଖେଉରେ, ମୃତଦେହ, ଶ୍ମଶାନ, ଚମଡ଼ା ଓ ଅସ୍ଥି କାର୍ଯ୍ୟ ସହ ଜଡ଼ିତ ଥିଲେ ସେମାନଙ୍କୁ ଗାଁ ବାହାର ସୀମାରେ ରହିବାକୁ ବାଧ୍ୟ କରାଯାଉଥିଲା ।

-devduttofficial@gmail.com

# ଯାଞ୍ଚ ବିଭ୍ରାନ୍ତିକର ନ ହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଚାଲିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ(ଏସ୍‌ଆଇଆର୍) ଅଭିଯାନକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ଅଯଥାର୍ଥ ନୁହେଁ ବୋଲି କୁହାଯାଇପାରେ । ବିଶେଷ କରି ଏହାର ସମୟ ଏବଂ କଠୋର ମାନଦଣ୍ଡ ସମାଲୋଚନାର ଶରବ୍ୟ ହେବା ସ୍ୱାଭାବିକ । ବର୍ଷାଦିନ ଆରମ୍ଭ ହୋଇଯାଇଛି ଓ ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ । ଏତିକିବେଳେ ସ୍ୱଳ୍ପ ସମୟର ଅବଧିରେ ଲକ୍ଷ ଲକ୍ଷ ଘର ବୁଲି ଭୋଟର ତାଲିକା ସଂଶୋଧନ କରିବା ନିୟୋଜିତ କର୍ମଚାରୀଙ୍କ ପାଇଁ ଏକ ଜଟିଳ ବ୍ୟାପାର ହୋଇପାରେ । ଭୋଟର ଯାଞ୍ଚ ପାଇଁ ଥିବା କଠୋର ମାନଦଣ୍ଡରେ ଭୁଲ୍‌ବଶତଃ ଅନେକ ଲକ୍ଷ ଭୋଟଦାତା ବାଦ୍ ପଡ଼ିବା ଆଶଙ୍କା କରାଯାଏ । ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି, କେବଳ ସାଧାରଣ ବାସିନ୍ଦା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ହେବେ; ଯାହାକି ବିରୋଧୀ ଦଳଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି । ବିରୋଧୀଦଳଗୁଡ଼ିକ ପକ୍ଷରୁ ଦର୍ଶାଯାଇଛି, ଏସ୍‌ଆଇଆର୍ ପ୍ରବାସୀ ବା ଦେଶାନ୍ତର ଭୋଟଦାତାଙ୍କ ପାଇଁ ଅତ୍ୟନ୍ତ ଜଟିଳ ହୋଇପାରେ । ଉଲ୍ଲେଖଯୋଗ୍ୟ , ବିହାରର ମୋଟ ଭୋଟଦାତାଙ୍କ ସଂଖ୍ୟାର ପ୍ରାୟ ୨୦ ପ୍ରତିଶତ ହେଉଛନ୍ତି ଦେଶାନ୍ତର ବା ପ୍ରବାସୀ ଶ୍ରମିକ । ଯାଞ୍ଚ ସମୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପାରେ । ଭୋଟର ତାଲିକା ଯାଞ୍ଚର ଅନ୍ତିମ ସମୟସୀମା ଚଳିତ ମାସ ୨୫ତାରିଖ ଧାର୍ଯ୍ୟହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଭୋଟର ତାଲିକାରୁ ବାଦ୍ ପଡ଼ିବା ଅଧିକ ଆଶଙ୍କା ରହିଛି । ଉଲ୍ଲେଖଯୋଗ୍ୟ, ଲୋକ ପ୍ରତିନିଧି ଆଇନ-୧୯୫୦ରେ ବ୍ୟବସ୍ଥା ରହିଛି, ଜଣେ ଭୋଟର ସାମୟିକ ଭାବେ ତାଙ୍କ ବାସସ୍ଥାନରେ ଅନୁପସ୍ଥିତ ରହିଥିଲେ, ଭୋଟର ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇପାରିବ ନାହିଁ । ଭୋଟର ତାଲିକା ଯାଞ୍ଚ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଏ କ୍ଷେତ୍ରରେ ନମନୀୟ ଭାବେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । କିନ୍ତୁ ନିଃସନ୍ଦେହ ଯେ, ଯେଉଁ ପ୍ରବାସୀ ଶ୍ରମିକମାନେ ନିଜ ବାସସ୍ଥାନରେ ଦିନ ଦିନ ଧରି ଅନୁପସ୍ଥିତ ରହିଛନ୍ତି, ସେମାନଙ୍କ ପାଇଁ ଏହା ଅଧିକ ଜଟିଳ ହୋଇ ପାରେ । ବିହାରର ସଂଖ୍ୟାଧିକ ପ୍ରାପ୍ତ ବୟସ୍କ ଯେଉଁମାନେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ, ବିଶେଷକରି ପୁରୁଷ ଭୋଟର କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଇଥାନ୍ତି । ବିହାର ହେଉଛି ଏକ ରାଜ୍ୟ, ଯେଉଁଠାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟଦାତାଙ୍କ ମତଦାନ ହାର ଅଧିକ । ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାଯାଇଛି, ପ୍ରତି ୧୦୦୦ ପୁରୁଷ ମତଦାତା ହାରରେ ମହିଳା ଭୋଟରଙ୍କ ମତଦାନ ହାର ୧୦୭୫.୫ । ଏହାର କାରଣ ହେଉଛି, ନିଜ ଜନ୍ମସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିଥିବା ପୁରୁଷ ଭୋଟଦାତା ରାଜ୍ୟ ବାହାରେ କାମ କରୁଥିବାରୁ ଭୋଟ ଗ୍ରହଣ ଦିନ ଫେରିବାକୁ ଅସମର୍ଥ ହୋଇଥାଆନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ଭୋଟ ହାର ଏହା ପ୍ରମାଣିତ କରୁଛି । କିନ୍ତୁ ବାସ୍ତବରେ ରାଜ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ଅଧିକ । ପ୍ରତି ୧୦୦୦ ପୁରୁଷ ଭୋଟର ସଂଖ୍ୟାରେ ମହିଳାଙ୍କ ସଂଖ୍ୟା ହେଉଛି ୯୧୫.୫ ।

ନିଜ ଜନ୍ମସ୍ଥାନରେ ବର୍ଷ ବର୍ଷ ଧରି ଅନୁପସ୍ଥିତ ଥିବା ଏବଂ ସାମୟିକ ଅନୁପସ୍ଥିତ ଥିବା ଭୋଟଦାତାଙ୍କୁ ଚିହ୍ନଟ କରିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ କଷ୍ଟକର । ଆହୁରି ମଧ୍ୟ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ଥିବା ଭୋଟର ସେମାନଙ୍କ ନାମ ରହୁଥିବା ସ୍ଥାନରେ ପଞ୍ଜୀକରଣ କରିଛନ୍ତି କି ନାହିଁ, ସେ ନେଇ ନିର୍ବାଚନ କମିଶନ ନିଶ୍ଚିତ ହେବା ଆବଶ୍ୟକ । ନାଗରିକ ଭାବେ ନିର୍ବାଚନ କମିଶନ ଏ କ୍ଷେତ୍ରରେ ଭାରସାମ୍ୟ ରକ୍ଷାକରିବା ଜରୁରୀ । ତେଣୁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ଅଭିଯାନ ବା ଚିହ୍ନଟ ପ୍ରକ୍ରିୟା ପାଇଁ ମାତ୍ର ଗୋଟିଏ ମାସ ନୁହେଁ, ଅଧିକ ସମୟ ଆବଶ୍ୟକ । ଏ ନେଇ ନିର୍ବାଚନ କମିଶନ ଅଧିକ ସମୟ ସ୍ଥିର କରିବା ଜରୁରୀ । ଭୋଟର ତାଲିକା ଯାଞ୍ଚ ପାଇଁ ଘରକୁ ଘର ନିୟୋଜିତ କର୍ମଚାରୀ(ବିଏଲ୍‌ଓ)ମାନେ ଘରକୁ ଘର ବୁଲି ଭୋଟରଙ୍କ ଆଇଡି ଯାଞ୍ଚ ସଂଗ୍ରହଣ କରିବା ଆବଶ୍ୟକ । କିନ୍ତୁ ସେଗୁଡ଼ିକୁ ସ୍କାନ୍ କରି ଅପ୍‌ଲୋଡ୍ କରିବା ପାଇଁ ମାତ୍ର ୧ସପ୍ତାହ ସମୟ ଦିଆଯାଉଥିବାରୁ ତାହା ଗରିବ, ପ୍ରବାସୀ ଶ୍ରମିକଙ୍କ ପାଇଁ ସମ୍ଭବ ନୁହେଁ । ଏହାର ପରିଣତି ସ୍ୱରୂପ ଏଗାରିକୁ ଅଧିକ ବିହାରର ସ୍ଥାୟୀ ବାସିନ୍ଦା ଭୋଟର ତାଲିକାରୁ ବାଦ୍ ପଡ଼ିପାରନ୍ତି ବୋଲି ଆକଳନ କରାଯାଏ ।

ଗାଙ୍ଗୋତ୍ରୀନଗର,
ଶିଶୁପାଳଗଡ଼,ଭୁବନେଶ୍ୱର
ମୋ: ୭୯୭୮୬୭୬୪୦୩

## ଏଇ ଭାରତରେ

ପିଲାଙ୍କୁ ଡାକ୍ତର କରିବା ପାଇଁ ଅଭିଭାବକମାନେ ଅତ୍ୟଧିକ ଚେଷ୍ଟା କରୁଛନ୍ତି । ପିଲାମାନେ ମଧ୍ୟ ଏଥିପାଇଁ ଦିନରାତି ଏକ କରିଦେଉଛନ୍ତି । କିନ୍ତୁ ଜଣେ ଛାତ୍ରୀ ଡାକ୍ତର ହେବା ପରେ ତାହାକୁ ଛାଡ଼ି ବନାଗ୍ନି ସମସ୍ୟା ସମାଧାନ ପାଇଁ ଆଗକୁ ଆସିଛନ୍ତି । ଏହି ମହିଳା ଡାକ୍ତର ହେଉଛନ୍ତି ଉତ୍ତରାଖଣ୍ଡର ଡ. ମେଘା ସକ୍‌ସେନା । ଉତ୍ତରାଖଣ୍ଡର ପାଇନ ଗଛ ନିଡ଼ଲ୍ (ଛୁଞ୍ଚି ଭଳି ପତ୍ର) ଝଡ଼ି ବହୁ ସମୟରେ ବନାଗ୍ନିର କାରଣ ପାଲଟିଥାଏ । ଏହାର ସମାଧାନ ପାଇଁ ସେ ପାଇନ ନିଡ଼ଲ୍ ବର୍ଜ୍ୟକୁ ବ୍ୟବହାର ଯୋଗ୍ୟ ବାୟୋଚାର୍ ଆଧାରିତ ଅର୍ଥାତ୍ ଅଙ୍ଗାର ଭଳି ଜୈବ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି, ଯାହା ମାଟିର ଉର୍ବରତା ବଢ଼ାଇବାରେ ସାହାଯ୍ୟ କରୁଛି । ଏହା ବ୍ୟତୀତ ନିଡ଼ଲ୍ ବର୍ଜ୍ୟରୁ ଉଦ୍ ଭିନେଗାର ସବୁ ପ୍ରସ୍ତୁତ କରୁଛନ୍ତି ଏବଂ ଏହା କୀଟନାଶକଭାବେ ବ୍ୟବହାର ହେଉଛି । ଏହା ସହ ପାଇନ ବର୍ଜ୍ୟ ସହିତ ଅନ୍ୟ ଖାଦ୍ୟଶସ୍ୟ ମିଶାଇ କୁକୁଡ଼ା ଓ ମାଛ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ସେ ଇକୋଚାର ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାମ କରୁଛନ୍ତି ଏବଂ ଏହାକୁ ସେ ୨୦୧୧ରେ ପ୍ରତିଷ୍ଠା କରିଥିଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜୁଲାଇ ୧୯୭୬

- ରାଜ୍ୟର ଐତିହାସିକ ଅଂଶୁପା ହ୍ରଦର ଉନ୍ନୟନ ସକାଶେ ୧୯ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ସ୍ଥିର କରାଯାଇଛି ।
- ପଶ୍ଚିମ ଜର୍ମାନୀର ପୂର୍ବତନ ରାଷ୍ଟ୍ରପତି ପ୍ରୁଥାଫ୍ ହାନେମାନଙ୍କ ପରଲୋକ ।

# ଦେଶ ବିକାଶରେ ମତ୍ସ୍ୟ କ୍ଷେତ୍ର



ପ୍ରକାଶ ତ୍ରିପାଠୀ

ଆଜିର ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ । ୧୯୫୭ ଜୁଲାଇ ୧୦ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା । ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡ. କେ. ଏଚ୍. ଆଲିକୁନି ଏବଂ ଡ. ହିରାଲାଲ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶାର ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା । ଏହି ମହତ୍ତ୍ୱପୂର୍ଣ୍ଣ ସଫଳତାକୁ ମନେରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ । ମତ୍ସ୍ୟ କ୍ଷେତ୍ରକୁ ନୂତନ ଜ୍ଞାନକୌଶଳଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ ।

ମତ୍ସ୍ୟଚାଷ ଏବଂ ଜଳକୃଷି କ୍ଷେତ୍ର ଦେଶର ଖାଦ୍ୟ ସୁରକ୍ଷା, ପୁଷ୍ଟିଯୋଗାଣ, ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ଭାବରେ ଉଭା ହୋଇଛି । ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଅଧିକ ସମର୍ଥନ କରିବାର ଆବଶ୍ୟକତାକୁ ସ୍ୱୀକାର କରି, ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଏକ କେନ୍ଦ୍ରୀୟ କ୍ଷେତ୍ର ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନାକୁ ଅନୁମୋଦନ କରିଛନ୍ତି । ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ମତ୍ସ୍ୟଚାଷକୁ ସୁଦୃଢ଼ କରି, ମୂଲ୍ୟ ଶୃଙ୍ଖଳା, ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ଭାରତୀୟ ମତ୍ସ୍ୟଜାତ ଉତ୍ପାଦର ବିପୁଳ ଆଣିବାର ସମ୍ଭାବନା ସୃଷ୍ଟି କରିଛି । ଭାରତ ହେଉଛି ତୃତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜଳକୃଷି ମାଛ ଉତ୍ପାଦନକାରୀ ଦେଶ । ବିଶ୍ୱ ମାଛ ଉତ୍ପାଦନରେ ଭାରତର ଅବଦାନ ପ୍ରାୟ ସାତ ଭାଗ । ମତ୍ସ୍ୟଚାଷରେ ନିବେଶ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଜାତୀୟ ମାଛ ଉତ୍ପାଦନ ୨୦୨୩-୨୪ରେ ସର୍ବକାଳୀନ ସର୍ବାଧିକ ୧୮୪.୦୨ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି; ଯାହାକି ବିଗତ ଦଶବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ଅଧିକ । ସେହିପରି ବିଗତ ଦୁଇ ଦଶନ୍ଧିରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରାୟ ଦଶ ଗୁଣ ବୃଦ୍ଧି ପାଇଛି । ୨୦୦୩-୦୪ରେ ରପ୍ତାନି ମୂଲ୍ୟ ୬୦୯.୯୫ କୋଟି ଟଙ୍କା ଥିଲା ବେଳେ ବିଶ୍ୱ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ୧୭. ୮୧୬ ଲକ୍ଷ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି, ଯାହାର ମୂଲ୍ୟ ୬୦୫୨୩.୮୯ କୋଟି ଟଙ୍କା ।

ଭାରତ ବିଭିନ୍ନ ଜଳ ସମ୍ପଦ ଏବଂ ମତ୍ସ୍ୟ ପ୍ରଜାତିରେ ସମୃଦ୍ଧ । ଏହା ଦୁଇ ହଜାରରୁ ଅଧିକ ପ୍ରଜାତିର ମାଛର ଆବାସସ୍ଥଳ । ପ୍ରାକୃତିକ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସଂରକ୍ଷଣ ହାସଲ କରିବା ପାଇଁ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ, ଗବେଷକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଏବଂ ଜଳଜ ସମ୍ପଦ ଉପରେ ଜ୍ଞାନ ପ୍ରସାରଣ ମାଧ୍ୟମରେ ଏହାକୁ ଅଧିକ ସମୃଦ୍ଧଶାଳୀ କରାଯାଇଛି । ବିଶ୍ୱ ୧୩୨ଟି ଦେଶକୁ ୫୦ରୁ ଅଧିକ ବିଭିନ୍ନ ପ୍ରକାରର ମାଛ ରପ୍ତାନି କରୁଥିବା ଭାରତ ବର୍ତ୍ତମାନ କୃଷି ରପ୍ତାନିରେ ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ଉଭା ହୋଇଛି । ଜାତୀୟ ମତ୍ସ୍ୟପାଳନ ଡିଜିଟାଲ ପ୍ଲାଟଫର୍ମ ହେଉଛି ଭାରତ



ସରକାରଙ୍କ ମତ୍ସ୍ୟପାଳନ ବିଭାଗ ଦ୍ୱାରା ହାତକୁ ନିଆଯାଉଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହା ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ, ନୀତିଗଠନ ଏବଂ ସହଭାଗିତା ଏବଂ ସହଯୋଗକୁ ସହଜ କରିବା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରମାଣ-ଆଧାରିତ ମତ୍ସ୍ୟପାଳନ ପରିଚାଳନା ପାଇଁ ମୂଳଦୁଆ ପକାଇବ । ୨୦୨୫-୨୬ ବଜେଟ ଘୋଷଣା ରଣନୀତିକ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କଷ୍ଟ ଦୂର୍ତି ହ୍ରାସ କରି ଚାଷୀଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ପ୍ରଦାନ କରେ । ଭାରତ ସରକାର ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ ମତ୍ସ୍ୟଜୀବୀଙ୍କ ପାଇଁ ଋଣ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ କିଷାନ କ୍ରେଡିଟ କାର୍ଡ (କେସିସି)ଋଣ ସୀମା ତିନିଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି; ଯାହାକି ସାଧାରଣ ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି ।

ସେହିପରି ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏକ ଉନ୍ନତ ରାଜ୍ୟ । ୭.୦୮ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୫୭୫କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶା ମତ୍ସ୍ୟ ସମ୍ପଦ ସମୃଦ୍ଧ । ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । ବିଗତ ପାଞ୍ଚବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି । ଆମ ରାଜ୍ୟରେ ମାଛ ଉତ୍ପାଦନ ବିଗତ ୫ ବର୍ଷରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି । ବିଗତ ଦୁଇ ଦଶନ୍ଧିରେ ଜାତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି । ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ । ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଯୋଗୁ ଆମ ରାଜ୍ୟ ମାଛ ଉତ୍ପାଦନରେ ପ୍ରଗତି ହାସଲ କରିପାରିଛି । ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟିରେ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରିପାରିଛି । ଜାତୀୟ ସ୍ତରରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ୧୩.୧୦ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ଏହା ୧୮.୩୩ କିଲୋଗ୍ରାମ । ବୈଦେଶିକ ମୁଦ୍ରା ଅର୍ଜ୍ଜନରେ ମଧ୍ୟ ଓଡ଼ିଶା ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ପ୍ରାୟ ବାରଗୁଣ ବୃଦ୍ଧି ଘଟିଛି । ୨୦୦୦-୦୧ ବର୍ଷରେ ୧୦୦୦୪ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ରପ୍ତାନି କରିଥିଲା ବେଳେ ୨୦୨୪-୨୫ରେ ଏହା ୯ ଗୁଣ ଅର୍ଥାତ୍ ୯୨୦୮ ମେଟ୍ରିକ ଟନକୁ ବୃଦ୍ଧି ପାଇଛି । ସେହିପରି, ସେହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩୯୯ କୋଟି ଟଙ୍କାରୁ ୪୭୦୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଉଭୟ ଭୂ-ସମାନ୍ତର ଓ ଭୂ-ଲମ୍ବ ସମ୍ପ୍ରସାରଣ ଦ୍ୱାରା ମତ୍ସ୍ୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବା ପାଇଁ ସରକାର ସର୍ବଦା ତତ୍ପର । ନୂତନ ଜଳାଶୟ ସୃଷ୍ଟି ସହ ଅବସ୍ଥିତ ଥିବା ଜଳାଶୟରେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ମାଛ ଉତ୍ପାଦନ ବୃଦ୍ଧି କରାଯାଉଛି । ଏହାସହ ଏଥିରେ ସମ୍ପୃକ୍ତ ମତ୍ସ୍ୟଚାଷୀ/ ମତ୍ସ୍ୟଜୀବୀ/ ଉଦ୍ୟୋଗୀଙ୍କ ଆୟବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି । ଦେଶର ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀଙ୍କ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁ ଦେଶକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା ଓ ଦ୍ରୁତ ଆର୍ଥିକ ବିକାଶ ।

ମୋ: ୯୪୩୭୩୨୪୬୭୩

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | 6 | 1 | |
| | 6 | | 3 | 7 | | | | |
| | | | 1 | | 9 | | | |
| | | | | 4 | | | | 5 |
| | | | | | | | | 7 |
| | 4 | | | 9 | | | | |
| 5 | | 2 | 9 | | | | 8 | |
| 6 | | 8 | | | 2 | 7 | 3 | |
| | 3 | 7 | 5 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| [illegible] | | | | | | | | |
| 7 | 6 | 3 | 5 | 1 | 4 | 2 | 8 | 9 |
| 5 | 2 | 4 | 9 | 8 | 6 | 7 | 3 | 1 |
| 9 | 8 | 1 | 3 | 2 | 7 | 6 | 4 | 5 |
| 2 | 4 | 9 | 6 | 3 | 1 | 8 | 5 | 7 |
| 8 | 5 | 6 | 4 | 7 | 2 | 9 | 1 | 3 |
| 1 | 3 | 7 | 8 | 9 | 5 | 4 | 2 | 6 |
| 6 | 1 | 5 | 7 | 4 | 8 | 3 | 9 | 2 |
| 4 | 9 | 2 | 1 | 6 | 3 | 5 | 7 | 8 |
| 3 | 7 | 8 | 2 | 5 | 9 | 1 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଗୁଆ ଜାମିନ

ମହାଶୟ,

ଆମ ଜାଣିବାରେ, ଯିଏ ଦୋଷକରେ ପୋଲିସ ତାକୁ ଗିରଫ କରେ । ପରେ ସେ ଓକିଲଙ୍କୁ ମାଡ଼ ଦିଏ ଏବଂ ଶେଷରେ କୋର୍ଟକୁ ଫରୱାର୍ଡ କରେ । ଜାମିନ ଲାଗି ଆବେଦନ କରାଗଲେ ବିଚାରପତି ବିଚାର କରନ୍ତି । ମନବୁଝିଲେ ଜାମିନରେ ଛାଡ଼ିପାରନ୍ତି କିମ୍ବା ଜେଲକୁ ପଠାଇ ଦେଇପାରନ୍ତି । ଅନେକ କ୍ଷେତ୍ରରେ ପୋଲିସ ଗିରଫ କରିବା ଆଗରୁ ଧନୀ ଲୋକମାନେ ଜାମିନ ଲାଗି ଆବେଦନ କରୁଛନ୍ତି ଏବଂ ଜଜ୍ ମଧ୍ୟ ଉକ୍ତ ଆବେଦନକୁ ମଞ୍ଜୁର କରୁଛନ୍ତି । ଫଳରେ ସେମାନଙ୍କୁ ଗିରଫ କରାଯାଇପାରୁନାହିଁ । ସେଥେଇଁମିତି ଏହି ଆଗୁଆ ଜାମିନ ନିୟମ କେବଳ ବଡ଼ ଲୋକ, ବଡ଼ ଘରର ଲୋକଙ୍କ ପାଇଁ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଯାଇଛି । ସାଧାରଣ ଲୋକେ ଏହାକୁ ବୁଝୁନାହାନ୍ତି କିମ୍ବା ଏହାର ସୁବିଧା ନେଇପାରୁନାହାନ୍ତି । ଥାନା କି କୋର୍ଟ କଚେରିକୁ ନ ଯାଇ ଆଗୁଆ ଜାମିନ କେମିତି ମିଳୁଛି, ତାହା ଆମଭଳି ଲୋକ ବୁଝିପାରୁନାହିଁ ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେଉଁ ଜୋଛନା ମରଇ ତୋ ନାଳ ଜଳେ
ମୋହରି ଜୋଛନା ସେ ଗୋ ଖେଳେ କଉଶଳେ
କାହଇ ତୋହରି ଭୁଲ
ଦୁଷ୍ଟାରେ ସେ କେଉଁ ଫୁଲ,
ମୋହରି ପରାଣ ପ୍ରିୟ ଏମାନ ସକଳେ ।
-(ତ୍ରିସ୍ରୋତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଜୟ



@ ଆୟୁଷ



@ ବିଜୟ



@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଶାସନକୁ ଅସହଯୋଗ କରୁଛନ୍ତି କଷ୍ଟମ ମିଲର୍ସ

- ଫଳ ଭୋଗୁଛନ୍ତି ଚାଷୀ, ମଣ୍ଡିରେ ପଡି ରହୁଛି ଧାନ
- ଚିହ୍ନଟ, କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଯାଜପୁର,୯।୭(ହର୍ଷବର୍ଦ୍ଧନ ବେହେରା) :**

ଚଳିତବର୍ଷ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କଷ୍ଟମ ମିଲର୍ସମାନେ ଜିଲା ପ୍ରଶାସନକୁ ସହଯୋଗ କରୁନାହାନ୍ତି। ସେମାନେ ଧାନ ଉଠାଣ ପାଇଁ ଆବଶ୍ୟକ ପରିମାଣର ସିକ୍ୟୁରିଟି ଡିପୋଜିଟ କରିବାରେ ବିଫଳ ହୋଇଛନ୍ତି। ଏହି ଗୁରୁତର ତ୍ରୁଟି ସିଧାସଳଖ ଜିଲାର ଧାନ ସଂଗ୍ରହ କେନ୍ଦ୍ର ଓ ମଣ୍ଡିଗୁଡ଼ିକୁ ପ୍ରଭାବିତ କରୁଛି। ଫଳରେ ବହୁ ପରିମାଣର ସଂଗୃହୀତ ଧାନ ଉଠାଣ ନ ହୋଇ ପଡ଼ି ରହିଛି। ମିଲର୍ସମାନେ ନେଇଥିବା ଧାନ ତୁଳନାରେ ସରକାରଙ୍କ ନିକଟରେ ଆବଶ୍ୟକ ଚାଉଳ ଜମା କରି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି ।

ଯାଜପୁର ଜିଲା ଯୋଗାଣ ବିଭାଗ ରିପୋର୍ଟ ଅନୁସାରେ ୨୦୨୪-୨୫ ବର୍ଷରେ ମିଲର୍ସମାନେ ମାତ୍ର ୪୩.୬୫% ଚାଉଳ ଦାଖଲ କରିଛନ୍ତି। ଏଥିସହ ଚାଷୀମାନେ ମଣ୍ଡିକୁ ନ ଯାଇ କଷ୍ଟୋପାର୍ଜିତ ଧାନକୁ ମଧ୍ୟସ୍ଥିଙ୍କ ହାତରେ ଟେକି ଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏହି ମର୍ମରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଉକ୍ତ ବିଷୟର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ସହଯୋଗ କରୁ ନ ଥିବା ଏବଂ ଧାନ ଉଠାଉ ନ ଥିବା ମିଲର୍ସମାନଙ୍କୁ ଚିହ୍ନଟ କରିବାକୁ ଯାଜପୁର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, କଟକ, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ପୁରୀ, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଚୁକ୍ତିନାମାର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଉଲ୍ଲଂଘନ କରୁଥିବା ଏପରି କଷ୍ଟମ ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

ଧାନ ସଂଗ୍ରହ ଓ ଚାଉଳ ଦାଖଲ ପ୍ରକ୍ରିୟାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏକାଧିକ ନିର୍ଦ୍ଦେଶକୁ ଜିଲା ଯୋଗାଣ ଅଧିକାରୀ(ସିଏସ୍ଓ) ଏବଂ ମିଲର୍ସମାନେ ଅବମାନନା କରି ଆସୁଥିବା ପୂର୍ବରୁ ଅନେକ ଉଦାହରଣ ରହିଛି। ଚାଉଳ ରିସାଇକ୍ଲିଂ କିମ୍ବା କଳାବଜାର ନିୟନ୍ତ୍ରଣ ପାଇଁ ଆରଆରସି ଓ ମିଲଗୁଡିକରେ ଧାନ ଏବଂ ଚାଉଳ ପରିମାଣ ଜାଣିବାକୁ ନିୟମିତ ବ୍ୟବଧାନରେ ଫିଜିକାଲ ଭେରିଫିକେଶନ କରିବାକୁ ପୂର୍ବରୁ ଅନେକ ଥର ନିର୍ଦ୍ଦେଶ ହୋଇଛି। କିନ୍ତୁ ଏହି ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ ନ କରି ସଂପୃକ୍ତ ଅଧିକାରୀମାନେ ଚାଉଳ ରିସାଇକ୍ଲିଂ ଓ କଳାବଜାରକୁ ପରୋକ୍ଷରେ ପ୍ରୋତ୍ସାହନ ଦେଉଥିବା ମତପ୍ରକାଶ ପାଇଛି। ରାଜ୍ୟରୁ ଗରୀବ ହଟାଇବାକୁ ୧ ଟଙ୍କିଆ ଚାଉଳ ଯୋଗାଣ ଆରମ୍ଭ କରାଯାଇଥିଲା । ଏହାର ଫାଇଦା ନେଉଛନ୍ତି ଅଧିକାଂଶ ଥିଲାବାଲା ପରିବାର। ଦିନ ଦ୍ୱିପ୍ରହରେ ଅନେକ କୁଇଣ୍ଟାଲ ସରକାରୀ ଚାଉଳ ରିସାଇକ୍ଲିଂ ହେଉଛି । ଚାଉଳ ଗୋଦାମରୁ ଚାଉଳ ବଣ୍ଟନକାରୀ ସଂସ୍ଥାକୁ ଯାଉଛି । ଜାଲ ରାଶନକାର୍ଡ କିମ୍ବା ହିତାଧିକାରୀଙ୍କୁ ଉପଯୁକ୍ତ ଭାବେ ଚାଉଳ ବଣ୍ଟନ ନ କରି ସେହି ଚାଉଳକୁ କଳାବଜାର କରାଯାଉଛି, କିମ୍ବା ଉକ୍ତ ଚାଉଳ ମିଲର୍ସଙ୍କ ଗୋଦାମକୁ ଯାଉଛି । ପରବର୍ତ୍ତୀ ସମୟରେ ସେହି ଚାଉଳ ଗୋଦାମରେ ପୁଣି ହାଜର । ଏହି ରିସାଇକ୍ଲିଂକୁ ନିୟନ୍ତ୍ରଣ କରିବାକୁ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ୨୪।୬।୨୦୨୦ରେ ପ୍ରଥମ କରି ଆରଆରସି ଏବଂ ମିଲଗୁଡିକରେ ଧାନ ଓ ଚାଉଳ ପରିମାଣ ଜାଣିବାକୁ ନିୟମିତ ବ୍ୟବଧାନରେ ଭେରିଫିକେଶନ କରିବାକୁ ଜିଲା ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଏଯାଏ ଉକ୍ତ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ମିଲର୍ସମାନେ କଳାବଜାର ଚାଉଳକୁ ଅପେକ୍ଷା କରି ନିର୍ଦ୍ଧାରିତ ସମୟରେ ଚାଉଳ ଦାଖଲ କରି ପାରୁ ନ ଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ୨୦୨୪-୨୫ ଧାନ ସଂଗ୍ରହ ବର୍ଷରେ ଜିଲାର ୧୧ ଜଣ ମିଲର୍ସଙ୍କୁ ନିୟୋଜିତ କରାଯାଇ ୭ ତାରିଖ ସୁଦ୍ଧା ୨୩୭୭୮୫.୦୮୫ ମେଟ୍ରିକ ଟନ(ଏମ୍ଟି)ଧାନ ସଂଗ୍ରହ କରାଇଛି। ତଦନୁସାରେ ୧୬୧୫୧୪.୨୨୧ ଏମ୍ଟି ଚାଉଳ ଆରଆରସିରେ ଦାଖଲ ହେବା କଥା। କିନ୍ତୁ ମାତ୍ର ୭୧୨୦୬.୨୬୮ ମେଟ୍ରିକ ଟନ ଚାଉଳ ଦାଖଲ ହୋଇଛି। ଏହି ଅନୁସାରେ ମିଲଗୁଡିକରେ ଆବଶ୍ୟକ ଧାନ ମହଜୁଦ ହୋଇଛି କି ନାହିଁ ତାହା ଜାଣିବାକୁ ସିଏସ୍ଓମାନଙ୍କ ଆନ୍ତରିକତା ନ ଥିବା ମନେହେଉଛି। ଗତ କରୋନା ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍ଏଫ୍ଏସ୍ଏ)ରେ ୨ ଲକ୍ଷ ଜାଲ ରାଶନକାର୍ଡ ଜରିଆରେ ପ୍ରାୟ ୨୦୦ କୋଟି ଟଙ୍କାର ଖାଦ୍ୟ ସାମଗ୍ରୀ ଲୁଟ ଅଭିଯୋଗ ହୋଇଥିଲା। ଏହି ମର୍ମରେ ଲୋକାୟୁକ୍ତଙ୍କଠାରେ (ଏଲୱାଇ-୧୨୩/୨୦୨୧) ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା କୁଆଡେ ଗଲା ତାହା ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ଏଭଳି କୋହଳ ମନୋଭାବ ଯୋଗୁ ଧାନ ସଂଗ୍ରହ ଓ ଚାଉଳ ଯୋଗାଣରେ ସ୍ୱଚ୍ଛତା ଅବଲମ୍ବନ ହେଉ ନ ଥିବାରୁ ଚାଷୀମାନେ ଏହାର ଫଳ ଭୋଗୁଥିବା ମତପ୍ରକାଶ ପାଇଛି।

# ଅଧିକାରୀ ଅସୁସ୍ଥ ଥିବା ଦର୍ଶାଇ ବାତିଲ ହେଲା ଅନାସ୍ଥା ଭୋଟ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାର୍ଡ଼ ସଭ୍ୟା,ସଭ୍ୟ**

**ଯାଜପୁର ଟାଉନ,୯।୭(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରିବାକୁ ଥିବା ଅଧିକାରୀ ଅସୁସ୍ଥ ଥିବା ଦର୍ଶାଇ ବାତିଲ ହେଲା ଅନାସ୍ଥା। ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୱାର୍ଡ଼ ସଭ୍ୟା,ସଭ୍ୟ। ଏଭଳି ଦେଖିବାକୁ ମିଳିଛି ଯାଜପୁର ବ୍ଲକ ପଣସା ପଞ୍ଚାୟତରେ। ପଣସା ପଞ୍ଚାୟତର ସରପଞ୍ଚ କୁଳମଣି ପରିଡ଼ାଙ୍କ ବିରୋଧରେ ବୁଧବାର ଅନାସ୍ଥା ପ୍ରସ୍ତାବ ଆସିବାର ଥିଲା। ଏଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟା ସମୟରେ ଭୋଟ ଗ୍ରହଣ ହେବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଅନାସ୍ଥା ଭୋଟ ପରିଚାଳନା ପାଇଁ ନିଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଯାଜପୁର ଅତିରିକ୍ତ ତହସିଲଦାର ଅଜୟ ପଣ୍ଡା ହଠାତ୍ ଅସୁସ୍ଥ ହୋଇ ପଡ଼ିବା ଦର୍ଶାଇ ଅନାସ୍ଥା ପ୍ରକ୍ରିୟାକୁ ବାତିଲ କରାଯାଇଛି। ଉପସ୍ଥିତ ୱାର୍ଡ଼ ସଭ୍ୟ, ସଭ୍ୟା କ୍ଷୋଭ ପ୍ରକାଶ କରି ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିବା ସହ ଭୋଟିଂ ପାଇଁ ଦିନ ସ୍ଥିର କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଭାଜପା ସମର୍ଥିତ ସରପଞ୍ଚ କୁଳମଣି ପରିଡ଼ାଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଆସିବା ପର ଠାରୁ ଜିଲା ପ୍ରଶାସନ ବିଭିନ୍ନ ବାହାନା କରି ଅନାସ୍ଥା ପ୍ରସ୍ତାବକୁ ଟାଳିବାକୁ ଉଦ୍ୟମ କରୁଛି ବୋଲି ପଣସା ପଞ୍ଚାୟତ ନିର୍ବାହୀ ଅଧିକାରୀ ସିଦ୍ଧେଶ୍ୱର ମହାରଣା, ୱାର୍ଡ଼ ସଭ୍ୟ ମନୋଜ ରାଉତ, କ୍ଷୀର ଜେନା, ଫନେନ୍ଦ୍ର ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି।



୮୦ତମ ଜନ୍ମଦିବସ ଶୁଭେଚ୍ଛା
ଶ୍ରୀଯୁକ୍ତ ଅବଧୂତ ପରିଡ଼ା
ପାଖର, ଧର୍ମଶାଳା, ଯାଜପୁର
ଆଜି ଆପଣଙ୍କର ୮୦ତମ ଜନ୍ମ ଦିବସ। ଜଣେ ଆଦର୍ଶ ଶିକ୍ଷକଭାବେ ଅନେକ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିଛନ୍ତି। ଜନ୍ମ ଦିବସ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁକି ଆପଣଙ୍କ ଚଲାପଥ କୁସୁମିତ କରିବା ସହିତ ତୁମକୁ ଦୀର୍ଘାୟୁ, ବିଦୁଷୀ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବଡ଼ ଭାଇ, ଭଉଣୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ବନ୍ଧୁ ଓ ପରିବାରବର୍ଗ।

# ସ୍ୱାମୀ ନିଜ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କ ଗଳା କାଟିଦେଲେ

**ଯାଜପୁର ଟାଉନ,୯।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ଯୁବକ ନିଜ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କ ଗଳା କାଟି ଦେଇଛନ୍ତି। ବୁଧବାର ଏହି ଅଭାବନୀୟ ଘଟଣା ଯାଜପୁର ବ୍ଲକ ମାଳହାଟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଉଭୟଙ୍କୁ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଉଭୟଙ୍କ ଅବସ୍ଥା ଗୁରୁତର ଅଛି । ସେମାନେ ହେଲେ ଡଲି ମହାନ୍ତି ଓ ତାଙ୍କ ପ୍ରେମିକ ପ୍ରଶାନ୍ତ ନାଥ । ଉଭୟଙ୍କ ଘର କୋରେଇ ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି । ବର୍ଷେ ହେବ ଉଭୟ ମାଳଆନ୍ଦପୁର ଟିପରା ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ଉଭୟ ବଜାରକୁ ଆସିଥିବା ବେଳେ ଡଲିଙ୍କ ସ୍ୱାମୀ ମନୋଜ କୁମାର ମହାନ୍ତି ଏକ ଧାରୁଆ ଅସ୍ତ୍ରରେ ସେମାନଙ୍କ ଗଳା କାଟି ଫେରାର ହୋଇଯାଇଥିଲେ । ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବାରୁ ସେ ମନୋଜଙ୍କୁ ଛାଡ଼ି ପ୍ରଶାନ୍ତଙ୍କ ସହିତ ରହୁଥିଲେ ବୋଲି ଆହତ ଡଲି ସୂଚନା ଦେଇଛନ୍ତି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଏ ସମ୍ପର୍କରେ ଏସ୍ଡିପିଓ ପ୍ରଶାନ୍ତ ମାଝୀଙ୍କୁ ପଚାରିବାରେ ଘଟଣାଟି ସଦର ଥାନା ଅଞ୍ଚଳରେ ଘଟିଛି । ଅଦ୍ୟାବଧି ଥାନାରେ ଅଭିଯୋଗ ହୋଇନାହିଁ। ସ୍ଥାନୀୟ ଲୋକେ ଫୋନ୍‌ରେ ଏ ସଂକ୍ରାନ୍ତରେ ଜଣାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।



୨ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଯାଜପୁରରୋଡ଼୍‌ରେ ହରତାଳ,ରାସ୍ତାରୋକୋ

**ଯାଜପୁରରୋଡ଼,୯।୭ (ପବିତ୍ର ରଞ୍ଜନ ମହାନ୍ତି):**

ବୁଧବାର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଯାଜପୁରରୋଡ଼ରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯାଜପୁରରୋଡ ରେଳ ଷ୍ଟେଶନ ସମ୍ମୁଖରେ ଆଇଏନଟିୟୁସିର ରାଜ୍ୟ ଉପ ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆଇଟିୟୁ ଜିଲା ସଭାପତି ପ୍ରଫୁଲ୍ଲ ନାୟକ ଓ ଏଆଇୟୁଟିୟୁସିର ଜିଲା ସମ୍ପାଦକ ସୁରେଶ ପ୍ରଧାନ ଆଇଏନଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡା, ସୁଧାନିଧି ମହାପାତ୍ର, ପଦ୍ମନାଭ ନାୟକ, ନିହାର ରଞ୍ଜନ ପହି, ବିଦ୍ୟାଧର ଜେନା, ଶତ୍ରୁଘ୍ନ ମଲିକ,ବିଦ୍ୟୁତ ଶ୍ରମିକ ସଙ୍ଘର ବିପ୍ଲବ କୁମାର ସାମନ୍ତରାୟ, ହେମନ୍ତ ନାୟକ ଓ ଏଆଇୟୁଟିୟୁସି ନେତା ବିଜୟ ମଲିକ, ରାଜକିଶୋର ମହାନ୍ତ, ନିରୁପମା ବେହେରା, ଅଲେଖ ମଲିକ କାର୍ତ୍ତିକ ହାଲଦାର, ସୌଦାଗର ବେହେରା, କେଦାର ସାହୁ ଓ ସିଆଇଟିୟୁ ନେତା ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କୁ ଦୃଢ଼ ସମାଲୋଚନା କରିଥିଲେ। ଷ୍ଟେସନ ଠାରୁ ଏକ ପଟୁଆର ସହର ପରିକ୍ରମା କରିଥିଲା।

# ଟ୍ରମା କେୟାର ସେଣ୍ଟରରେ ଉପଖଣ୍ଡ ଚିକିତ୍ସାଳୟ ପ୍ରତିଷ୍ଠା ହେଉ

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କୋରେଇ ବିଧାୟକ**

**ଯାଜପୁର,୯।୭(ହର୍ଷବର୍ଦ୍ଧନ ବେହେରା) :**

୧୬ନଂ.ଜାତୀୟ ରାଜପଥ ପାଣିକୋଇଲି ଠାରେ ଟ୍ରମା କେୟାର ଫେସିଲିଟି (ଟିସିଏଫ୍) ପ୍ରତିଷ୍ଠା କରିବାକୁ ନିର୍ମାଣ ହୋଇଥିବା ଗୃହରେ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା ପ୍ରଦାନ କରିବାକୁ ଦାବି ହୋଇଛି। ଏହିମର୍ମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ କୋରେଇ ବିଧାୟକ ଆକାଶ ଦାସନାୟକ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ସେ ଦର୍ଶାଇଛନ୍ତି, ପାଣିକୋଇଲି ନିକଟରେ ଦୀର୍ଘ ଦିନ ହେଲା ଟିସିଏଫ୍ ପାଇଁ ୨୦୦ ଶଯ୍ୟା ବିଶିଷ୍ଟ ଭିତ୍ତିଭୂମି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ପାଇଁ ଭାରତୀୟ ଜନସ୍ୱାସ୍ଥ୍ୟ ମାନଦଣ୍ଡରେ ଯେଉଁ ସରକାରୀ ଜରୁରୀ ଭିତ୍ତିଭୂମି ଗୃହ ଆବଶ୍ୟକ ତାହା ଏହି ଟିସିଏଫରେ ଉପଲବ୍ଧ ଅଟେ। ଭୌଗୋଳିକ ଦୃଷ୍ଟିକୋଣରୁ ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲାର ଜନସାଧାରଣ ଏହି ଚିକିତ୍ସାଳୟରୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇ ପାରିବେ ବୋଲି ଆଶା କରାଯାଉଛି। ଏହାବାଦ କଳିଙ୍ଗନଗରରେ ବହୁ କଳକାରଖାନା ଗଢି ଉଠିଥିବାରୁ ଏଠାକାର ସାଧାରଣ ଜନତା କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସାଧାରଣ ଗରିବ ଲୋକମାନେ କଟକ, ଭୁବନେଶ୍ୱର ଯାଇ କିଡ୍‌ନୀ ଡାଇଲେସିସ କରିବା ସମ୍ଭବପର ହେଉନାହିଁ। ଫଳରେ କେତେକ କିଡ୍‌ନୀ ରୋଗୀମାନେ ଚିକିତ୍ସା ଅଭାବରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଟିସିଏଫରେ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ସମେତ କିଡ୍‌ନୀ ଡାଇଲେସିସ ସେଣ୍ଟର ଖୋଲିବା ପାଇଁ ବିଧାୟକ ଆକାଶ ଅନୁରୋଧ କରିଛନ୍ତି। ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ଜିଲା ପାଣିକୋଇଲିଠାରେ ଟିଏସଏଫ୍ ନିର୍ମାଣ ହୋଇଛି। ଏହା ସମ୍ପୂର୍ଣ୍ଣ ହେବାର ପ୍ରାୟ ଦେଢ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦଘାଟିତ ହୋଇ ପାରିନାହିଁ।

# ନିର୍ବାହୀ ଅଧିକାରୀଙ୍କୁ ନିର୍ଯାତନା ଦିଆଯାଇନାହିଁ

- ବ୍ୟାସନଗର ପୌର ପରିଷଦ କାଉନସିଲରଙ୍କ ସ୍ପଷ୍ଟୀକରଣ
- ୧୫ ଦିନରେ ଟେଣ୍ଡର ନ ହେଲେ ଆନ୍ଦୋଳନ ଚେତାବନୀ

**ଯାଜପୁରରୋଡ଼,୯।୭ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଯାତନା ଦେବା ସଙ୍ଗେ ଜୋର ଜବରଦସ୍ତ ଏକ ଫାଇଲରେ ଦସ୍ତଖତ କରିବା ପାଇଁ ୨୦ଜଣ କାଉନସିଲର ଚାପ ପକାଇଥିଲେ। ଏହି ମର୍ମରେ ବ୍ୟାସନଗର ଭାଜପା ପକ୍ଷରୁ କାଉନସିଲରମାନଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ବୁଧବାର ଏହିସବୁ ଅଭିଯୋଗ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ପୌରାଧକ୍ଷଙ୍କ ସମେତ ୧୯ ଜଣ କାଉନସିଲର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେମାନେ କହିଛନ୍ତି, ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ ଖାଇବା ପିଇବାକୁ ନ ଦେଇ ଦୀର୍ଘ ୮ ଘଣ୍ଟା ଧରି ଅଟକ ରଖାଯାଇଥିଲା ଏବଂ ତାଙ୍କୁ ମାଡମାରିବା ଭଳି ସଙ୍ଗିନ ଅଭିଯୋଗ ଭାଜପା ପକ୍ଷରୁ କରାଯାଇଛି । କିନ୍ତୁ ପୌର ପରିଷଦ ବିଜେଡି କବ୍‌ଜାରେ ଥିବାରୁ ଏହି ପୌର ପରିଷଦକୁ ଭାଙ୍ଗିବା ପାଇଁ ଭାଜପା ନେତୃବୃନ୍ଦ ଏଭଳି ମିଥ୍ୟା ଅଭିଯୋଗ ଆଣିଛନ୍ତି । ଏହି ଅଭିଯୋଗ କେତେଦୂର ସତ ତା'ର ପ୍ରମାଣ ସିସିଟିଭି ଫୁଟେଜ କହିବ । ପୌର ପରିଷଦ ବୈଠକରେ ସହରର ସମସ୍ତ ୱାର୍ଡର ବିକାଶ କାର୍ଯ୍ୟ ପାଇଁ ୪ କୋଟି ଟଙ୍କାର ଟେଣ୍ଡର କରାଯିବାକୁ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ଏହି ଟେଣ୍ଡର ଆହ୍ୱାନ କରିବା ପାଇଁ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଫାଇଲ ଯାଇଥିଲା। ନିର୍ବାହୀ ଅଧିକାରୀ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ବିଭିନ୍ନ ଆଳ ଦେଖାଇ ଦୀର୍ଘ ୨୦ ଦିନ ପର୍ଯ୍ୟନ୍ତ ଫାଇଲ ପକାଇ ରଖିଥିଲେ। ବିଳମ୍ବ ହେବାରୁ ସଂଖ୍ୟାଧିକ କାଉନସିଲର ଗତ ୨୬ ତାରିଖରେ ପୌର କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କୁ ଆଲୋଚନା ପାଇଁ ଅପେକ୍ଷା କରିଥିଲେ । ସେଦିନ ସେ ଜିଲାପାଳଙ୍କ ଏକ ବୈଠକରେ ଯୋଗଦେବାକୁ ଯାଜପୁର ଯାଇଥିଲେ। ଅପରାହ୍ନରେ ସାଢେ ୩ଟା ସମୟରେ ଅଧିକାରୀ ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଏହି ସମୟରେ ଅପେକ୍ଷାରତ କାଉନସିଲର ତାଙ୍କୁ ଖାଇଛନ୍ତି କି ନାହିଁ ପଚାରିଥିଲେ । ସେ ଖାଇ ନ ଥିବା କହିବାରୁ ସେମାନେ ଆପଣ ଖାଇସାରିବା ପରେ ଆଲୋଚନା କରିବାକୁ କହିଥିଲେ । ନିର୍ବାହୀ ଅଧିକାରୀ ଖାଦ୍ୟ ଓ ଔଷଧ ଖାଇବା ପରେ ଆଲୋଚନା ପାଇଁ କାଉନସିଲରମାନଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରକୁ ଡାକିଥିଲେ। ଏହି ଆଲୋଚନା ସମୟରେ ସହରର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । କାଉନସିଲରମାନେ ନିର୍ବାହୀ ଅଧିକାରୀଙ୍କୁ ଟେଣ୍ଡର କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ ଏବଂ ଆଉ ବିଳମ୍ବ ନ କରି ଆଜି ଫାଇଲରେ ଦସ୍ତଖତ କରିବାକୁ ଅଡ଼ି ବସିଥିଲେ । ନିର୍ବାହୀ ଅଧିକାରୀ ଫାଇଲ ଦସ୍ତଖତ କରିବାକୁ ଅମଙ୍ଗ ହେବାରୁ କାଉନସିଲରମାନେ ତଳେ ବସି ଧାରଣା ଦେଇଥିଲେ । ଶେଷରେ ନିର୍ବାହୀ ଅଧିକାରୀ ତାଙ୍କ ନିକଟକୁ ଏକ ଗ୍ରୀଭାନ୍ସ ଆସିଥିବା ଓ ତାର ତଦନ୍ତ ନିଷ୍ପତ୍ତି ପରେ ନେବି ବୋଲି କହିଥିଲେ । ହେଲେ କାଉନସିଲରମାନେ ପୌର ଆଇନ ଅନୁଯାୟୀ ପୌର ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଟେଣ୍ଡର କରିବାକୁ ଜିଦ୍‌ଧରି ବସିଥିଲେ। ନିର୍ବାହୀ ଅଧିକାରୀ ୨୭ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଟେଣ୍ଡର କରିବେ ବୋଲି ପ୍ରତିଶ୍ରୁତି ଦେବାପରେ କାଉନସିଲରମାନେ ଧାରଣାରୁ ସେହିଦିନ ରାତି ସାଢେ ୭ଟାରେ ଉଠିଥିଲେ। କିନ୍ତୁ ଭାଜପାର ଅଭିଯୋଗ ଅନୁସାରେ ସେହିଦିନ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଅଟକ ରଖି ନିର୍ଯାତନା ଦେବା ଅଭିଯୋଗ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ବୋଲି ପୌରାଧକ୍ଷ ସୁବାସ ବଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯଦି ୧୫ ଦିନ ମଧ୍ୟରେ ସହରର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଟେଣ୍ଡର ପ୍ରକ୍ରିୟାକୁ ଅନୁମୋଦନ କରା ନ ଯାଏ ତେବେ ସମସ୍ତ ପାରିଷଦ ସହରବାସୀଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

ଉକ୍ତ ଖବରଦାତା ସମ୍ମିଳନୀରେ କାଉନସିଲର ବିଜୟ କୁମାର ଜେନା, କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ଅଶୋକ ଦାସ, ସରିତା ଜେନା, ସନ୍ତୋଷ ବରାଳ, ବୁଦୁନୀ ଦରାଇ, ସିଦ୍ଧାର୍ଥ ସାମଲ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, କୁମୁଦିନୀ ରାଉତ, ପାର୍ଥସାରଥି ନାୟକ, ଦିଲୀପ ସେଠୀ ଓ ରବୀନ୍ଦ୍ର ରାଉତ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ପୌରାଧକ୍ଷ ଓ କାଉନ୍‌ସିଲର ବୃନ୍ଦ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଜୟ



@ ଆୟୁଶ



@ ବିଜୟ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚାଷୀଙ୍କୁ ବୀମା, ମିଆଦୀ ଋଣ ଦେବାକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ସମବାୟ ବର୍ଷ ଉପଲକ୍ଷେ ସଚେତନତା

ଜଗତ୍‌ସିଂହପୁର, ୯।୭(ପ୍ରମୋଦ କୁମାର ନାୟକ)

ପ୍ରତିବର୍ଷ ମାର୍ଚ୍ଚରୁ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ କରାଯାଏ। କିନ୍ତୁ ଚଳିତବର୍ଷ ଜଗତ୍‌ସିଂହପୁର ଜିଲାରେ ବିଳମ୍ବରେ ଏହି ବର୍ଷ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ପ୍ରଧାନମନ୍ତ୍ରୀ (ପିଏମ୍) ଫସଲ ବୀମା ଓ ମିଆଦୀ ଋଣ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀ ଓ ଅଣଚାଷୀଙ୍କୁ ସରକାରଙ୍କ ତରଫରୁ କି ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି ତା'ଉପରେ ସଚେତନ କରାଯାଇଥିଲା। ୨୦୨୫ ଜୁଲାଇ ୩୧ ସୁଦ୍ଧା ଯେଉଁମାନେ ଧାନ ଓ ଅନ୍ୟ ଫସଲ ବାବଦରେ ଋଣ ନେଉଛନ୍ତି ସେମାନଙ୍କ ନାମ ପିଏମ୍ ପୋର୍ଟାଲରେ ପଞ୍ଜୀକରଣ ସହ ବୀମା ସୁବିଧା ଯୋଗାଇ ଦିଆଯିବ। ପଞ୍ଜୀକୃତ ଓ ଋଣ ନେଇ ନ ଥିବା ଚାଷୀଙ୍କ ଫସଲ କ୍ଷତିହେଲେ ସେମାନଙ୍କୁ ମଧ୍ୟ କ୍ଷତିପୂରଣ ଯୋଗାଇ ଦିଆଯିବ। ଅନୁରୂପ ଭାବେ ଗୋରୁ, ଛେଳି, ମେଣ୍ଢା ସମେତ ଛୋଟ ଦୋକାନ ଆଦି କରି ଜୀବିକା ନିର୍ବାହ ପାଇଁ ମଧ୍ୟ ଋଣ ସୁବିଧା କରାଯାଇଛି। ଏଥିରେ ସରକାର ୫୦% ରିହାତି ଦେଉଛନ୍ତି। ଏସବୁ ସୁବିଧା ସୁଯୋଗ ହାତେଇବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ଯୋଗଦେଇ ଜିଲାର କୃଷକମାନଙ୍କୁ ସଚେତନତା ମାଧ୍ୟମରେ ଫସଲ ବୀମାରେ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ଉଚିତ ପ୍ରାପ୍ୟ ଦେବା ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସମବାୟ ସମିତି ସମୂହ ଜଗତ୍‌ସିଂହପୁର ବିଭାଜନ ଉପନିବନ୍ଧକ ପ୍ରଭାତ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶିକା ସବିତା ସାହୁ, ନାବାର୍ଡ ଡିଡିଏମ୍ ବିଦ୍ୟୁତ୍‌ଲତା ମହାପାତ୍ର, ଜିଲା କୃଷି ଅଧିକାରୀ ସାରଦା ପ୍ରସନ୍ନ ବିଶ୍ୱାଳ, ରିଲିଆନ୍ସ ବୀମା କମ୍ପାନୀର ଜିଲା ସଂଯୋଜକ, ସମ୍ପାଦକ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସମବାୟ ସମିତି ସମୂହ ଉପନିବନ୍ଧକ, ସହକାରୀ ନିବନ୍ଧକ, ଏହି କାର୍ଯ୍ୟାଳୟର ବିବେକାନନ୍ଦ ବେହେରା, ରାଖାଲ ଚନ୍ଦ୍ର ସାମଲ, ସୁମନ ବେହେରା ଓ ମିତାଲି ବୋଷ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମବାୟ ସମିତି ସମୂହ ଜଗତ୍‌ସିଂହପୁର ମଣ୍ଡଳ ସହକାରୀ ନିବନ୍ଧକ ପ୍ରଭାତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ ପ୍ରତିଯୋଗିତା: କୃତୀ ପ୍ରତିଯୋଗୀ ସମ୍ମାନିତ

## ୨୫ରେ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ

ଜଗତ୍‌ସିଂହପୁର, ୯।୭(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ (କ) ଓ ବରିଷ୍ଠ ବିଭାଗ (ଖ)ର ବକ୍ତୃତା, ପ୍ରବନ୍ଧ, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର 'କ' ବିଭାଗରେ ପଳାଶୋଳସ୍ଥିତ ଅଟଳ ବଳଦେବ ଉଚ୍ଚ ବିଦ୍ୟାଳୟ ସପ୍ତମଶ୍ରେଣୀ ଛାତ୍ର ଆଶିଷ ଷଡ଼ଙ୍ଗୀ ବକ୍ତୃତାରେ, ଏହି ବିଦ୍ୟାଳୟର ସପ୍ତମଶ୍ରେଣୀ ଛାତ୍ରୀ ମଧୁସ୍ମିତା ପାଣି ପ୍ରବନ୍ଧ, ଖେରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଷଷ୍ଠ ଶ୍ରେଣୀର ଛାତ୍ରୀ ଅନିନ୍ଦିତା ସାହୁ କବିତା ଆବୃତ୍ତି, ରଘୁନାଥପୁର କେର୍‌କେରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସପ୍ତମ ଶ୍ରେଣୀ ଛାତ୍ର ବୈଦ୍ୟନାଥ ସେନାପତି ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି 'ଖ' ବିଭାଗରେ ରଘୁନାଥପୁର କେର୍‌କେରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରାଚୀ ମିଶ୍ର ବକ୍ତୃତାରେ, ଏହି ବିଦ୍ୟାଳୟ ନବମ ଶ୍ରେଣୀର ଛାତ୍ରୀ ସ୍ୱପ୍ନାଶ୍ରୀ ସାମଲ ପ୍ରବନ୍ଧ, ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଦୀପଶିଖା ମିଶ୍ର କବିତା ଆବୃତ୍ତି, ନାଉଗାଁହାଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ପଲାଇ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ସୁକାନ୍ତ କୁମାର ରାୟ, ନିକୁଞ୍ଜ କିଶୋର ବେହେରା, ଡ. ଜ୍ୟୋତିର୍ମୟୀ ମହାନ୍ତି, ନଗେନ୍ ପଣ୍ଡା, ବିଜୟ କୁମାର ରଥ, ସାଗରମୟୀ ସ୍ୱାଇଁ, ବିନାୟକ ଉପାଧ୍ୟାୟ, ଉମାକାନ୍ତ ନାୟକ, ଶରତ ଚନ୍ଦ୍ର ବାରିକ, ପ୍ରତାପ କେଶରୀ ମହାପାତ୍ର ଓ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ଶେଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ରାଉତ ମୁଖ୍ୟ ଅତିଥି ଓ ଶ୍ରୀକୃଷ୍ଣ ଏକାଡେମୀ ପ୍ରଧାନଶିକ୍ଷକ ରମାକାନ୍ତ ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ସୂଚନାଯୋଗ୍ୟ, ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରମାନେ ଆସନ୍ତା ୧୩ ଓ ୨୦ ତାରିଖ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକତ୍ରିତ ହେବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୫ରେ ଭୁବନେଶ୍ୱରସ୍ଥିତରବୀନ୍ଦ୍ରମଣ୍ଡପରେହେବାକୁଥିବା ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ।



ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଚୟନ ଶିବିର

## ଅଲଣାହାଟ ଉଚ୍ଚ ବିଦ୍ୟାଳୟ

ନାଉଗାଁ, ୯।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ଉଚ୍ଚ ବିଦ୍ୟାଳୟରେ ବୁଧବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆର୍ମି ବାଟାଲିୟନର କମାଣ୍ଡିଂ ଅଫିସର ବି. ଭୂୟାଁଙ୍କ ନିର୍ଦ୍ଦେଶ ଅନୁସାରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ୨୦୨୫ ପ୍ରଶିକ୍ଷଣ ବର୍ଷ ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ କ୍ୟାଡେଟ୍ ଯୋଗଦେଇଥିଲେ। ଏହି ଅବସରରେ ବାଟାଲିୟନ ତରଫରୁ ଆବଶ୍ୟକ କାଗଜପତ୍ର ତନଖି କରାଯାଇ ୨୩ ଜୁନିୟର ଉଇଙ୍ଗ୍ କ୍ୟାଡେଟ୍ ଓ ୨୬ ଜଣ ଜୁନିୟର ଡିଭିଜନ କ୍ୟାଡେଟ୍‌ଙ୍କୁ ମନୋନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏନ୍‌ସିସି ଅଫିସର ଅମୂଲ୍ୟ କୁମାର ମିଶ୍ର ପରିଚାଳନା କରିଥିଲେ।



୮୦ତମ ଜନ୍ମଦିବସ ଶୁଭେଚ୍ଛା
ଶ୍ରୀଯୁକ୍ତ ଅବଧୂତ ପରିଡ଼ା
ପାଖର, ଧର୍ମଶାଳା, ଯାଜପୁର
ଆଜି ଆପଣଙ୍କର ୮୦ତମ ଜନ୍ମ ଦିବସ। ଜଣେ ଆଦର୍ଶ ଶିକ୍ଷକଭାବେ ଅନେକ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିଛନ୍ତି। ଜନ୍ମ ଦିବସ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ଆପଣଙ୍କ ଚଲାପଥ କୁସୁମିତ କରିବା ସହିତ ତୁମକୁ ଦୀର୍ଘାୟୁ, ବିଦୁଷୀ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବଡ଼ ଭାଇ, ଭଉଣୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ବନ୍ଧୁ ଓ ପରିବାରବର୍ଗ।

# ଲକ୍ଷେ ଟଙ୍କା ପାଇଁ ଝିଅକୁ ମାରିଦେଇଥିବା ଅଭିଯୋଗ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବଳପୂର୍ବକ ମହିଳାଙ୍କ ମୃତଦେହକୁ ନେଇଯିବା ଘଟଣା

ରଘୁନାଥପୁର, ୯।୭(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ବଳପୂର୍ବକ ନେଇଯାଇଥିଲେ। ବୁଧବାର ଏହି ଘଟଣା ଭିନ୍ନ ମୋଡ଼ ନେଇଛି। ମୃତା ମହିଳାଙ୍କ ବାପା ତଥା କେନ୍ଦ୍ରାପଡ଼ା ଆଳି ଥାନା ଜୁଆଣିଆ ଗ୍ରାମର ପ୍ରୀତିମୟୀ ମଲ୍ଲିକ ରଘୁନାଥପୁର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ମୃତା ପ୍ରୀତିମୟୀଙ୍କୁ ସ୍ୱାମୀ, ଶାଶୁ, ଶଶୁର,ପିଇସି ଶାଶୁ ଓ ପିଉସା ଶଶୁର ମିଳିମିଶି ମାରିଦେଇ ବିଷ ପିଆଇ ଦେଇଛନ୍ତି ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ. ୧୪୪/୨୫) ରୁଜୁ କରିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

୨ ବର୍ଷ ପୂର୍ବେ ପ୍ରୀତିମୟୀଙ୍କ ସହ ଏହି ଥାନା ଅନ୍ତର୍ଗତ ତାରପୁର ପଞ୍ଚାୟତ ଖଣ୍ଡତରି(ତଳପଡ଼ାର) ଶୁଭମ ମଲ୍ଲିକଙ୍କ ବିବାହ ହୋଇଥିଲା। ଗତ କିଛିଦିନ ହେବ ପ୍ରୀତିମୟୀ ସ୍ୱାମୀଙ୍କ ସହ ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର କଣ୍ଟାପଡ଼ାସ୍ଥିତ ପିଇସା ଶ୍ୱଶୁର ଘରେ ରହୁଥିଲେ। ପ୍ରାୟ ୧୫ ଦିନ ତଳେ ସ୍ୱାମୀ,ଶାଶୁ ଓ ଶ୍ୱଶୁର ଏକ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ପ୍ରୀତିମୟୀଙ୍କୁ କହିଥିଲେ। ଏ ବିଷୟରେ ସେ ବାପାଙ୍କୁ ଜଣାଇଥିଲେ। ବାପା ବିଜୟ ସୁବିଧା କରି ଟଙ୍କା ଦେଇଦେବ ବୋଲି କହିଥିଲେ। ଏହା ମଧ୍ୟରେ ପ୍ରୀତିମୟୀଙ୍କ ଉପରେ ପିଉସୀ ଓ ପିଇସା ଅତ୍ୟାଚାର କରିଥିଲେ। ମଙ୍ଗଳବାର ସକାଳେ ପ୍ରୀତିମୟୀ ବିଷ ପିଇଦେଇଥିବା ଦର୍ଶାଇ ସେମାନେ ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ଶୁଭମ ଓ ତାଙ୍କ ପରିବାର ଲୋକେ ବଳପୂର୍ବକ ପ୍ରୀତିମୟୀଙ୍କ ମୃତଦେହ ଗୋଷ୍ଠ ସ୍ୱାସ୍ଥ୍ୟକେନ୍ଦ୍ରରୁ ନେଇଯାଇଥିଲେ। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ପ୍ରୀତିମୟୀଙ୍କ ମୃତଦେହକୁ ପୋଡ଼ିବାକୁ ଉଦ୍ୟମ ହେଉଥିବାବେଳେ ରଘୁନାଥପୁର ଥାନା ପୋଲିସ ତାରପୁର ପଞ୍ଚାୟତର ଖଣ୍ଡତରି ଗ୍ରାମରେ ପହଞ୍ଚି ଜବତ କରିଥିଲା। ସେଠାରେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଶୁଭମ, ଶ୍ୱଶୁର ଚିତ୍ତରଞ୍ଜନ ମଲ୍ଲିକ ଓ ଶାଶୁଙ୍କୁ ପଚରାଉଚରା କରିଥିଲା। ଏହାଛଡା ପ୍ରୀତିମୟୀଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମାତ୍ର ସେମାନେ ନ ଆସିବାରୁ ବାଧହୋଇ ପୋଲିସ ନିଜ ଆଡୁ ଅପମୃତ୍ୟୁ ମାମଲା(୭/୨୫) ରୁଜୁ କରି ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଇଁ ଜଗତ୍‌ସିଂହପୁର ମେଡ଼ିକାଲକୁ ପଠାଇଥିଲା। ବୁଧବାର ପ୍ରୀତିମୟୀଙ୍କ ବାପା ରଘୁନାଥପୁର ଥାନାରେ ଅଭିଯୋଗ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ଏନେଇ ତଦନ୍ତ ଜାରି ରହିଛି ମୃତଦେହ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।



ପ୍ରୀତିମୟୀ ମଲ୍ଲିକ

# ନିଜେ ବିଷ ଗ୍ରହଣକରି ବୃକ୍ଷ ମନୁଷ୍ୟକୁ ଅମୃତ ପ୍ରଦାନ କରେ

## ଅରୂପାନନ୍ଦ ଜୁନିୟର କଲେଜ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ

ରଘୁନାଥପୁର, ୯।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଚାରା ରୋପଣ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ପିଲାଟିଏ ଗଛଟିଏ ଉକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ନବଜାତକୁ ଶୈଶବ ଅବସ୍ଥାରୁ ଯେପରି ଲାଳନପାଳନ କରାଯାଏ ଅନୁରୂପ ଭାବେ ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଚାରା ଲଗାଇ ସେହିପରି ଯତ୍ନ ନେବାକୁ ପ୍ରଫେସର ସାହୁ ପରାମର୍ଶ ଦେଇଥିଲେ। କାରଣ ବୃକ୍ଷ ନିଜେ ବିଷ ଗ୍ରହଣକରି ମନୁଷ୍ୟକୁ ଅମୃତ ପ୍ରଦାନ କରେ ବୋଲି ସେ ବକ୍ତବ୍ୟ ରଖିଥିଲେ। ସେହିପରି ଅଧ୍ୟାପକ ଅଭୟ କୁମାର ମହାରଣା, ମୋହନ ଚରଣ ରାଉତରାୟ, ଅସଲମ୍ ଅଲ୍ଲୀ, ରବୀନ୍ଦ୍ର ଓଝା, ଜ୍ଞାନେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା, ତ୍ରିଲୋଚନ ମହାପାତ୍ର, ଅଧ୍ୟାପିକା କୁମୁଦିନୀ ଦ୍ୱିବେଦୀ, ପ୍ରତିଭାରାଣୀ ପଣ୍ଡା, ବାସନ୍ତିଲତା ସାହୁ ଓ ପୁଷ୍ପଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଉପରେ କହିବା ସହ ଚାରା ରୋପଣ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ କମଳଲୋଚନ ଆଚାର୍ଯ୍ୟ ମହୋତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମାରକ ମିଶ୍ର ସଭା ସରଞ୍ଜନା ଓ ଅଜିତ୍ ଭୂୟାଁ ଧନ୍ୟବାଦ ଦେଇଥିଲେ। ଶେଷରେ ଅଧ୍ୟାପକ ଶାଶ୍ୱତ ମହାନ୍ତି ଓ ବିଭୂତି ମହାପାତ୍ରଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଚାରା ରୋପଣ କରାଯାଇଥିଲା।

# ସାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କା ଚୋରି

ନାଉଗାଁ,୯।୭(ସୁଧା ବେହୁରା)

ନାଉଗାଁ ଥାନା ରୋହିଆ ପଞ୍ଚାୟତ ଅନ୍ତର୍ଗତ ଅରଖକୁଦ ଗ୍ରାମସ୍ଥିତ ସାଇ ମନ୍ଦିରରୁ ଚୋରି ହୋଇଯାଇଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମନ୍ଦିରର ଦାୟିତ୍ୱରେ ଥିବା ବିକାଶ ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ମନ୍ଦିରର ପଛପାର୍ଶ୍ୱ କବାଟ ଭାଙ୍ଗି ହୁଣ୍ଡିରେ ଥିବା ଟଙ୍କା ଓ ଗଡରେଜକୁ ଭାଙ୍ଗି ଆନୁମାନିକ ୧ ଲକ୍ଷ ୫୦ ହଜାର ଟଙ୍କା ନେଇଯାଇଛି। ହୁଣ୍ଡି ବାକ୍ସକୁ କିଛି ଦୂରରେ ପକାଇ ଚାଲିଯାଇଛି। ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମରାରେ ଦୁର୍ବୃତ୍ତ ମୁହଁରେ ମୁଖା ବାନ୍ଧିଥିବା ବେଳେ ଏକ ରେନିକୋର୍ଟ ପିନ୍ଧିଥିବା ଜଣାଯାଇଛି। ଅଭିଯୋଗ ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଆଗାମୀ ପିଢ଼ି ପାଇଁ ବନୀକରଣ ଜରୁରୀ

## ଏଏମ୍‌ଏନ୍‌ଏସ୍ ପକ୍ଷରୁ ବନ ମହୋତ୍ସବ

ପାରାଦୀପ, ୯।୭(ଶରତ ରାଉତ)

ପାରାଦୀପର ଏଏମ୍‌ଏନ୍‌ଏସ୍(ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍) କମ୍ପାନୀ ପକ୍ଷରୁ ବୁଧବାର କାରଖାନା ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରକାର ପରିବେଶ ଉପଯୋଗୀ ଚାରା ରୋପଣ କରାଯାଇଥିଲା। ପରେ ପ୍ଲାଣ୍ଟ ନିକଟସ୍ଥ ଗଡ଼ ଶ୍ରୀମା' ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ଚାରା ରୋପଣ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇଥିଲେ। ସେ ପିଲାମାନଙ୍କୁ କହିଥିଲେ, ଏବେର ଆଧୁନିକ ଜୀବନଶୈଳୀ ଯୋଗୁ ପରିବେଶ ସନ୍ତୁଳନ ଚିନ୍ତାଜନକ ହୋଇଛି। ଏହାର ଭରଣା ପାଇଁ ସମସ୍ତେ ବନୀକରଣ କରିବା ଜରୁରୀ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ମୁଖ୍ୟ ୟୁଏସ୍‌ଆର୍ ରାଜୁ, ସି.ଏଚ୍. ହରିପ୍ରସାଦ, ଗଡ଼ ସରପଞ୍ଚ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଏଏମ୍‌ଏନ୍‌ଏସ୍ କମ୍ପାନୀ ପରିସର ବନ ମହୋତ୍ସବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ।

# ଶ୍ରମିକ, କୃଷକଙ୍କ ସ୍ୱାର୍ଥକୁ ଗୌଣ କରୁଛନ୍ତି କେନ୍ଦ୍ର ସରକାର

## ୧୭ ଦଫା ଦାବିରେ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ

ଜଗତ୍‌ସିଂହପୁର, ୯।୭ (ପ୍ରମୋଦ କୁମାର ନାୟକ)

୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ କେତେକ ସ୍ୱାଧୀନ ଫେଡେରେଶନ୍‌କୁ ନେଇ ଗଠିତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ମିଳିତ ମଞ୍ଚ ପକ୍ଷରୁ ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ କରି ଜଗତ୍‌ସିଂହପୁର ଜିଲାର କେତେକ ଶ୍ରମିକ ସଙ୍ଗଠନ ସ୍ଥାନୀୟ କୋର୍ଟ ଛକ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ବିକ୍ଷୋଭ ସମାବେଶ ହୋଇଥିଲା। ଏଥିରେ ଶ୍ରମିକ ସଙ୍ଗଠନର ନେତାମାନେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରମିକମାନଙ୍କୁ ହତାଦର କରି ମାଲିକ ଓ କମ୍ପାନୀମାନଙ୍କ ସ୍ୱାର୍ଥ ପାଇଁ ଏହି ସରକାର କାମ କରୁଥିବା କହିଥିଲେ। ଦରଦାମ୍ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। କୃଷି ଓ କୃଷକଙ୍କ ସ୍ୱାର୍ଥକୁ ଗୌଣ କରାଯାଉଛି। ୭ ଜଣରେ ଟ୍ରେଡ୍ ୟୁନିୟନ ହେଉଥିଲା। କିନ୍ତୁ ଏବେ ୩୦୦ରୁ କମ୍ ଶ୍ରମିକ ହେଲେ ଏହା ସମ୍ଭବ ହେଉନାହିଁ। ଏହିପରି ୧୭ ଦଫା ଦାବିକୁ ନେଇ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଥିବା ଜଗତ୍‌ସିଂହପୁର ଏଆଇଟିୟୁସି ଜିଲା ସମ୍ପାଦକ ପ୍ରଦୀପ୍ତ ରାମ ଓ ସିଆଇଟିୟୁ ଜିଲା ସଭାପତି ଲୋଭାକାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି।

**ପାରାଦୀପ(ଶରତ ରାଉତ):** ଭାରତ ବନ୍ଦ ଡାକରାରେ ପାରାଦୀପର ବିଭିନ୍ନ ଟ୍ରେଡ୍ ୟୁନିୟନ ସାମିଲ ହୋଇଥିଲେ। ଏହି ଅବସରରେ ପାରାଦୀପ ବନ୍ଦର, ତୈଳ ବିଶୋଧନାଗାର ଓ ଅନ୍ୟ କମ୍ପାନୀ ସମ୍ମୁଖରେ ଶ୍ରମିକମାନେ ବିକ୍ଷୋଭ କରିଥିଲେ। ଏଆଇଟିୟୁସି, ସିଆଇଟିୟୁ, ଆଇଏନ୍‌ଟିୟୁସି ସହବନ୍ଧିତ ଶ୍ରମିକ ସଂଘଗୁଡିକ ସାମିଲ ହୋଇଥିଲେ।

**କୁଜଙ୍ଗ(ମନୋଜ ପ୍ରଧାନ):** ସର୍ବଭାରତୀୟ ହରତାଳ ଡାକରାକୁ ସମର୍ଥନ ଜଣାଇ ଏଆଇଟିୟୁସି ପକ୍ଷରୁ କୁଜଙ୍ଗଠାରେ ହରତାଳ କରାଯାଇଥିଲା। ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜିନ୍ନୟୀ ସାହାଣୀ ଏହାର ନେତୃତ୍ୱ ନେଇଥିଲେ। ଶତାଧିକ ଶ୍ରମିକ ଲୋକନାଥ ଭବନରୁ ବାହାରି ବଜାର ପରିକ୍ରମା କରି କଟକ-ପାରାଦୀପ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଜିନ୍ନୟୀ ସାହାଣୀ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିକୁ ସମାଲୋଚନା କରିବା ସହ ଶ୍ରମିକମାନଙ୍କ ୧୭ ଦଫା ଦାବି ପୂରଣ କରିବାକୁ ଦାବି କରିଥିଲେ।

**ଏରସମା(ଦୀପ୍ତି ଖଣ୍ଡୁଆଳ):** ଅଖିଳ ଭାରତ କୃଷକ ସଭାର ଏରସମା ବ୍ଲକ ଶାଖା ଓ ସିପିଆଇର ମିଳିତ ଆନୁକୂଲ୍ୟରେ ଏରସମା ବ୍ଲକ ମୁଖ୍ୟାଳୟରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀମାନେ ଏରସମା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ଏରସମା ବଜାର ପରିକ୍ରମା କରିଥିଲେ। କୃଷକ ସଭାର ବ୍ଲକ ସଭାପତି ଦାମୋଦର ବେହେରାଙ୍କ ସଭାପତିତ୍ୱରେ ସେମାନେ ଏରସମା ଗାନ୍ଧୀ ଛକଠାରେ ପ୍ରତିବାଦ ସଭା କରିଥିଲେ।





ଜଗତ୍‌ସିଂହପୁରରେ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ସମାବେଶ କରାଯାଉଛି।

**ନୟାଗଡ଼ ସହରରେ ପେଟ୍ରୋଲ ମିଳୁନି**

ନୟାଗଡ଼,(ଲୋକନାଥ ମିଶ୍ର): ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ୨ୟ ଦିନରେ ପହଞ୍ଚିଛି। ଏଭଳିସ୍ଥଳେ ନୟାଗଡ଼ ସହରରେ କଲେଜ ରୋଡସ୍ଥିତ ପେଟ୍ରୋଲ ଟାଙ୍କିରୁ ପେଟ୍ରୋଲ ଶେଷ ହେବା ପରେ ପେଟ୍ରୋଲ ଅଭାବ ଦେଖାଦେଇଛି। ଅନ୍ୟପକ୍ଷେ ଡ୍ରାଇଭରଙ୍କ ଆନ୍ଦୋଳନକୁ ଦେଖି ଲୋକମାନେ ଅଧିକ ପରିମାଣର ପେଟ୍ରୋଲ ନେଇ ଗଚ୍ଛିତ କରି ରଖିବା ଆରମ୍ଭ ପରେ ପେଟ୍ରୋଲର କୃତ୍ରିମ ଅଭାବ ପରିସ୍ଥିତି ଦେଖାଦେଇଛି।



**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଅଜୟ



@ ଆୟୁଷ



@ ବିଜୟ



@ ଶୁଭମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅସମ୍ପୂର୍ଣ୍ଣ ରାସ୍ତାକୁ ସମ୍ପୂର୍ଣ୍ଣ ପାଇଁ ଗୁଡୁପାଙ୍ଗି ବାସିନ୍ଦାଙ୍କ ଦାବି

ନୟାଗଡ଼,୯।୭ (ଲୋକନାଥ ମିଶ୍ର)




ଗୁଡୁପାଙ୍ଗି ବାସିନ୍ଦା ଖବରଦାତା ସମ୍ମିଳନୀ କରି ଧାରଣା ଦେଇଛନ୍ତି।

- ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ମନ୍ତବ୍ୟକୁ ଗ୍ରାମବାସୀଙ୍କ ବିରୋଧ
- ସରକାରୀ ଅଧିକାରୀଙ୍କ ଭିନ୍ନ ଭିନ୍ନ ମନ୍ତବ୍ୟ ବଢ଼ାଉଛି ଗାଁ ବିବାଦ
- ରାସ୍ତାକୁ ନେଇ ୧ ବନାମ ୧୭ ଖଣ୍ଡ ଗାଁ ମଧରେ ଚାଲିଛି ୯ ବର୍ଷ ଧରି ଲଢ଼େଇ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୟାଗଡ଼ ସଦର ଥାନାର ବଳଭଦ୍ରପୁରଠାରୁ ଭାୟା ଗୁଡୁପାଙ୍ଗି ଦେଇ ଢ଼ିପାମାଳ ଅସମ୍ପୂର୍ଣ୍ଣ ରାସ୍ତାକୁ ସମ୍ପୂର୍ଣ୍ଣ ପାଇଁ ଗୁଡୁପାଙ୍ଗି ବାସିନ୍ଦାଙ୍କ ଦାବି ତ୍ୱରାନ୍ୱିତ ହୋଇଛି। ଏହି ଅବସରରେ ଗୁଡୁପାଙ୍ଗି ଢ଼ିପମାଳ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ସଲଗ୍ନ ତିନି ବାଙ୍କ ପଡିଆରେ ଗୁଡୁପାଙ୍ଗି ବାସିନ୍ଦା ଏକଜୁଟ ହୋଇ ବୁଧବାର ଖବରଦାତା ସମ୍ମିଳନୀ କରି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ମନ୍ତବ୍ୟକୁ ବିରୋଧ ଓ ନିନ୍ଦା କରିଛନ୍ତି। ଜଙ୍ଗଲ ଜମିରେ କଂକ୍ରିଟ ରାସ୍ତା ଯିବାକୁ ଗ୍ରୀନ ଟ୍ରିବ୍ୟୁନାଲ ବାରଣ କରିଥିବାବେଳେ ପାଦଚଲା ରାସ୍ତା କରିବାକୁ ହେଲେ ବନ ବିଭାଗର ସହମତିରେ କରାଯିବାକୁ ପରାମର୍ଶ ଦେଇଥିଲେ। ତେବେ ଗ୍ରୀନ ଟ୍ରିବ୍ୟୁନାଲର ଅର୍ଡରକୁ ଠିକ୍ ଭାବେ ଅନୁଧ୍ୟାନ ନ କରି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିବୃତି ରଖିବା ଠିକ୍ ନୁହେଁ ବୋଲି କୁହାଯାଇଛି।

ଗ୍ରାମବାସୀଙ୍କ ପକ୍ଷରୁ ଗାଁ ସଭାପତି ଗଙ୍ଗାଧର ନାୟକ କହିଛନ୍ତି, ୧ ବନାମ ୧୭ ଖଣ୍ଡ ଗାଁ ବିବାଦ ସମାଧାନ କରିବାକୁ ହେଲେ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ତେବେ ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ସମୟରେ ସରକାରୀ ଅଧିକାରୀଙ୍କ ଭିନ୍ନ ଭିନ୍ନ ମନ୍ତବ୍ୟ ବିବାଦକୁ ସମାଧାନ କରିବା ବଦଳରେ ବଢ଼ାଇ ଚାଲିଛି। ଏଣୁ ୧ ଗାଁ ବନାମ ୧୭ ଖଣ୍ଡ ଗାଁ ବିବାଦ ୯ ବର୍ଷ ଧରି ଲାଗି ରହିଛି। ରାସ୍ତା ବିବାଦ ସମାଧାନର ନିର୍ଯାସ ବାହାରିବାର ନାଁ ଧରୁନି। ତତ୍କାଳୀନ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ସମୟରେ ଉଭୟପକ୍ଷଙ୍କ ସହମତିରେ ରାସ୍ତା ବିବାଦର ସମାଧାନ ହେବା ପାଇଁ ଏକ ପ୍ରକାରର ଆଶା କରାଯାଉଥିଲା । ରାସ୍ତା ନିର୍ମାଣ ପାଇଁ ଆଲୋଚନା ସ୍ଥଳେ ସରକାରୀ ଅଧିକାରୀ ଓ ଗୁଡୁପାଙ୍ଗି ଗାଁଲୋକ ଉପସ୍ଥିତ ଥିଲେ ହେଁ ୧୭ ଖଣ୍ଡ ଗାଁ ଲୋକ ଅନୁପସ୍ଥିତ ରହିଥିଲେ। ସଭାପତି ଗଙ୍ଗାଧର କହିଥିଲେ, ୧୭ ଖଣ୍ଡ ଗାଁର ଲୋକ ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧ ଛକ ଦେଇ ଢ଼ିପାମାଳ ରାସ୍ତା କରାଯାଉ ବୋଲି ଆନ୍ଦୋଳନ, ଧର୍ମଘଟ, ରାସ୍ତାରୋକୋ, ଘେରାଉ କରୁଛନ୍ତି। ସେମାନେ ବଳଭଦ୍ରପୁରଠାରୁ ଭାୟା ଗୁଡୁପାଙ୍ଗି ଦେଇ ଢ଼ିପମାଳ ରାସ୍ତାରେ ଯିବାକୁ ଅନାଗ୍ରହ ପ୍ରକାଶ କରୁଛନ୍ତି। ଗୁଡୁପାଙ୍ଗି ଲୋକ ବିବାଦୀୟ ବୋଲି ମନ୍ତବ୍ୟ ଦେଉଛନ୍ତି। ହେଲେ ଗୁଡୁପାଙ୍ଗି ଲୋକ କାହାର କ୍ଷତି କରୁ ନ ଥିଲେ ମଧ୍ୟ ଅଯଥାରେ ତାଙ୍କୁ ବଦନାମ କରାଯାଉଛି। ଗୁଡୁପାଙ୍ଗି ଲୋକଙ୍କ ଦାବି ଜଙ୍ଗଲ ନଷ୍ଟ ନ କରି ରାସ୍ତା କରାଯାଉ। ଅନ୍ୟପକ୍ଷେ ଗାଁ ସଭାପତି ପ୍ରଶ୍ନ କରିଥିଲେ କେଉଁଥିପାଇଁ ବଳଭଦ୍ରପୁର ଭାୟା ଗୁଡୁପାଙ୍ଗି ଢ଼ିପାମାଳ ରାସ୍ତାର ବେସ୍ ତିଆରି କରାଗଲା। ରାସ୍ତାର ବେସ୍ ତିଆରି କରିବା ପରେ ରାସ୍ତା କାମକୁ ୧୭ ଖଣ୍ଡ ଗାଁର ଲୋକ ବିରୋଧ କରିବାରୁ ରାସ୍ତା କାମ ଅଟକି ରହିଛି। ଏଭଳିସ୍ଥଳେ ଜଙ୍ଗଲ ମଧ୍ୟରେ ରାସ୍ତା କାହିଁକି କରାଯିବ। ଜଙ୍ଗଲ ମଧ୍ୟରେ ରାସ୍ତା କରାଗଲେ ଦଧିନଉତି ଜଙ୍ଗଲ ଉଜୁଡିଯିବ। କାଠମାଫିଆ, ଚୋରା ମଦ ବେପାରୀ ଓ କୋଇଲା ଚୋର ଲାଭରେ ରହିବେ।

୧୯୮୩ ମସିହାରୁ ଠେଙ୍ଗାପାଳିରେ ଜଙ୍ଗଲ ଜଗିଥିବା ଗୁଡୁପାଙ୍ଗି ଲୋକ କେବେ ହେଲେ ଜଙ୍ଗଲ ମଧ ଦେଇ କଂକ୍ରିଟ ରାସ୍ତା ନିର୍ମାଣକୁ ପ୍ରଶୟ ଦେବେ ନାହିଁ। ଗାଁ ଲୋକ କ'ଣ ସରକାର ମଧ ଏଥିରେ ସହମତି ହେବେ ନାହିଁ। ତେବେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦେଖାଇ ଅଯଥାରେ ଜଙ୍ଗଲ ମଧରେ ରାସ୍ତା କରାଯିବାକୁ ଉଦ୍ୟମ କରାଯିବା ଠିକ ନୁହେଁ। ଏଣୁ ଜଙ୍ଗଲ ମଧଦେଇ ବଳଭଦ୍ରପୁରରୁ ଭାୟ ସଦାବନ୍ଧ ଛକ ଦେଇ ଢ଼ିପାମାଳକୁ ଯେଉଁ ରାସ୍ତା କରାଯିବାକୁ ଦାବି କରାଯାଉଛି ପ୍ରଥମେ ବୁଝାଯାଉ ଢ଼ିପାମାଳ, ଗୋଛାବାରୀ, ରାଜନପଲ୍ଲୀ, ନୂଆସାହି, ଚକାପଥର ପରି ଗାଁ ଗୁଡିକ କେଉଁ ପଞ୍ଚାୟତର। ସେମାନଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ରାସ୍ତା ଅଛି କି ନାଁ ଅନୁଧ୍ୟାନ କରାଯାଉ। ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧ ଛକ ଦେଇ ରାସ୍ତା କରାଗଲେ ଜଙ୍ଗଲରୁ ଗଛ କାଟିବାକୁ ପଡିବ। ପୁଣି ନାଳ ପୋତିବାକୁ ପଡିବ। ନଚେତ ନାଳରେ କଲଭର୍ଟ କରିବାକୁ ପଡିବ। ଏତେ ସବୁ ନ କରି ବଳଭଦ୍ରପୁର ଭାୟା ଗୁଡୁପାଙ୍ଗି ଢ଼ିପାମାଳ ରାସ୍ତା କରାଯିବା ଦରକାର ବୋଲି କହିଛନ୍ତି। ପ୍ରକାଶ ଥାଉ କି ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧ ଛକ ଦେଇ ଢ଼ିପାମାଳ ରାସ୍ତା ନିର୍ମାଣ ନେଇ ଗୁଡୁପାଙ୍ଗି ଓ ୧୭ ଖଣ୍ଡ ଗାଁଲୋକଙ୍କ ମଧ୍ୟରେ ବିବାଦ ୯ ବର୍ଷ ହେଲା ଲାଗି ରହିଛି। ବଳଭଦ୍ରପୁରଠାରୁ ଭାୟା ସଦାବନ୍ଧ ଛକ ଦେଇ ଢ଼ିପାମାଳ ରାସ୍ତା ନିର୍ମାଣ ପାଇ ୧୭ ଖଣ୍ଡ ଗାଁର ଲୋକ ଆନ୍ଦୋଳନ କରି ଆସୁଛନ୍ତି।

# ନୟାଗଡ଼ରେ ଟ୍ରେଡ୍ ୟୁନିୟନ ଧର୍ମଘଟ

ନୟାଗଡ଼,୯।୭ (ଲୋକନାଥ ମିଶ୍ର)

ଶ୍ରମକୋଡ୍ ବାତିଲ କରି ପୂର୍ବବତ ଶ୍ରମିକ ଆଇନ ଲାଗୁ କରିବା ଦାବି ନେଇ ଶ୍ରମିକ ସଙ୍ଗଠନ ଗୁଡ଼ିକ ମିଳିତ ମଞ୍ଚର ଆହ୍ୱାନକ୍ରମେ ସର୍ବଭାରତୀୟ ଧର୍ମଘଟକୁ ସମର୍ଥନ କରି ନୟାଗଡ଼ ଜିଲା ସଦର ମହକୁମାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି। ସିଆଇଟିୟୁର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଛି। ଏହି ଅବସରରେ ଜୁଲାଇ ୯ ରେ ଆନ୍ଦୋଳନ ମୋଦି ସରକାରର ମନମାନି ତଥା ଶ୍ରମିକ -କୃଷକ ବିରୋଧୀ ପଦକ୍ଷେପ ବିରୋଧରେ ସାଧାରଣ ଜନତାର ଦୁର୍ବାର ରଣହୁଙ୍କାର ବୋଲି ବିକ୍ଷୋଭକାରୀ ଶ୍ରମିକ ନେତାମାନେ ପଦଯାତ୍ରା ସମୟରେ ସଚେତନତା କରିଥିଲେ। ନୟାଗଡ଼ର ପ୍ରମୁଖ ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟରେ ସତ୍ୟାଗ୍ରହୀମାନେ ପିକେଟିଙ୍ଗ୍ କରି ବନ୍ଦ କରିଥିଲେ। ଆନ୍ଦୋଳନରେ ପାଚିକା, ଆଶାକର୍ମୀ, ବିଦ୍ୟୁତ କର୍ମଚାରୀ, ନିର୍ମାଣ ଶ୍ରମିକ, କୃଷକ ସାମିଲ ହୋଇ ନୟାଗଡ଼ ପୂର୍ତ୍ତ ଡାକବଙ୍ଗଳାଠାରୁ ପଟୁଆରରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ବସି ରହିଥିଲେ। ସିଆଇଟିୟୁର ନେତା ସରୋଜିନୀ ସାହୁ, କୁଳମଣି ପୃଷ୍ଟି, ବୁଦ୍ଧି ନାୟକ, ବିଭୂତି ପଟ୍ଟନାୟକ, ବବଲୁ ଦାସ, ଏଆଇଟିୟୁସି ନେତା ଆଇନଜୀବୀ ଅମୀୟ ପଟ୍ଟନାୟକ, ବିଦ୍ୟୁତ କର୍ମଚାରୀ ନେତା କମଳେଶ ଦାସ ପ୍ରମୁଖ ଆଲୋଚନାରେ ନେତୃତ୍ୱ ନେଇ ମୋଦି ସରକାରଙ୍କ ଘରୋଇକରଣ ନୀତି, କର୍ପୋରେଟ ସପକ୍ଷବାଦୀ ଅର୍ଥନୀତି, ବେକାରୀ ବୃଦ୍ଧିର କଟୁ ସମାଲୋଚନା କରିଥିଲେ।




ଧର୍ମଘଟରେ ସାମିଲ ହୋଇଥିବା ଶ୍ରମିକ, ଆଶା କର୍ମୀ ଓ ଅନ୍ୟମାନେ।



୮୦ତମ ଜନ୍ମଦିବସ ଶୁଭେଚ୍ଛା

ଶ୍ରୀଯୁକ୍ତ ଅବଧୂତ ପରିଡ଼ା

ପାଖର, ଧର୍ମଶାଳା, ଯାଜପୁର

ଆଜି ଆପଣଙ୍କର ୮୦ତମ ଜନ୍ମ ଦିବସ। ଜଣେ ଆଦର୍ଶ ଶିକ୍ଷକଭାବେ ଅନେକ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିଛନ୍ତି। ଜନ୍ମ ଦିବସ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ଆପଣଙ୍କ ଚଲାପଥ କୁସୁମିତ କରିବା ସହିତ ତୁମକୁ ଦୀର୍ଘାୟୁ, ବିଦୁଷୀ ଓ ଯଶସ୍ୱୀ କରନ୍ତୁ।

ଶୁଭେଚ୍ଛା ସହ

ବଡ଼ ଭାଇ, ଭଉଣୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ବନ୍ଧୁ ଓ ପରିବାରବର୍ଗ।

# ୩ ରାସ୍ତାର ଶିଳାନ୍ୟାସ

ନୟାଗଡ଼,୯।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକରେ ୩ଟି ରାସ୍ତାର ବୁଧବାର ଶିଳାନ୍ୟାସ ହୋଇଛି। ୩ଟି ଯାକ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଛି। ଭାପୁରଠାରୁ ବିଜିପୁର ରାସ୍ତାର ଶିଳାନ୍ୟାସ ହୋଇଛି। ଭାପୁର ଉପ ଡାକଘର ସାମ୍ନାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଫଳକ ଉନ୍ମୋଚନ କରିଛନ୍ତି। ଭାପୁରଠାରୁ ବିଜିପୁର ସାଢ଼େ ୪ କିଲୋମିଟର ରାସ୍ତାର ଏହି କାର୍ଯ୍ୟ ପାଇଁ ୩ କୋଟି ୧୯ଲକ୍ଷ ୯୭ ହଜାର ବ୍ୟୟ ବରାଦ ହୋଇଛି। ସମ୍ପୃକ୍ତ ରାସ୍ତା ସାଢ଼େ ୫ ମିଟର ଓସାର ହେବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ସୂଚନା ମିଳିଛି। ପରେ ଭାପୁରଠାରୁ ରାକମା ଭାୟା କଇଁଫୁଲିଆ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ଭାପୁରଠାରୁ ରାକମା ଭାୟା କଇଁଫୁଲିଆ ୪ କିମି ଶହେ ମିଟର ରାସ୍ତା ନିମନ୍ତେ ୩ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ପରିଶେଷରେ ଚକ୍ରଧରପ୍ରସାଦ ପଞ୍ଚାୟତ ଅଧୀନ ଗୋବର୍ଦ୍ଧନ ପ୍ରସାଦଠାରୁ ପାଟବନ୍ଧ ଭାପୁର ବ୍ଲକର ସୀମା ପର୍ଯ୍ୟନ୍ତ ୨ କିଲୋମିଟର ୪୫୦ ମିଟର ନୂଆ ରାସ୍ତା ନିମନ୍ତେ ୧ କୋଟି ୮୨ ଲକ୍ଷ ଟଙ୍କାର ଶିଳାନ୍ୟାସ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଭାପୁର ବ୍ଲକ ଅଧକ୍ଷ ଗୟାଧର ପରିଡ଼ା, ଏମ୍ପିଙ୍କ ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ବିଜୟ କୁମାର ସାମନ୍ତରାୟ, ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଫତେଗଡ ଆଇଆଇସି ପଞ୍ଚାନନ ପରିଡ଼ା, ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧି, ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ରଥ, ଅଧୀକ୍ଷଣ ଯନ୍ତ୍ରୀ ସସ୍ମିତା ମୁଣ୍ଡୁରି ପ୍ରମୁଖ ଯୋଗଦେଇଥିଲେ।



ଭାପୁରରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ରାସ୍ତାର ଶିଳାନ୍ୟାସ କରୁଛନ୍ତି।

# ଜିଲା କୋର୍ଟ କମ୍ପ୍ଲେକ୍ସରେ ବନ ମହୋତ୍ସବ

ନୟାଗଡ଼,୯।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କୋର୍ଟ କମ୍ପ୍ଲେକ୍ସ ଓକିଲ ସଂଘ ପାର୍କିଂ ସ୍ଥାନରେ ବୁଧବାର ଜିଲା ଓକିଲ ସଂଘ, ରୋଟାରୀ କ୍ଲବ ନୟାଗଡ଼ ଏକ୍ସଏଲେନ୍ସୀ ଏବଂ ନୟାଗଡ଼ କେସି କ୍ଲବଙ୍କ ମିଳିତ ଆନୁକୂଲ୍ୟରେ ୭୬ ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବକୁ ଆମ୍ରପଲ୍ଲୀ ଆମ୍ବ ଚାରାରୋପଣ କରି ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ମହାରଣା ଉଦ୍‌ଘାଟନ କରିଥିଲେ। ଓକିଲ ସଂଘ ଉଦ୍ଦିଷ୍ଟ ପାର୍କିଂ ସ୍ଥାନରେ ଆୟୋଜିତ ଚାରରୋପଣ କାର୍ଯ୍ୟକ୍ରମରେ ଜିଲା ପରିବାର ଅଦାଲତ ଜଜ ଇନ୍ଦୁ ଶର୍ମା, ଅତିରିକ୍ତ ଜିଲାଜଜ୍ ରୀଜା ରାୟ, ସ୍ୱତନ୍ତ୍ର ପୋସକୋ ଜଜ୍ ମାନସ ପଣ୍ଡା, ରେଜିଷ୍ଟ୍ରାର ସୋନାଲି ସରିତା, ଡିଏଲଏସ୍‌ଏ ସଚିବ ଅଞ୍ଜଳି ମଛଖଣ୍ଡ, ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ଏସିଏଫ ସତ୍ୟଜିତ କର, ସିଡିଏମ୍‌ଓ ସୁଶାନ୍ତ କୁମାର ଦାଶଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଜଜ୍, ଜିଲା ଓକିଲ ସଂଘ ସଭାପତି ରଣଜିତ ଦାଶ, ଉପସଭାପତି ସନ୍ତୋଷ କୁମାର ରାଉତରାୟ, ସମ୍ପାଦକ ସ୍ୱଦେଶ ମିଶ୍ର, ସହ ସମ୍ପାଦକ ଆଶୁତୋଷ ସାମନ୍ତରାୟ, କୋଷାଧକ୍ଷ ବିଶ୍ୱେଶ ରଞ୍ଜନ ମହାପାତ୍ରଙ୍କ ସମେତ ସଂଘ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ବରିଷ୍ଠ ଆଇନଜୀବୀ ଗଣ, ରୋଟାରୀ କ୍ଲବ ଏକ୍ସଏଲେନ୍ସୀ ସଭାପତି ରୋଟାରୀୟାନ ପ୍ରମୋଦ ପଟ୍ଟନାୟକ, କେସି କ୍ଲବ ସଭାପତି ଭାଗୀରଥି ଦାସ, ସମ୍ପାଦକ ସଂଗ୍ରାମ ଗୁମାନସିଂ, ଉପସଭାପତି ଭବାନୀ ଶଙ୍କର ଦାସ, ନୟାଗଡ଼ ପୌରପାଳିକା ଉପ ନଗରପାଳ ଗୁରୁପ୍ରସାଦ ଜେନା ପ୍ରମୁଖ ବିଭିନ୍ନ ପ୍ରକାର ୫୦ ରୁ ଉର୍ଦ୍ଧ୍ୱ ଫଳ ଗଛ ଚାରାରୋପଣ କରିଥିଲେ।



କୋର୍ଟ ପରିସରରେ ଚାରା ରୋପଣ କରାଯାଉଛି।

# ଖଣ୍ଡପଡ଼ା ଡ୍ରାଇଭର ସଂଘର ଧାରଣା ଜାରି

ଖଣ୍ଡପଡ଼ା, ୯।୭ (ଅଜୟ କୁମାର ମହାରଣା)

ରାଜ୍ୟ ଡ୍ରାଇଭର ସଂଘର ଆହ୍ୱାନକ୍ରମେ ଖଣ୍ଡପଡ଼ା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ବାଇପାସ ଛକରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଗଣଧାରଣା ବୁଧବାର ୨ୟ ଦିନରେ ପହଞ୍ଚିଛି। ୭ ଦଫା ଦାବି ପୂରଣ ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଡ୍ରାଇଭର ସଂଘର ସଦସ୍ୟମାନେ ଦିନତମାମ ବାଇପାସ ରାସ୍ତା ପାର୍ଶ୍ୱରେ ନାରାବାଜି କରିଥିଲେ। ଖଣ୍ଡପଡ଼ା ବ୍ଲକ ଡ୍ରାଇଭର ସଂଘର ସଭାପତି ରଜତ କୁମାର ଦାସଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତରୁ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଡ୍ରାଇଭରମାନଙ୍କ ସହ ଆଲୋଚନା କରିଥିବା ବେଳେ ସଂଘ ପକ୍ଷରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର ସଭାପତି ଶ୍ରୀଦାସଙ୍କଠାରୁ ପ୍ରକାଶ। ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁ ଯାନବାହାନ ଚଳାଚଳ ବନ୍ଦ ହେବା ଫଳରେ ଯାତାୟାତ ନିମନ୍ତେ ଯାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖିନ ହୋଇଥିବା ଜଣାପଡିଛି।



ଡ୍ରାଇଭର ସଂଘର ଧାରରା ସ୍ଥଳରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ।

# ୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା ୯।୭ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବାଣିଗୋଛା ଥାନା ଅର୍ନ୍ତଗତ ଗୋଛା ପମ୍ପ ହାଉସ୍ ନିକଟରୁ ୫ କେଜି ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଥିବା ବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବାସୁଦେବ ଜେନା ବୋଲି ଜଣାଯାଇଛି। ଅଭିଯୁକ୍ତ ଜଣଙ୍କ ବାଇକ୍‌ରେ ଗଞ୍ଜେଇ ନେଇଯାଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ଗିରଫ ଅଭିଯୁକ୍ତ ଜଣଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସୂତ୍ରରୁ ପ୍ରକାଶ।

# ଖଣ୍ଡପଡ଼ା ଉପକାରାଗାର ସହ ନୟାଗଡ଼ କାରାଗାର ମିଶ୍ରଣକୁ ବିରୋଧ

ଖଣ୍ଡପଡ଼ା,୯।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ଦୀର୍ଘ ୮୭ ବର୍ଷର ପୁରୁଣା ଉପକାରାଗାରକୁ ନୟାଗଡ଼ ସ୍ଥାନାନ୍ତର ନିମନ୍ତେ ଗୃହ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୃହ ବିଭାଗ ପତ୍ର ସଂଖ୍ୟା ୨୮୩୭୦ ମାଧ୍ୟମରେ ଖଣ୍ଡପଡ଼ା ଉପକାରାଗାରକୁ ସବୁ ଦିନ ପାଇଁ ବନ୍ଦ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଏଠାରେ ରହୁଥିବା କଏଦୀ ଓ କର୍ମଚାରୀଙ୍କୁ ନୟାଗଡ଼ ଜିଲା କାରାଗାରକୁ ସ୍ଥାନାନ୍ତର ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ କମ୍ ସଂଖ୍ୟକ କଏଦୀ ଏବଂ ପରିଚାଳନା ଗତ ଖର୍ଚ୍ଚ ଯୋଗୁ ସରକାରୀସ୍ତରରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଖଣ୍ଡପଡ଼ା ଓ ଫତେଗଡ ଥାନାର ବିଚାରଧୀନ କଏଦୀମାନେ ଏଣିକି ନୟାଗଡ଼ ନିକଟରେ ଥିବା ଖୁଣ୍ଟୁବନ୍ଧକୁ ସ୍ଥାନାନ୍ତର କରାଯିବାକୁ ଥିବାବେଳେ ସେମାନଙ୍କ ସମ୍ପର୍କୀୟମାନେ ଅଯଥାରେ ଖର୍ଚ୍ଚାନ୍ତ ଓ ହନ୍ତସନ୍ତ ହେବେ ବୋଲି ସୂଚନା ମିଳିଛି। ଏଥିପ୍ରତି ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ଷ୍ଟ୍ରିଟ୍ ଲାଇଟ୍ ବିଦ୍ୟୁତ୍ ବିଲ୍‌କୁ ନେଇ ବର୍ଷିଲେ ସରପଞ୍ଚ






ପଞ୍ଚାୟତ ସମିତି ବୈଠକରେ ପ୍ରଶାସନିକ ଅଧିକାରୀ,ଜନ ପ୍ରତିନିଧି ଓ ଅନ୍ୟମାନେ ।

**ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ**

ଧର୍ମଶାଳା/କାଏମା,୯।୭ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ପଞ୍ଚାୟତ ସମିତିର ୧୦ମ ସାଧାରଣ ଅଧିବେଶନ ବ୍ଲକ୍ କାର୍ଯ୍ୟାଳୟରେ ଥିବା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଡ଼ିଓ ଜ୍ୟୋତିର୍ମୟୀ କର ଓ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ ବୈଠକରେ ଏମ୍‌ପିଙ୍କ ପ୍ରତିନିଧି କାହ୍ନୁ ଚରଣ ଦାଶ ଓ ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ଅଭିଷେକ ରାଉତ ଯୋଗଦେଇଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରାଯିବା ସହ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ 'ବିକଶିତ ଗାଁ ବିକଶିତ ଓଡିଶା'ଯୋଜନା ଓ ବିଭିନ୍ନ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଏଥିସହିତ ପଞ୍ଚାୟତରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ୍ ଏବଂ ପାନୀୟ ଜଳ ଯୋଗାଣର ବିଦ୍ୟୁତ୍ ବିଲକୁ ନେଇ ଅନେକ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ମଧୁପୁରଗଡ଼ ସରପଞ୍ଚ ରବୀନ୍ଦ୍ର ସେଠୀ କହିଥିଲେ, ତାଙ୍କ ପଞ୍ଚାୟତରେ ମୋଟ ୧୭ଟି ୱାର୍ଡ଼ରେ ୧୭୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଲାଇଟ ଦୀର୍ଘଦିନ ପୂର୍ବରୁ ଲଗାଯାଇଥିଲା । ସେହି ଅନୁପାତରେ ବିଦ୍ୟୁତ୍ ବିଲ୍ ପଞ୍ଚାୟତରୁ ପୈଠ କରାଯାଉଥିଲା। କିନ୍ତୁ ଏବେ ୫୦ରୁ କମ୍ ଲାଇଟ୍ ଜଳୁ ଥିବା ବେଳେ ଅନେକ ଖରାପ ହୋଇଯାଇଛି। ଏହାର ମରାମତି କରାଯାଉନାହିଁ । ଅଥଚ ସମସ୍ତ ଲାଇଟ୍‌ର ବିଦ୍ୟୁତ୍ ବିଲ୍ ପ୍ରତିମାସରେ ପଞ୍ଚାୟତରୁ ଦିଆଯାଉଛି। ସେହିପରି ଜଳ ଯୋଗାଣ ପାଇଁ ୨ଟି ଟାଙ୍କି ବାବଦକୁ ବିଦ୍ୟୁତ୍ ବିଲ ଦିଆଯାଉଛି। ଏଥିଯୋଗୁ ପଞ୍ଚାୟତରୁ ବାର୍ଷିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏପରି କରାଗଲେ ପଞ୍ଚାୟତର ଉନ୍ନତିକରଣ କାର୍ଯ୍ୟ କିପରି ହେବ ବୋଲି ସରପଞ୍ଚମାନେ ପ୍ରଶ୍ନ କରିଥିଲେ । ସେହିପରି କେତେକ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ରହିଥିବା ବେଳେ ଅନ୍ୟ କିଛି ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଓ ଭିଏଲଡବ୍ଲ୍ୟୁ ଠିକ ଭାବେ କାମ କରୁ ନ ଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ। ଏହି ସବୁ ଘଟଣା ଉପରେ ବିଡିଓ ଓ ବ୍ଲକ ଅଧ୍ୟକ୍ଷ ଆଲୋଚନା କରିବା ସହ ଆଗାମୀ ଦିନରେ କାମ ଠିକ ଭାବେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ମୟଙ୍କ ପ୍ରଥମ

ବାରୀ,୯।୭(ମହେନ୍ଦ୍ର ସ୍ୱାଇଁ):

ମଙ୍ଗଳବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ ହାଇସ୍କୁଲରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍କୁଲ ତରଫରୁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଯାଜପୁର ଜିଲା ବରୀ ବ୍ଲକ ଗୋଲକୁଣ୍ଡ ପଞ୍ଚାୟତ ହରିପୁର ଗ୍ରାମର ମାନସ ରଞ୍ଜନ ପତି ଏବଂ ପୁଷ୍ପାଞ୍ଜଳି ଦାଶଙ୍କ ଏକମାତ୍ର ପୁଅ ମୟଙ୍କ ପତି କଟକ ନୂଆବଜାରସ୍ଥିତ ସେଣ୍ଟ ଜାଭିଆର ସ୍କୁଲ ତରଫରୁ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ମୟଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।



ମୁଖ୍ୟମନ୍ତ୍ରୀ ମୟଙ୍କଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

# ମିର୍ଜାପୁରରେ ବନ ମହୋତ୍ସବ ପାଳିତ

କାଏମା,୯।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। କ୍ଲବର ସଞ୍ଚାଳିକା ଶିକ୍ଷୟିତ୍ରୀ ସୟଦା ଅମ୍ବରିନ କାଦ୍ରିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ୬୦ରୁ ଊର୍ଦ୍ଧ୍ୱ ଫୁଲ ଓ ବଉଳ ଚାରା ରୋପଣ କରିବା ସହ ତାର ସୁରକ୍ଷା ପାଇଁ ଶପଥ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ରଥଙ୍କ ସଭାପତିତ୍ୱରେ ଏବଂ ବରିଷ୍ଠ ଶିକ୍ଷକ ଅଜୟ କୁମାର ମହାପାତ୍ରଙ୍କ ପରିଚାଳନାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ବକ୍ତବ୍ୟରେ ବନ ମହୋତ୍ସବର ଗୁରୁତ୍ୱ ବିଷୟରେ କହିବା ସହ କିପରି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଚାରାରୋପଣ କରାଯିବା ସେ ସମ୍ପର୍କରେ ଆଲୋଚନା କରିଥିଲେ।



ଛାତ୍ରୀମାନେ ଚାରା ରୋପଣ କରୁଛନ୍ତି ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ

ଯାଜପୁର ଟାଉନ/ଯାଜପୁର ସଦର,୯।୭(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ) :

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଯାଜପୁର ସହରସ୍ଥିତ ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଆବୃତ୍ତି ଓ ଓଡ଼ିଆ ସାହିତ୍ୟ ସମ୍ପର୍କିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୦ଟି ବ୍ଲକରୁ ୪୪ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ପ୍ରବନ୍ଧରେ ସାଇନା ସାଲୋନିକା ସାମଲ, ବକ୍ତୃତାରେ ଦିବ୍ୟାଂଶୀ ବାରିକ, କବିତା ଆବୃତ୍ତିରେ ଶ୍ରଦ୍ଧାସୁମନ ସାହୁ, ସାଧାରଣ ଜ୍ଞାନରେ ସୌମ୍ୟବ୍ରତ ପାତ୍ର, ବରିଷ୍ଠ ବିଭାଗରେ ପ୍ରବନ୍ଧରେ ଶ୍ରଦ୍ଧା ସ୍ୱରୂପା ଶା, ବକ୍ତୃତା ସୁପ୍ରିୟା ମିଶ୍ର, କବିତା ଆବୃତ୍ତି ସ୍ୱସ୍ତିକା ରାଉତ ଏବଂ ସାଧାରଣ ଜ୍ଞାନରେ ଶୁଭ୍ରାଂଶୁ ସେନାପତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ଛାତ୍ରଛାତ୍ରୀ ଚଳିତ ମାସ ୧୩ ତାରିଖ (କନିଷ୍ଠ ବର୍ଗ) ଓ ୨୦ ତାରିଖରେ (ବରିଷ୍ଠ ବର୍ଗ) ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପ୍ରତିଯୋଗିତା ଆରମ୍ଭରୁ ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥି ସେବା ନିବୃତ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଡ. ଜ୍ଞାନରଞ୍ଜନ ପତି ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତଥା ସଂଯୋଜକ କୁମାର ସେନ ସେନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ଲେଙ୍କା, ଡ. ଅକ୍ଷୟ କୁମାର ପଣ୍ଡା, ବିରଞ୍ଚି ନାରାୟଣ ଧଳ, ନିରୁପମା ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ଗୋପାଳ କୃଷ୍ଣ ରାୟ, ସଂଯୁକ୍ତା ମହାପାତ୍ର, ସ୍ନେହସୁଧା ଓଝା, କୈଳାସ ଓଝା ଯୋଗଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।



ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଉତ୍ସବରେ ମଞ୍ଚାସୀନ ଅତିଥି ।

# ପ୍ରତିଭା ସମ୍ମାନ,ବନ ମହୋତ୍ସବ ସପ୍ତାହ ପାଳିତ

ରସୁଲପୁର,୯।୭(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ପ୍ରତିଭା ସମ୍ମାନ ଉତ୍ସବ ଓ ବନମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି । ଏହି ଅବସରରେ କୃତୀ ବିଦ୍ୟାର୍ଥୀ ଓ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ନାନା ପ୍ରକାର ଉପକାରୀ ଚାର ରୋପଣ କରାଯାଇଛି । ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଭା ସମ୍ମାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରସୁଲପୁର ମଣ୍ଡଳ ସହ-ଶିକ୍ଷାଧିକାରୀ ଶାନ୍ତିଲତା ରାଉତ, ସମ୍ମାନିତ ଅତିଥି କାନାର ବ୍ୟାଙ୍କ ଶାଖା ପରିଚାଳକ ଦେବବ୍ରତ ସାହୁ, ସିଆରସିସି ସଞ୍ଜୀବ କୁମାର ସୁତାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ଭାରତୀ, ଉପ-ସଭାପତି ସସ୍ମିତା ମଲିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଗୌରବ ଓ ବିଦ୍ୟାର୍ଥୀମାନଙ୍କ ସଫଳତା ଉପରେ ମତ ଦେଇ ବିଦ୍ୟାର୍ଥୀମାନଙ୍କ ସଫଳତାରେ ବିଦ୍ୟାଳୟ ଗୌରାବନ୍ୱିତ ହୋଇଥାଏ। ପ୍ରତ୍ୟେକ ବିଦ୍ୟାର୍ଥୀ ଏ ଦିଗରେ ବ୍ରତି ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ପ୍ରତିଭା ସମ୍ମାନ ଉତ୍ସବରେ ୨୦୨୪-୨୫ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ଛାତ୍ର ରାଜେଶ କୁମାର ଦାଶ, ରଶ୍ମିରଞ୍ଜନ ଦାଶ, ସୌମ୍ୟରଞ୍ଜନ ପତି, ଛାତ୍ରୀ ସୁଜାତା ମଲିକଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ ।



ବନ ମହୋତ୍ସବ ସପ୍ତାହ ପାଳନ ସଭାରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

# ଦ୍ୱିତୀୟ ଦିନରେ ଡ୍ରାଇଭରଙ୍କ ଧାରଣା

ଚଣ୍ଡିଖୋଲ,୯।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଓଡିଶା ଡ୍ରାଇଭର ମହାସଂଘ ଡାକରାରେ ଚଣ୍ଡିଖୋଲ ଛକରେ ଡ୍ରାଇଭରମାନେ ଧାରଣା ଜାରି ରଖିଛନ୍ତି। ଶତାଧିକ ଡ୍ରାଇଭର ୭ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ସେମାନେ ଧାରଣା ଦେବାରୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଚଣ୍ଡିଖୋଲ ଛକଠାରେ ବଡ଼ଚଣା ବ୍ଲକ ସଭାପତି ଆଲୋକ କୁମାର ଦାସ, ଉପ ସଭାପତି ପ୍ରକାଶ ସାମଲ,ସମ୍ପାଦକ ସଞ୍ଜୟ କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଷ୍ଟିଅରିଂ ଛାଡ ଆନ୍ଦୋଳନ ପରେ ବିଭିନ୍ନ ସାମଗ୍ରୀର ଦର ବଢ଼ିବାରେ ଲାଗିଛି।

# ଘର ପାଖ ବିଦ୍ୟାଳୟରେ ରହି ଶିକ୍ଷକଙ୍କ ମନମାନି

- ୩୦ ପିଲାଙ୍କୁ ୭୦ ଦର୍ଶାଇ ଚାଲିଛି ମଧ୍ୟାହ୍ନଭୋଜନ ଲୁଟ୍
- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଯାଜପୁର,୯।୭(ହର୍ଷବର୍ଦ୍ଧନବେହେରା):

ଯାଜପୁର ଜିଲାର ବରୀ ବ୍ଲକ ମଧୁସୁଦନପୁର ପଞ୍ଚାୟତର ଏକ ବିଦ୍ୟାଳୟରେ ଦୀର୍ଘ ବର୍ଷ ରହି କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହି ମନମାନି ଚଳାଇ ଆସୁଛନ୍ତି। ସେହି ସ୍କୁଲରେ ୩୦ ପିଲା ଉପସ୍ଥାନ ରହୁଥିବାବେଳେ ୭୦ ପିଲା ଦର୍ଶାଇ ମଧ୍ୟାହ୍ନ ଭୋଜନ ଅର୍ଥ ଆତ୍ମସାତ କରୁଛନ୍ତି। ଏନେଇ ଗ୍ରାମବାସୀ ନ୍ୟାୟ ଆଶାରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତର ଏକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଘର ରହିଛି। ଫଳରେ ନିଜର ବ୍ୟକ୍ତିଗତ କାର୍ଯ୍ୟ ସାରି ବିଦ୍ୟାଳୟକୁ ନିଜ ଇଚ୍ଛା ଅନୁସାରେ ଆସୁଥିବାବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟରୁ ପଳାଉଛନ୍ତି। ଯେଉଁଥିପାଇଁ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଅଭିଭାବକମାନେ ଉକ୍ତ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବା ପାଇଁ ଚାହୁ ନାହାନ୍ତି । ଅଭିଭାବକମାନେ ଏ ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ପୂର୍ବକ ସଂପୃକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରା ନ ଗଲେ ଅନିର୍ଦ୍ଧିଷ୍ଟ ସମୟ ପାଇଁ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

ଯାଜପୁର ଟାଉନ,୯।୭(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ପୋଲିସ ରଡ଼ ଚୋରି ଅଭିଯୋଗରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏସ୍‌ଆଇ ଅଜୟ କୁମାର ସାହୁ ପାଟ୍ରୋଲିଂ କରୁଥିବା ସମୟରେ କୁସୁମା ନିକଟରୁ ୩ଜଣ ଯୁବକଙ୍କୁ ଧରିବା ସହ ତାଙ୍କ ଠାରୁ ଚୋରି କରି ନେଉଥିବା ରଡ଼କୁ ଜବତ କରିଥିଲେ। ଏହି ୩ଜଣ ଯୁବକ ହେଲେ ଦୀପ୍ତିରଞ୍ଜନ ବେହେରା, ଅଶୋକ କୁମାର ସାହୁ, ସଞ୍ଜୟ ଜେନା । ସେମାନଙ୍କ ଘର ଯାଜପୁର ଥାନା ବିଚିତ୍ରପୁର ପଞ୍ଚାୟତ ବାରବାଟୀ ଗ୍ରାମରେ ବୋଲି ଜଣାପଡ଼ିଛି। ସେମାନେ ବ୍ୟବହାର କରୁଥିବା ଏକ ସ୍କୁଟିକୁ ପୋଲିସ ଜବତ କରିଛି।

# ଦ୍ୱିତୀୟ ଦିନରେ ଡ୍ରାଇଭର ମହାସଂଘର ଆନ୍ଦୋଳନ

କାଳିଆପାଣି,୯।୭(ଅସିତ୍ ମହାନ୍ତ ):

ଡ୍ରାଇଭର ମହାସଂଘ ୭ଦଫା ଦାବି ନେଇ ଷ୍ଟିୟରିଂ ଛାଡ ଆନ୍ଦୋଳନ ମଙ୍ଗଳବାରଠାରୁ ଆରମ୍ଭ କରିଥିଲେ । ବୁଧବାର ସେହି ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି । ହେଲେ ମହାସଂଘର କୌଣସି ଦାବି ପୂରଣ ହୋଇନାହିଁ କି ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ଗ୍ରହଣ କରି ନାହାନ୍ତି । ଏଥିପାଇଁ ଯାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ପୂର୍ବ ସରକାର ଗୋଟିଏ ଦାବି ପୂରଣ କରିଥିଲେ । ଅନ୍ୟ ଦାବି ପୂରଣରେ ବିଳମ୍ବ ଘଟୁଥିବାରୁ ବିଭିନ୍ନ ସ୍ଥାନରେ ଡ୍ରାଇଭରମାନେ ଧାରଣା ଦେଇଛନ୍ତି । ବିଶେଷ କରି ଓଡିଶା ମୋଟର ପରିବହନ ଡ୍ରାଇଭର ଏବଂ କର୍ମଚାରୀ ୱାଲଫେୟାର ବୋର୍ଡରେ ଅଟୋ ଡ୍ରାଇଭର ଙ୍କୁ ସାମିଲ କରିବା, ଲୋକଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ବୃତ୍ତିଗତ ଡ୍ରାଇଭରଙ୍କ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ରାସ୍ତାରେ ପାର୍ଶ୍ୱରେ ଡ୍ରାଇଭରଙ୍କ ପାଇଁ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା କରିବା, ଓଡିଶାରେ ଥିବା ପ୍ରତି ଖଣି ଖାଦାନ ଏବଂ କାରଖାନାରେ ୭୦% ଓଡିଶା ଡ୍ରାଇଭରଙ୍କୁ ନିଯୁକ୍ତି , ସେପ୍ଟେମ୍ବର ୯କୁ ଜାତୀୟ ଡ୍ରାଇଭର ଦିବସ ଘୋଷଣା ଓ ରାତିର କାଗଜପତ୍ର ଯାଞ୍ଚ କରିବା କ୍ଷମତା ପୋଲିସକୁ ନ ଦେବାକୁ ଦାବି କରାଯାଇଛି । ତୁରନ୍ତ ଏ ସଂକ୍ରାନ୍ତରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସୁକିନ୍ଦା ବ୍ଲକ ଡ୍ରାଇଭର ମହାସଂଘ ଉପସଭାପତି ଛବି ଦାସ ଓ ସଂଯୋଜକ ସଞ୍ଜୟ ମହାନ୍ତ ଦାବି କରିଛନ୍ତି ।



ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭର ।

# ଦୁଃଖ ଦେଉଛି ବୈତରଣୀ,କାଣୀ

**ନଦୀବନ୍ଧ ଧସିବା ସ୍ଥାନ ପରିଦର୍ଶନ କଲେ ଭାଜପା ନେତ୍ରୀ**

ଦଶରଥପୁର,୯।୭ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ଓ ଏହାର ଶାଖା ନଦୀ କାଣୀ ନଦୀରେ ପ୍ରତିବର୍ଷ ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକର ଅଧିକାଂଶ ପଞ୍ଚାୟତ ପ୍ରଭାବିତ ହେବା ସହିତ ଲକ୍ଷାଧିକ ଲୋକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଚଳିତ ମାସ ବୈତରଣୀରେ ୨ ଥର ବନ୍ୟା ଆସିଥିଲା। ଦ୍ୱିତୀୟ ବନ୍ୟାରେ ନିଜାମପୁର ପଞ୍ଚାୟତ ଅନ୍ତର୍ଗତ ନୂଆପାଟଣା ଗ୍ରାମ ନିକଟରେ ନଦୀବନ୍ଧରୁ ପ୍ରାୟ ୩୦ ଫୁଟର ଅତଡ଼ା ଖସିବା ଫଳରେ ନୂଆପାଟଣା ଗ୍ରାମ ସମେତ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ପୂର୍ତ୍ତ ବିଭାଗର ଅଧୀନରେ ଆଶୀର୍ବାଦ ଠିକାସଂସ୍ଥା ଦ୍ୱାରା ନିର୍ମାଣ କରାଯାଉଥିବା ନୂଆପାଟଣା ସେତୁ ନିମନ୍ତେ ନଦୀ ମଧ୍ୟରେ ହୋଇଥିବା ଅସ୍ଥାୟୀ ରାସ୍ତା ବର୍ଷା ଋତୁ ପୂର୍ବରୁ ଖୋଲା ନ ଯିବାରୁ ନଦୀରେ ପ୍ରବାହିତ ବନ୍ୟା ଜଳ ଠିକ ଭାବେ ପ୍ରବାହିତ ନ ହୋଇ ବାଧାପ୍ରାପ୍ତ ହୋଇଥିଲା । ତାହା ନଦୀବନ୍ଧରେ ମାଡ଼ ହୋଇଥିଲା । ଫଳରେ ନଦୀର ଗତିପଥ ପରିବର୍ତ୍ତନ ହୋଇ ବନ୍ଧ ପ୍ରତି ବିପଦ ସୃଷ୍ଟି କରିଥିଲା । ମାତ୍ର ଜଳସେଚନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଧ ମରାମତି ନିମନ୍ତେ ବହ୍ଲା ଓ ବାଲିବସ୍ତା ପକାଯାଇ ବନ୍ଧର ସୁରକ୍ଷା ନିମନ୍ତେ ଉଦ୍ୟମ ଜାରି ରହିଛି। ପୂର୍ତ୍ତ ବିଭାଗର ଏଭଳି ତୃଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଯେଉଁ ଅର୍ଥ ଖର୍ଚ୍ଚ ହୋଇ ବନ୍ଧ ମରାମତି କରାଯିବ ତା'ର ଭରଣା କିଏ କରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣା ପରେ ଭାଜପା ନେତ୍ରୀ ବବିତା ମଲିକ ବୁଧବାର କ୍ଷତିଗ୍ରସ୍ତ ନଦୀ ବନ୍ଧ ପରିଦର୍ଶନ କରିବା ସହିତ ତୁରନ୍ତ ବନ୍ଧ ମରାମତି କରିବା ଓ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ କାର୍ଯ୍ୟକରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।



ବୈତରଣୀ ନଦୀ ବନ୍ଧ ଧସିବା ପରେ ମରାମତି କରାଯାଇଛି ।

# ରାସ୍ତା ବନ୍ଦ ପ୍ରଭାବ: ଯାତ୍ରୀ ହନ୍ତସନ୍ତ

କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିୟରିଂ ଛାଡ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମିକ, କୃଷକ ମିଳିତ ମୋର୍ଚ୍ଚା ପକ୍ଷରୁ ବୁଧବାର ହୋଇଥିବା ଆନ୍ଦୋଳନ ଜିଲାରେ ପ୍ରଭାବ ପକାଇଛି। ମୋର୍ଚ୍ଚା ଓ ମହାସଂଘର କର୍ମକର୍ତ୍ତାମାନେ ରାସ୍ତାକୁ ଅବରୋଧ କରିଥିବାରୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଏପରିକି ସାମଗ୍ରୀର ବଜାର ଦର ଅହେତୁକ ବୃଦ୍ଧିଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟ ମଧ୍ୟ ଠପ ହୋଇଯାଇଛି। ଡ୍ରାଇଭର ମହାସଂଘ ପୁରୁଣାହାଟଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। କୃଷକ ମୋର୍ଚ୍ଚା ପକ୍ଷରୁ ସହରର ତିନିମୁହାଣିଠାରେ ରାଜ୍ୟ ରାଜପଥ ଅବରୋଧ ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ଡ୍ରାଇଭର ମହାସଂଘର ଜିଲା କମିଟି ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ରଞ୍ଜନ କୁମାର ମହାନ୍ତି ପ୍ରମୁଖ କହିଛନ୍ତି, ସମସ୍ୟା ସମ୍ପର୍କରେ ବହୁବାର ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ମଧ୍ୟ ତାହାର ସମାଧାନ ହେଉନାହିଁ। ଏଥିପାଇଁ ଷ୍ଟିୟରିଂ ଛାଡ ଆନ୍ଦୋଳନ ଆରମ୍ଭ ହୋଇଛି। ସେହିପରି ଶ୍ରମିକ, କୃଷକ ମିଳିତ ମୋର୍ଚ୍ଚା କର୍ମକର୍ତ୍ତାମାନେ କହିଛନ୍ତି, କେନ୍ଦ୍ର ସରକାରରେ ଭାଜପା ଶାସନ କରିବାର ୧୧ବର୍ଷ ମଧ୍ୟରେ ଶ୍ରମଜୀବୀଙ୍କ ଆର୍ଥିକ, ସାମାଜିକ ଓ ମାନସିକ ସ୍ଥିତି ଅତି ନିମ୍ନସ୍ତରରେ ପହଞ୍ଚିଛି। କର୍ମନିଯୁକ୍ତି, ଦରଦାମ ବୃଦ୍ଧି ଆଦି ସମସ୍ୟାରେ ଦେଶର ୯୦ ପ୍ରତିଶତ ବ୍ୟକ୍ତି ହନ୍ତସନ୍ତ ହେଉଛନ୍ତି। ଏହାସତ୍ତ୍ୱେ କେନ୍ଦ୍ର ସରକାର ନୂତନ ଶ୍ରମ କୋଡ୍ ଲାଗୁ ଯୋଜନା ପ୍ରଣୟନ କରିବାକୁ ଚେଷ୍ଟା ଚଳାଇଛନ୍ତି। ଏହାଦ୍ୱାରା ଶ୍ରମିକଙ୍କ ଅଧିକାର ଓ ସାମାଜିକ ସୁରକ୍ଷା ବିପନ୍ନ ହେବ। ପ୍ରାୟ ୧୮ ଟି ସମସ୍ୟାର ସମାଧାନ ଏହି ଆନ୍ଦୋଳନର ଲକ୍ଷ୍ୟ ବୋଲି ସେମାନେ କହିଛନ୍ତି। ଅପରପକ୍ଷରେ ସହରର ତିନିମୁହାଣିଠାରେ ଅଟକି ରହିଥିବା ଯାତ୍ରୀ ଅନୁପ କୁମାର ମଲ୍ଲିକ କହିଛନ୍ତି, ସେ ପାରିବାରିକ ଜରୁରୀ କାର୍ଯ୍ୟ ସମ୍ପନ୍ନ ପାଇଁ କଟକ ଯାଉଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ପାଇଁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଲେ ନାହିଁ। ଫଳରେ ପାରିବାରିକ ସମ୍ପର୍କରେ ବାଧା ସୃଷ୍ଟି ହୋଇଛି। ଯାତ୍ରୀ ରାମଚନ୍ଦ୍ର ଦାସ କହିଛନ୍ତି, ରାସ୍ତା ଅବରୋଧ ପାଇଁ ପନିପରିବାଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟରେ ପ୍ରଭାବ ପକାଇଛି। ସାଧାରଣରେ ୭ ଟଙ୍କାରେ ବିକ୍ରି ହେଉଥିବା ଗୋଟିଏ ଅଣ୍ଡାର ଦାମ ଏବେ ୧୦ ଟଙ୍କାରେ ପହଞ୍ଚିଛି। ବୁଦ୍ଧିଜୀବୀ ଅମରେନ୍ଦ୍ର ବିଶ୍ୱାଳ କହିଛନ୍ତି, ସାମ୍ପ୍ରତିକ ସମୟରେ ଆନ୍ଦୋଳନ ଡାକରା ସାଧାରଣରେ ସମସ୍ୟା ସୃଷ୍ଟି କରୁଛି। ଏଥିପାଇଁ ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ସମସ୍ୟାର ସମାଧାନ ଆଲୋଚନା ଓ ଆଇନ ମାଧ୍ୟମରେ ହେଉ। ଆନ୍ଦୋଳନ ମଧ୍ୟ ସାଧାରଣ ଲୋକଙ୍କ ଆର୍ଥିକ ପ୍ରଗତି, ସାମାଜିକ ସୁରକ୍ଷା ଓ ମାନସିକ ସ୍ଥିରତାରେ ବାଧକ ସାଜୁଛି।



କେନ୍ଦ୍ରାପଡ଼ା ତିନିମୁହାଣୀ ଛକରେ ଟ୍ରେଡ ୟୁନିୟନ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

# ପାଟନାଳି ଉଦ୍ଧାର ପାଇଁ ଚାଷୀଙ୍କ ଦାବି



କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ନିକଟ ଚଟ୍ଟୋପ୍ରା-ମଉଡପୁର ପାଟନାଳି ଉଦ୍ଧାର ପାଇଁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଏ ନେଇ ଜିଲାପାଳଙ୍କୁ ଚାଷୀମାନେ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀ ଭରତ କୁମାର ନାୟକ କହିଛନ୍ତି, ଏହି ପାଟନାଳି ମଧ୍ୟ ଦେଇ ସହର ଓ ବ୍ଲକ ଅଞ୍ଚଳର ଉଦ୍‌ବୃତ୍ତ ଜଳ ନିଷ୍କାସିତ ହେଉଥିଲା। ତେବେ କ୍ରମବର୍ଦ୍ଧିଷ୍ଣୁ ସହର ଯୋଗୁ ଏହା ସଙ୍କୁଚିତ ହୋଇଯାଇଛି। ଏହି ନାଳ ନିକଟରେ ବେଆଇନ ଭାବେ କେତେକ ବ୍ୟକ୍ତି ଘର କରିବା ପରେ ଜଳ ନିଷ୍କାସନ ପଥ ଅବରୋଧ ହୋଇଛି। ସେହିପରି ଜିଲା ଡ୍ରେନେଜ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ସଫେଇ ଆଳରେ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସ୍ଥାନୀୟ ଚାଷୀଙ୍କ କାର୍ଯ୍ୟରେ ଲାଗୁନାହିଁ। ନାଳର ଅଧିକାଂଶ ସ୍ଥାନରେ ଗଛଲତା ମାଡି ଆସିଛି। ଉଦ୍‌ବୃତ୍ତ ଜଳ ନିଷ୍କାସନ ନ ହେବା ଫଳରେ ପ୍ରାୟ ୨୦ ହଜାର ହେକ୍ଟର ଚାଷଜମି ପଡ଼ିଆ ହେବାକୁ ବସିଛି ବୋଲି ଚାଷୀ ନାୟକ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଚାଷୀ ନିରଞ୍ଜନ ସ୍ୱାଇଁ, ଅଭୟ କୁମାର ସାହୁ, ବଟକୃଷ୍ଣ ସେଠୀ, ଗୌରାଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ ପାଇଁ ଡ୍ରେନେଜ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଥିବା ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ଭାଜପା ରାଷ୍ଟ୍ରୀୟ ପରିଷଦରେ ଦୁର୍ଯ୍ୟୋଧନ ସାହୁ



କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଭାଜପାର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ସାହୁ ରାଷ୍ଟ୍ରୀୟ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିକଟରେ ହୋଇଥିବା ନିର୍ବାଚନରେ ସେ ଏକମାତ୍ର ବ୍ୟକ୍ତି ନାମାଙ୍କନପତ୍ର ଦାଖଲ କରିଥିଲେ। ବରିଷ୍ଠ ନେତା ସାହୁ ଜିଲାର ୪ ଥର ଜିଲା ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏଥିସହ ରାଜ୍ୟ କୃଷକ ମୋର୍ଚ୍ଚାର ପୂର୍ବତନ ଉପସଭାପତି, ରାଜ୍ୟ କୋଅପରେଟିଭ ସେଲ୍‌ର ପୂର୍ବତନ ଉପସଭାପତି ଭାବେ ଦାୟିତ୍ୱ ନେଇଛନ୍ତି। ଏଥିସହ ୪ ଥର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଭିଜ୍ଞତା ଅଛି। ଜଣେ ସୁସଙ୍ଗଠକ ଭାବେ ଉଣ୍ଣାଶୁଣା ବ୍ୟକ୍ତିତ୍ୱ। ତାଙ୍କର ଏହି ନୂତନ ପଦବୀ ପରେ ବିଭିନ୍ନ ମହଲରେ ଖୁସି ଆଣିଛି।

# ସର୍ବଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ



ଧର୍ମଘଟସର ସାମିଲ ହୋଇଥିବା ଶ୍ରମିକ ସଂଗଠନର କର୍ମକର୍ତ୍ତା।

ରାଜକନିକା, ୯।୭ (ସଞ୍ଜୟ କୁମାର ଦାଶ / ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ମାରଣ ନୀତିକୁ ବିରୋଧ କରି ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସହଯୋଗୀଙ୍କୁ ନେଇ ଡାକରା ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟ ପ୍ରଭାବରେ ବୁଧବାର ରାଜକନିକାରେ ଏଆଇସିସିଟିୟୁ ଓ ସିପିଆଇଏମଏଲ ମିଳିତ ଭାବେ ସହଯୋଗ କରିଥିଲେ। ଜିଲା ସମ୍ପାଦକ ବିଧାନ ଦାସଙ୍କ ନେତୃତ୍ୱରେ ସକାଳ ୭ଟାରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ (ଏସଏଚ-୯ଏ) ରାସ୍ତାର ଚନ୍ଦନ ପୋଖରୀ ଛକଠାରେ ରାସ୍ତା ବନ୍ଦ କରି ଧାରଣାରେ ବସିଥିଲେ। ଧର୍ମଘଟରେ କେନ୍ଦ୍ର ସରକାରଙ୍କ ୪ଟି ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, କଳା କୃଷି ଆଇନକୁ ବାତିଲ କରିବା, ଦରଦାମ ବୃଦ୍ଧିକୁ ରୋକିବା, ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକୁ ବନ୍ଦ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ ବନ୍ଦ କରିବା, ଆଉଟସୋର୍ସିଂ ଚୁକ୍ତି ଭିତ୍ତିକ ନିଯୁକ୍ତି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ବେକାରୀ ସମସ୍ୟାର ସମାଧାନ କରିବା, ମଞ୍ଜୁରୀ ପ୍ରାପ୍ତ ପଦବୀଗୁଡ଼ିକ ପୂରଣ କରିବା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଶ୍ରମିକଙ୍କ ମଜୁରି ବୃଦ୍ଧି କରିବା, ମିଶନ ଶକ୍ତିର ଭଉଣୀମାନଙ୍କୁ ସ୍କିମ ୱର୍କର ମାନ୍ୟତା ପ୍ରଦାନ କରିବା, ଏସ୍‌ଏଚ୍‌ଜି ପୁନଃ ଗଠନ ବନ୍ଦ କରିବା, ଅଙ୍ଗନୱାଡ଼ି, ଆଶା ଓ ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ସହ ପେନସନ ଦେବା ପ୍ରଭୃତି ପ୍ରମୁଖ ଦାବିଗୁଡ଼ିକ ନେଇ ଧାରଣା ଦେବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ପରେ ୧୧ ସମୟରେ ଏସ୍‌ସିଜି ସଞ୍ଜୟ କରଣ ସଂଘର୍ଷ ସମିତିର ସଭାନେତ୍ରୀ ସବିତା ବରଲଙ୍କ ନେତୃତ୍ୱରେ ଶତାଧିକ ମହିଳା ଚନ୍ଦନ ପୋଖରୀ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ଅଶୋକ ଛକ ଦେଇ ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ସହ ବିଭିନ୍ନ ସରକାରୀ ଦପ୍ତର ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କାର୍ଯ୍ୟାଳୟରେ ପହଞ୍ଚି ପିକେଟିଂ କରି ବନ୍ଦ କରିଥିଲେ। ଏହି ଧର୍ମଘଟର ପ୍ରଭାବ ରାଜକନିକା ଅଞ୍ଚଳରେ ପଡ଼ିଥିଲା। ଏହି ଧର୍ମଘଟରେ କୃଷକନେତା ବିଶ୍ୱନାଥ ନାୟକ, ପ୍ରଫୁଲ୍ଲ ନାୟକ, ଯୋଗେଶ୍ୱର ପ୍ରଧାନ, ଗାୟତ୍ରୀ ମହାନ୍ତି, ଅପରାଜିତା ବେହେରା, ଅନସୂୟା ବେହେରା, ସବିତା ନାୟକ, ମିନତି ବିଶ୍ୱାଳ, ସଂଘମିତ୍ରା ଦାସ, ଶକୁନ୍ତଳା ସାହୁ, ସ୍ୱର୍ଣ୍ଣଲତା ବାରିକ, ସସ୍ମିତା ବେହେରା, ଅନିତା ମହାରଣା, ପ୍ରଭାବତୀ ସାହୁ, କୁନିଲତା ସାମଲ, ସ୍ୱର୍ଣ୍ଣଲତା ବେହୁରିଆ, ଅନସୂୟା ଡାଇଙ୍କ ସମେତ ପାଚିକା ସଂଘ, ଅନୱାଡ଼ୀ ସଂଘର ମହିଳାମାନେ ଯୋଗଦେଇଥିଲେ।

# ମହିଳାଙ୍କୁ ଶିକ୍ଷକଙ୍କ ବଳାତ୍କାର ଅଭିଯୋଗ

ମହାକାଳପଡ଼ା, ୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ■ ପୀଡ଼ିତା ମହିଳାଙ୍କ ଡାକ୍ତରୀ ପରୀକ୍ଷା
- ■ ଗୁରୁବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୩୯ ବର୍ଷିୟା ମହିଳାଙ୍କୁ ବଟିଘର ଅଞ୍ଚଳର ଶିକ୍ଷକ ବଳାତ୍କାର କରିଥିବା ବୁଧବାର ଅଭିଯୋଗ ହୋଇଛି। ସରକାରୀ ଶିକ୍ଷକ ଜଣକ ହେଲେ ରଞ୍ଜିତ ମଣ୍ଡଳ। ଅଭିଯୋଗକୁ ଭିତ୍ତିକରି ପୋଲିସ ରଞ୍ଜିତଙ୍କୁ ଉଠାଇ ନେଇଛି। ଅପରପକ୍ଷେ ବୁଧବାର ମହାକାଳପଡ଼ା ଥାନା ମହିଳା ତଦନ୍ତ ଅଧିକାରୀ ଭାରତୀୟ ନ୍ୟାୟ ସଂହିତା ଧାରା ୧୮୦ ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଅପରାହ୍ନରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଗୁରୁବାର କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟରେ ଭାରତୀୟ ନ୍ୟାୟ ସଂହିତା ୧୮୩ ଧାରା ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ପୋଲିସ ଶିକ୍ଷକଙ୍କ ବିରୋଧରେ ନଂ. ୧୩୯/୨୫ରେ ଏକ ମାମଲା ରୁଜୁ କରିଛି। ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ପୀଡ଼ିତା ମହିଳାଙ୍କୁ କେନ୍ଦ୍ରାପଡ଼ା ସର୍ଭେ ହୋମ୍‌ରେ ଅବସ୍ଥାନ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ପଚାରିବାରେ ମହିଳାଙ୍କ ଅଭିଯୋଗ ମୁତାବକ ଶିକ୍ଷକ ଜଣକ ତାଙ୍କୁ ପାରାଦୀପ ନେଇ ବଳାତ୍କାର କରିଥିବା ଦର୍ଶାଇଛନ୍ତି। ତାହାକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ବୈକୁଣ୍ଠ ଚନ୍ଦ୍ର ଦଳାଇଙ୍କୁ ପଚାରିବାରେ ଉକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ମିଳିନି। ଅଭିଯୋଗ ମିଳିଲେ ସରକାରୀ ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଶ୍ରମିକ ସଂଗଠନର ଆନ୍ଦୋଳନ


ପଟ୍ଟାମୁଣ୍ଡାଇଠାରେ ଶ୍ରମିକ ସଂଗଠନ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

ପଟ୍ଟାମୁଣ୍ଡାଇ, ୯।୭ (କଳ୍ପତରୁ ନାୟକ)

ବାମପନ୍ଥୀ ଦଳ ଶ୍ରମିକ ସଂଗଠନ ଆହ୍ୱାନରେ ବୁଧବାର ପଟ୍ଟାମୁଣ୍ଡାଇର ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ପଟ୍ଟାମୁଣ୍ଡାଇଠାରେ ଏଆଇସିସିଟିୟୁ ଓ ସିପିଆଇଏମ୍‌ଏଲ ପକ୍ଷରୁ ମିଳିତ ଭାରତ ବନ୍ଦ ପରିପ୍ରେକ୍ଷୀରେ ଶୋଭାଯାତ୍ରା, ରାସ୍ତାରୋକୋ କରାଯାଇଥିଲା। ସଙ୍ଗଠନ ଜିଲା ସମ୍ପାଦକ ବସନ୍ତ ମଲ୍ଲିକ ଓ ସିପିଆଇଏମ୍‌ଏଲ ନେତା ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ପ୍ରକାଶ ମଲ୍ଲିକ, ସୁଭାସ ସୁତାର, ବଂଶୀଧର ରାଉତ, ବିଜୟ ରାଉତ, ବାବୁଲା ରାଉତ, ଅଭିଷେକ ରାଉତ ରଜିକାନ୍ତ ରାଉତ, ଶଶିକାନ୍ତ ରାଉତ, ଜୁଧାର ମଲ୍ଲିକ ପ୍ରମୁଖ କର୍ମୀମାନେ ସାମିଲ ହୋଇଥିଲେ। କେନ୍ଦ୍ର ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ମହାବୀର ବଜାରଠାରୁ ଶୋଭାଯାତ୍ରାରେ ବାହାରି ବାଇପାସ ଛକଠାରେ ରାସ୍ତାରୋକୋ କରି ଯାନବାହନ ଅଚଳାବସ୍ଥା ସହ ଭାରତ ବନ୍ଦ ସଫଳ କରିବାକୁ ନିବେଦନ କରିଥିଲେ। ସେହିପରି ଅଣ୍ଡଲା, ଅମୃତମଣୋହି ଓ ବାଲୁଙ୍ଗାଠାରେ ସିପିଆଇଏମ୍‌ଏଲ ନେତା ସଞ୍ଜୀବ ରାଉତ ଓ ଅର୍ଜ୍ଜୁନ ମଲ୍ଲିକଙ୍କ ନେତୃତ୍ୱରେ ଭାରତ ବନ୍ଦ କରାଯାଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ଜୀବନବୀମା କର୍ମଚାରୀ ସଂଘ ପକ୍ଷରୁ ଶ୍ରମ କୋଡ୍ ଉଚ୍ଛେଦ, ପୁରୁଣା ପେନସନ ଲାଗୁ, ଜୀବନବୀମା ଘରୋଇକରଣ ବାତିଲ, ଜୀବନବୀମାରେ ନିଯୁକ୍ତି ଓ ପଲିସି ସେକ୍ଟରକୁ ଶକ୍ତିଶାଳୀ କରିବା ଆଦି ଦାବି ନେଇ ପଟ୍ଟାମୁଣ୍ଡାଇ ଜୀବନବୀମା କର୍ମଚାରୀ ସଂଘ ସଭାପତି ଅଭିମନ୍ୟୁ ଦାସ, ସମ୍ପାଦକ ସରୋଜ ବେହେରା ଓ କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ସାହୁଙ୍କ ନେତୃତ୍ୱରେ କର୍ମଚାରୀ ଜୀବନବୀମା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାଛଡ଼ା ପଟ୍ଟାମୁଣ୍ଡାଇ ଡାକ କର୍ମଚାରୀ ବିଭିନ୍ନ ଦାବିନେଇ କର୍ମଚାରୀ ସଂଘ ସଭାପତି ଅରକ୍ଷିତ ସେଠୀ ଓ ସମ୍ପାଦକ ସୁଦର୍ଶନ ସାମଲଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକ ଘର ସମ୍ମୁଖରେ ଧାରଣା ଦେଇଛନ୍ତି।

# ଯୁବତୀଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲା (ନଂ. ୭୧୧/୨୩)କୁ ଫାଷ୍ଟ ଟ୍ରାକ୍ କୋର୍ଟର ଅତିରିକ୍ତ ଜିଲା ଜଜ୍ ତ୍ରିବିକ୍ରମ କେଶରୀ ତିବାରୀ ଶୁଣାଣି କରି ସଦର ଅନ୍ତର୍ଗତ ପାଣିଓଳା ଗ୍ରାମର ମାନସ ବେହେରାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ବାବଦ ୧୦ ହଜାର ଟଙ୍କା ଅନାଦେୟରେ ମାନସ ଅଧିକ ଏକ ମାସ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସରକାରୀ ଓକିଲ ସଞ୍ଜୟ କୁମାର ଜେନା କହିଛନ୍ତି, ପୀଡ଼ିତା ଯୁବତୀ ଆଂଶିକ ମାନସିକ ଭିନ୍ନକ୍ଷମ। ପୀଡ଼ିତାଙ୍କ ବାପା ରାଜ୍ୟ ବାହାରେ ରହି କାର୍ଯ୍ୟ କରନ୍ତି। ଏହାର ସୁଯୋଗ ନେଇ ମାନସ ପୀଡ଼ିତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ। ଏ ନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ ପତ୍ର ଦେଇଥିଲେ ବୋଲି ସରକାରୀ ଓକିଲ ଜେନା ପ୍ରକାଶ କରିଛନ୍ତି।

# ମାର୍ଶାଘାଇ ସରପଞ୍ଚ ସଂଘର ବନ୍ଧୁମିଳନ


ବନ୍ଧୁମିଳନରେ ସାମିଲ ହୋଇଥିବା ସରପଞ୍ଚମାନେ।

ମାର୍ଶାଘାଇ, ୯।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ସରପଞ୍ଚ ସଂଘର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବେରୁଣ୍ଡି ପଞ୍ଚାୟତର ମିନିମିନ ଠାକୁରାଣୀ ପୀଠଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସଞ୍ଜୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆସୁଥିବା ଅର୍ଥର ବିନିଯୋଗ ନେଇ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଉପରେ ବିଡିଓଙ୍କ ସହ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପଞ୍ଚାୟତକୁ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଦିଆଯିବ, ସାଧାରଣ ଲୋକ ପାଇ ପାରିବେ ବୋଲି ନିଷ୍ପାପର ଭାବେ କାମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂଘ ସମ୍ପାଦକ ରମେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବାବାଜୀ ସ୍ୱାଇଁ, ପ୍ରଭାତ ରଞ୍ଜନ ଦାସ, ବିକ୍ରମ କେଶରୀ ଦାଶ, ଭାଗବତ ବେହେରା, ମନୋଜ ସ୍ୱାଇଁ, ମନୋଜକାନ୍ତ ପରିଡ଼ା, ଦୀପ୍ତି ରଞ୍ଜନ ମହାପାତ୍ର, ମଙ୍ଗରାଜ ବେହେରା, ମିନତି ଚଉନି, ଅଣାତି ସ୍ୱାଇଁ, ଜାଦମିନୀ ଦାସ, ମଧୁସ୍ମିତା ଦାସ, ସୁଜାତା ମଲ୍ଲିକ, କାମିନୀ ରାଉତ, ଆଶୁତୋଷ ପାତ୍ର, ବିଜୟ ପଟ୍ଟନାୟକ ଯୋଗ ଦେଇଥିଲେ।

# ସରକାରୀ ଧାନ ବିହନ ଗଜା ହେଉନି, ଚାଷୀ ହତାଶ

ରାଜକନିକା, ୯।୭ (ସଞ୍ଜୟ କୁମାର ଦାଶ)

ସରକାରୀ ବିହନ ଗଜା ହେଉନି। କିଲୋ ପ୍ରତି ୮୫ ରୁ ୯୫ ଟଙ୍କା ଦରରେ ବିହନ ଏକର ପ୍ରତି ୧୦ କେଜି କିଣି ଚାଷୀ ଅଧିକ ଅମଳ କରିବା ଆଶା କରିଥିଲେ। ମାତ୍ର ଏହି ବିହନ ଅମଳ ଦେବ କ'ଣ ମୂଳରୁ ସେହି ଗଜା ହେଉନାହିଁ। ଫଳରେ ଚଢ଼ା ଦରରେ ଚାଷୀ ବିହନ କିଣି ଏବେ ହତାଶ ହୋଇପଡ଼ିଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ରାଜକନିକା ବ୍ଲକ ଭାରିଗଡା ପଞ୍ଚାୟତର ୩୦ଜଣ ଚାଷୀ ହରାପରେ ହୋଇପଡ଼ିଛନ୍ତି। ଏହି ପଞ୍ଚାୟତର ଦଶରଥପାଟିଆ ଗାଁର ୧୭ ନଂ. ୱାର୍ଡର ଚାଷୀ କାଙ୍ଗାଳି ଚରଣ ରାଉତ, ରାମଚନ୍ଦ୍ର ବେହେରା, କଳାକାର ମଲ୍ଲିକ, ରମାକାନ୍ତ ମଲ୍ଲିକ, କୁଞ୍ଜବନ ରାଉତ, ଚକ୍ରଧର ଦାସ, ବୃନ୍ଦାବନ ବେହେରା, ଦୁର୍ଯ୍ୟୋଧନ ସେଠୀ, ରାଧାକାନ୍ତ ସାହୁ, ଅମୂଲ୍ୟ ବେହେରା, ବିକାଶ ରାଉତ ଓ ଦଶରଥ ବେହେରା ପ୍ରମୁଖ ବୁଧବାର ବିହନ ନମୁନା ଦେଖାଇ କ୍ଷତିପୂରଣ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜକନିକା ବ୍ଲକ କୃଷି ଅଧିକାରୀ ମାନସ ରୋଷାଲୀଙ୍କୁ ପଚାରିବାରୁ ସେ ଏମିତି କିଛି ବିହନ ଦେବା କଥା ଜାଣି ନ ଥିବା କହେ, ଚାଷୀଙ୍କ ଏହି ସମସ୍ୟା ଅନୁଧ୍ୟାନ କରିବାକୁ କହିଥିଲେ। ଠକାମୀର ଶିକାର ଚାଷୀଙ୍କ ସହ ଆଲୋଚନା ପରେ କିଏ କେମିତି ଓ କେଉଁ ଯୋଜନାରେ ଏମିତି ପୁରୁଣା ବିହନ ଯୋଗାଇଛି ତା'ର ତଦନ୍ତ ପାଇଁ ଜିଲା କୃଷି ବିଭାଗକୁ ଅନୁରୋଧ କରିଛନ୍ତି। ତେବେ ଆଜି ଅଞ୍ଚଳର ଏକ ସଂସ୍ଥା ଏଭଳି ବିହନ ଯୋଗାଇକାରୀ ଚାଷୀଙ୍କୁ ଧାଡ଼ିଗୁଆ କରାଇବାର ଲୋଭ ଦେଖାଇ ବିହନରେ ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଲୋକଙ୍କ ବର୍ଷକର ଚାଷରେ ବିହନ ଯୋଗାଇବାରେ ଏଭଳି ଚରମ ଠକାମି ହୋଇଥିବାରୁ ସ୍ଥାନୀୟ ସରପଞ୍ଚ ଏ ନେଇ ଚାଷୀମାନେ ଥାନାରେ ଏତଲା ଦେଲେ ପ୍ରକୃତ ଠକାମୀରେ କେଉଁମାନେ ସମ୍ପୃକ୍ତ ତାହା ଲୋକଲୋଚନକୁ ଆସିବ ବୋଲି କହିଛନ୍ତି।



# ମଦ ସାମାଜିକ ଚଳଣିରେ ବିଶୃଙ୍ଖଳା ସୃଷ୍ଟି କରୁଛି

## ମଦମୁକ୍ତ ପାଇଁ ଗାଁ ମହିଳାଙ୍କ ଅଭିଯାନ ଆରମ୍ଭ

ପଟ୍ଟାମୁଣ୍ଡାଇ, ୯।୭ (କଳ୍ପତରୁ ନାୟକ)


ମଦ କାରବାର ବନ୍ଦ ଲାଗି ଗାଁର ମହିଳାମାନେ ଏକଜୁଟ ହୋଇ ବିରୋଧ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆବର୍ଗାରି ଥାନା ଅଧୀନ ପୌରାଞ୍ଚଳ ଚାହାପଡ଼ା ଗାଁରେ ମଦମୁକ୍ତି ଆନ୍ଦୋଳନ ଚେଙ୍ଗିଛି। ଏହି ଗ୍ରାମରେ ସରକାରୀ ଆଇଏମ୍‌ଏଫ୍ଏଲ ସମ୍ମୁଖ ଛକରେ ବେଆଇନ ଚୋରା ମଦ ସମେତ ବିଭିନ୍ନ ନିଶା କାରବାର ବୃଦ୍ଧି ପାଇବା ସହିତ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବେଆଇନ ମଦ ଓ ନିଶା କାରବାରକୁ ରୋକିବାକୁ ଚାହାପଡ଼ା ଗ୍ରାମ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅକ୍ଷା ଭିଡି ବୁଧବାର ସନ୍ଧ୍ୟାରେ ଘରୁ ପଦାକୁ ବାହାରିଛନ୍ତି। ଗାଁ ମନ୍ଦିର ନିକଟରେ ଏକ ପ୍ରତିବାଦ ସଭା କରି ବେଆଇନ ମଦ ଓ ନିଶା କାରବାର ବନ୍ଦ କରିବାକୁ ଚୋରା ମଦ ବେପାରୀଙ୍କୁ ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମର ଶତାଧିକ ମହିଳା ଚୋରା ମଦକୁ ବିରୋଧ କରି ସ୍ଥାନୀୟ ଆଇଏମ୍‌ଏଫ୍ଏଲ ଛକକୁ ଯାଇ କେତେକ ଚୋରା ମଦ ବେପାରୀଙ୍କୁ ତାଗିଦ କରିଛନ୍ତି। ଅଞ୍ଚଳର ବେଆଇନ ମଦ ଦୋକାନୀଙ୍କୁ ମଦ ନ ଦେବାକୁ ସରକାରୀ ସାଇଫ୍ରିପ୍ରାପ୍ତ ଦୋକାନୀଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଶାସନ ଚୋରା ନିଶା କାରବାର ଉପରେ ଅଙ୍କୁଶ ଲଗାଇବାକୁ ନିବେଦନ କରିଛନ୍ତି। ନଚେତ ଆଗାମୀଦିନରେ ଗ୍ରାମର ଶତାଧିକ ମହିଳା ଆନ୍ଦୋଳନ କରିବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଚାହାପଡ଼ା ଗ୍ରାମ ଛକ, ଆଇଓଆର ଛକ, ପୋଲ ଛକ ନିକଟରେ କେତେକ ବ୍ୟବସାୟୀ ବର୍ଷବର୍ଷ ଧରି ଚୋରା ମଦ କାରବାର କରିଚାଲିଛନ୍ତି। ଚୋରାମଦ କାରବାର ବୃଦ୍ଧି ଯୋଗୁ ପରିବାରରେ ବିଶୃଙ୍ଖଳା ଓ ଗଣ୍ଡଗୋଳ ଘଟୁଛି। ଏଠାରେ ଏକ ସରକାରୀ ଆଇଏମ୍‌ଏଫ୍ଏଲ ଦୋକାନ ଥାଇ ମଧ୍ୟ ଚୋରା ନିଶା କାରବାର ଉପରେ ଅବକାରୀ ଓ ପୋଲିସ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି। ଛକରେ ଚୋରା ମଦ ବେପାର ହେଉଥିବାରୁ ଗରିବ ଖଟିଖିଆ ଲୋକେ ସେଠାରୁ ମଦ ପିଇ ଘରେ ସ୍ତ୍ରୀ ପିଲାଙ୍କୁ ମାଡ଼ ମାରୁଛନ୍ତି। ଏଭଳି ହିଂସା ଘଟଣାକୁ ନେଇ ଶ୍ରମିକ ଓ ଗରିବ ଲୋକଙ୍କ ଘରେ ଚୁଲି ଜଳୁନାହିଁ। ସାମାଜିକ ଜନଜୀବନ ଦେଖା ଦେଉଥିବା ପାରିବାରିକ ବିଶୃଙ୍ଖଳା ସୃଷ୍ଟି ପାଇଁ ନିଶା ଦ୍ରବ୍ୟ ସେବନ ହିଁ ପ୍ରମୁଖ କାରଣ। ଏହି ବେଆଇନ ମଦ କାରବାରକୁ ରୋକ୍ ନ ଲଗାଇଲେ ଆମ ସୁନ୍ଦର ଘର ସଂସାର ଉଜୁଡ଼ିଯିବ ବୋଲି ଗିତା ନାୟକ, ମାଳତି ଦାସ, ସରସ୍ୱତୀ ସାହୁ, ଭାରତୀ ଦାସ, ପାର୍ବତୀ ସାହୁ, ଯମୁନା ସାହୁ, ବିଜୁଳତା ସାହୁ, ବନ୍ଦନା ଦାସ, ଶାନ୍ତି ନାୟକ, ରଜନୀ ସାହୁ, ନମିତା ଦାସ, ସଙ୍ଗୀତା ସାହୁଙ୍କ ସମେତ ବହୁ ମହିଳା ପ୍ରତିବାଦ କରିଛନ୍ତି। ଏହା ଜାଣି କେତେକ ଚୋରା ବେପାରୀ ଦୋକାନ ବନ୍ଦ କରି ଚୌଡି ପଳାଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳଙ୍କୁ ପଚାରିବାରେ ଚୋରା ମଦ କାରବାର ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

**୨ ବାଲି ବୋଝେଇ ହାଇୱା ଜବତ**

ନୟାଗଡ଼,(ଲୋକନାଥ ମିଶ୍ର): ଅବୈଧ ଭାବେ ଚାଲାଣ ହେଉଥିବା ୨ ବାଲି ବୋଝେଇ ହାଇୱାକୁ ଇଟାମାଟି ଥାନା ପୋଲିସ ମଙ୍ଗୁଳିପଟ୍ଟାଠାରୁ ମଙ୍ଗଳବାର ଜବତ କରିଛି । ଡ୍ରାଇଭରଙ୍କ ସମେତ ଟ୍ରକରେ ଯାଉଥିବା ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି । ସେମାନଙ୍କ ନାମ ଜଣାପଡ଼ିନାହିଁ ।



# ଉନ୍ନୟନମୂଳକ କାମକୁ ନେଇ ତୁମ୍ବିତୋଫାନ

■ ୧୦ମ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ
■ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ

ନୂଆଗାଁ, ୯।୭ (ଧନେଶ୍ୱର ସାହୁ)



ପଞ୍ଚାୟତ ସମିତି ବୈଠକରେ ବିଧାୟକ ରମେଶ ବେହେରା ଓ ଅନ୍ୟମାନେ ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତିର ୧୦ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଆରଡି ବିଭାଗର ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ନିମ୍ନମାନର କାମକୁ ନେଇ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ । ଅନେକ ରାସ୍ତା ନିର୍ମାଣ କାର୍ଯ୍ୟକୁ ଯନ୍ତ୍ରୀ ଦେଖିବାକୁ ଯାଉ ନାହାନ୍ତି । ଠେଶ୍ୱ ଠିକ୍ ଭାବେ ସୂଚନା ଦେଇ ପାରୁନାହାନ୍ତି । ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗରେ ନିମ୍ନମାନର ରାସ୍ତା କାମ ହେଉଥିବା ବେଳେ ଯନ୍ତ୍ରୀ କେବଳ ଏସି ଗାଡିରେ ବସି ରାସ୍ତା ଦେଖୁଥିବା କଥା କାପ୍ତାପଲି ସରପଞ୍ଚ ସାରସଧର ସାହୁ କହିଥିଲେ । ତେବେ ଆସନ୍ତା ମଙ୍ଗଳବାର ପଞ୍ଚାୟତ ସମିତିର ଷ୍ଟାଣ୍ଡିଂ କମିଟି ଆରଡି ରାସ୍ତା କାମର ତଦାରଖରେ ଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କ୍ଷୁଦ୍ର ଜଳସେଚନ ବିଭାଗରେ ମଧ୍ୟ ନିମ୍ନମାନର କାମ ହେଉଛି । ଆରଡି ରାସ୍ତାଠାରୁ ଧୁଳିପଡ଼ିଆଁ ରାସ୍ତା ନିର୍ମାଣ ହେଉଥିବା ନେଇ ଯନ୍ତ୍ରୀଙ୍କୁ ଫୋନ କଲେ ମଧ୍ୟ ସେ ଠାଉ ନାହାନ୍ତି ବୋଲି ତାହାଳି ସରପଞ୍ଚ ସୁଭାଷ ଚନ୍ଦ୍ର ବେହେରା କହିଛନ୍ତି, ତାଙ୍କୁ ସମର୍ଥନ କରିବା ସହ ମୋଟା ଅଙ୍କର ଟଙ୍କା ପାଇ ଯନ୍ତ୍ରୀ ଚୁପ୍ ରହୁଛନ୍ତି ବୋଲି ଭେଙ୍କେଶା ସରପଞ୍ଚ ଯୁଗଳ କିଶୋର ସାହୁ କହିଥିଲେ । କିନ୍ତୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଯନ୍ତ୍ରୀ ନିବେଦିତା ନାଥ ସଫେଇ ଦେଇଥିଲେ । ବାହାଡାଖୋଲା ପଣସଖାଲ ଡ୍ୟାମ ମଝିରେ ପୋଖରୀ ଖୋଳା ଯାଇଛି । ସେ ପୋଖରୀ କିଏ ଖୋଳିଛି ବୋଲି ବେରୁଣ୍ଡାବାରୀ ସମିତି ସଭ୍ୟ କେଦାର ସେଠୀ ପ୍ରଶ୍ନ କରିବାରେ ଆମେ କେହି ଜାଣିନାହୁଁ ବୋଲି ଏଏଫଓ ଲଳିତ ମହାନନ୍ଦ କହିଥିଲେ । ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ କରି ଚାରା ରୋପଣ କରାଯାଉଥିଲେ ମଧ୍ୟ କୌଣସି ଜନପ୍ରତିନିଧିଙ୍କୁ ଡ଼ୁକାଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା । ତେବେ କେଉଁସ୍ଥାନରେ କେତେ ଗଛ ଲଗାଯାଇଛି ତାହାର ରିପୋର୍ଟ ଦାଖଲ କରିବାକୁ ମହିପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ କୁମାର ସାହୁଙ୍କୁ ବିଧାୟକ ରମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଥିଲେ । ସେହିପରି ବର୍ତ୍ତମାନ ପୁଣି କେତେ ଚାଳଗଛ ଲଗାଯାଇଛି ତାହାର ତଥ୍ୟ ପ୍ରଦାନ କଲେ ଆମ କମିଟି ତଦନ୍ତ କରିବ ବୋଲି ବିଧାୟକ ବେହେରା କହିଥିଲେ । ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆଲୋଚନା ଆରମ୍ଭ ହେବାରେ ଜନପ୍ରତିନିଧିଙ୍କୁ ନ ଜଣାଇ ବ୍ଲକର ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା । ନୂଆଗାଁ ପଞ୍ଚାୟତ ଭାଲିଆପଦର ପୋଖରୀ କାମ ହୋଇଥିଲେ ମଧ୍ୟ ତାକୁ ଯନ୍ତ୍ରୀ ଦେଖିବାକୁ ଯାଉ ନାହାନ୍ତି କିମ୍ବା ତାହାର ବିଲ୍ କରୁନାହାନ୍ତି ବୋଲି ଅଭିଯୋଗ ହୋଇଥିଲା । ତେବେ ସେହି କାମ ପାଇଁ ବିଶୃଙ୍ଖଳା ହେବାରୁ ଯନ୍ତ୍ରୀ କାମ ପାଇଁ ଏଷ୍ଟିମେଣ୍ଟ ଦେଇ ନାହାନ୍ତି, କାହାରିକୁ କାମ କରିବାକୁ କୁହାଯାଇ ନ ଥିବାରୁ ମନଇଚ୍ଛା କାମ ଯୋଗୁ ବିଲ ହୋଇ ନ ଥିବା ବିଡିଓ ଅମ୍ରୃତ କୁମାର ରାଉଳ କହିଥିଲେ । ତେବେ ଜାକେଜା ପଞ୍ଚାୟତରେ କିଏ କାମ କରୁଛି, ବ୍ଲକରେ କିଏ କାମ ବାଣ୍ଟୁଛି । ଜନପ୍ରତିନିଧିଙ୍କ ଅଜାଣତରେ କେମିତି କାମ ହେଉଛି କହି ତୁମ୍ବି ତୋଫାନ ଉଠିଥିଲା । ଏପରିକି ବିଧାୟକ କାଗଜ ଫୋପାଡି ଚୌକିରୁ ଉଠି ପଡିବା ସହ ଜନପ୍ରତିନିଧିମାନେ ହୋହଲ୍ଲା କରିଥିଲେ । ଏହି ଅଧିବେଶନରେ ବିଧାୟକ ବେହେରା, ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଉପାଧ୍ୟକ୍ଷ ପୂର୍ଣ୍ଣରାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ପରିଷଦ ସଦସ୍ୟା ହେଲେ ପ୍ରତ୍ୟୁଷା


ମୁଖ୍ୟମନ୍ତ୍ରୀ, ଭାଜପା ସଭାପତିଙ୍କ ଗହଣରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ।

ନୟାଗଡ଼,୯।୭(ଲୋକନାଥ ମିଶ୍ର)

ନାରୀ ନେତ୍ରୀ ତଥା ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଭାଜପାର ରାଷ୍ଟ୍ରୀୟ ପରିଷଦ ସଦସ୍ୟା ଭାବେ ନିର୍ବାଚିତ ହୋଇଛନ୍ତି । ଏକଥା ଜଣାପଡ଼ିବା ପରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଖୁସିର ଲହରୀ ଦେଖା ଦେଇଛି । ପ୍ରତ୍ୟୁଷାଙ୍କ ନୂଆ ଦାୟିତ୍ୱ ନୟାଗଡ଼ ଭାଜପାରେ ଉତ୍ସାହ ଓ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଦଳୀୟ ନେତାମାନେ କହିଛନ୍ତି ।

# ଚିହ୍ନଟ ହେବେ ମାତୃପିତୃ ହୀନ, ଏକକ ଅଭିଭାବକ ଥିବା ଶିଶୁ

■ ମାତୃପିତୃହୀନ ଶିଶୁଙ୍କ ସର୍ବେକ୍ଷଣ ପାଇଁ ତାଲିମ କର୍ମଶାଳା
■ ଜୁଲାଇ ୧୧ରୁ ଅଙ୍ଗନୱାଡ଼ି କର୍ମୀ ବୁଲି କରିବେ ସର୍ବେକ୍ଷଣ

ନୟାଗଡ଼,୯।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ମାତୃପିତୃହୀନ ଶିଶୁଙ୍କ ସର୍ବେକ୍ଷଣ ପାଇଁ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ଅଧ୍ୟକ୍ଷତା ଓ ଜିଲା ଶିଶୁସୁରକ୍ଷା ଅଧିକାରୀ ଶିବିଯନ ପ୍ରଧାନ ପରିଚାଳନା କରିଥିଲେ । ଚଳିତ ମାସରେ ଜିଲାର ପ୍ରତ୍ୟେକ ଗ୍ରାମରେ ମାତୃପିତୃହୀନ ତଥା ଏକକ ଅଭିଭାବକ ଥିବା ଶିଶୁଙ୍କ ଚିହ୍ନଟ କରଣ ପାଇଁ ସର୍ବେକ୍ଷଣ କରାଯିବ ବୋଲି କୁହାଯାଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ମାର୍ଗ ଦର୍ଶିକା ଅନୁଯାୟୀ ଜୁଲାଇ ୧୧ରୁ ୨୧ ତାରିଖ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀମାନେ ୧୧ଦିନ ପର୍ଯ୍ୟନ୍ତ ଘରକୁ ଘର ଯାଇ ସର୍ବେକ୍ଷଣ କାର୍ଯ୍ୟ କରିବେ । ସର୍ବେକ୍ଷଣ ମାଧ୍ୟମରେ ଜିଲାର ପ୍ରତ୍ୟେକ ମାତୃପିତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବ । ପରେ ସରକାରଙ୍କ ବିଭିନ୍ନ ଯୋଜନା ସହ ସାମିଲ କରି ଥଇଥାନ କରାଯିବ । ଏକକ ଅଭିଭାବକ ଶିଶୁଙ୍କ କ୍ଷେତ୍ରରେ ଯେଉଁ ଶିଶୁମାନଙ୍କ ପିତାଙ୍କ ମୃତ୍ୟୁ ହୋଇଥିବ କିମ୍ବା ମା'ଙ୍କ ମୃତ୍ୟୁ କ୍ଷେତ୍ରରେ ଜୀବିତ ଥିବା ପିତା ଯଦି ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବେ କିମ୍ବା କୌଣସି ମାରାତ୍ମକ ବ୍ୟାଧି ଗ୍ରସ୍ତ ହୋଇଥିବେ ତେବେ ସେହି ଶିଶୁମାନଙ୍କୁ ଏହି ଚିହ୍ନଟ କରଣର ପରିସର ଭୁକ୍ତ କରାଯିବ । ତେବେ ସେମାନଙ୍କ ବୟସ ୨୦୨୫ ଜୁନ ୧ ସୁଦ୍ଧା ୧୮ ବର୍ଷ ହୋଇଥିବ । ନଚେତ ସର୍ବେକ୍ଷଣ ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହିଁ । କାର୍ଯ୍ୟକ୍ରମ ଆରମ୍ଭରେ ଶିଶୁ ସୁରକ୍ଷା ଅଧିକାରୀ(ଅନୁଷ୍ଠାନିକ ଯତ୍ନ) ସତ୍ୟ ରଞ୍ଜନ ଦାସ ସର୍ବେକ୍ଷଣର ନିୟମାବଳି ବିଷୟରେ ତାଲିମ ପ୍ରଦାନ କରିଥିଲେ । ତାଲିମ କର୍ମଶାଳରେ ସିଡିପିଓ, ସୁପରଭାଇଜର, ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀଯୋଗଦେଇଥିଲେ । ଶୈଳବାଳା ଦାସ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ ।




# ଆମରଣ ଅନଶନ ୩ୟ ଦିନରେ, ଜଣେ ବୃଦ୍ଧ ଅସୁସ୍ଥ



ଅମରଣ ଅନଶନରେ ବସିଥିବା ଗାଁର ଲୋକମାନେ ।

ଗଣିଆ, ୯।୭(ସନ୍ତୋଷ କୁମାର ପ୍ରଧାନ)

## ଲକ୍ଷ୍ମୀବସ୍ ଷ୍ଟାଣ୍ଡକୁ ନେଇ ୨ ଗାଁ ମଧ୍ୟରେ ବିବାଦ ଘଟଣା

ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଂହା ଓ ଖଲିସରା ଗ୍ରାମରେ ଲକ୍ଷ୍ମୀବସ୍ ଷ୍ଟାଣ୍ଡ ନିର୍ମାଣକୁ ନେଇ ୨ ଗ୍ରାମରେ ବିବାଦ ମୁଣ୍ଡ ଟେକିଥିବାବେଳେ ଏ ନେଇ ଖଲିସରା ଗ୍ରାମର ଗ୍ରାମବାସୀ ସୋମବାର ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଧାରଣା ଦେଇଥିଲେ । ୩ ଦିନ ଧରି ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ଗ୍ରାମ କମିଟିର ସଭାପତି ଗଙ୍ଗାଧର ନାୟକ, ମହେଶ୍ୱର ବେହେରା, ପ୍ରମୋଦ କୁମାର ମୁଦୁଲି ଓ ସନ୍ତୋଷ କୁମାର ସାହୁ ବସି ରହିଥିଲେ । ବୁଧବାର ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ତେବେ ମହେଶ୍ୱର ବେହେରାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସୂଚନାଯୋଗ୍ୟ ଯେ ପୂର୍ବରୁ ଖଲିସରା ଗ୍ରାମରେ ଗୋଟିଏ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି । ପଡୋଶୀ ପାଣ୍ଡରାସିଂହା ଗ୍ରାମର ଲୋକ ଖଲିସରା ଗ୍ରାମ ସୀମା ସରହଦରେ ଏକ ବ୍ୟକ୍ତିଗତ ଜାଗାରେ ବଳପୂର୍ବକ ଆଉ ଏକ ନୂତନ ଲକ୍ଷ୍ମୀବସ୍ ଷ୍ଟାଣ୍ଡ ନିର୍ମାଣ କରୁଛନ୍ତି ବୋଲି ଖଲିସରା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଖଲିସରା ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ସହ ଗଣିଆ ବିଡିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ସୋମବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ଉଭୟ ଗ୍ରାମରେ ତିକ୍ତତା ବୃଦ୍ଧି ପାଇବାରେ ଲାଗିଛି । ଖଲିସରା ଗ୍ରାମ ସୀମା ସରହଦରେ ନିର୍ମାଣ ହେଉଥିବା ନୂତନ ଲକ୍ଷ୍ମୀବସ୍ ଷ୍ଟାଣ୍ଡକୁ ବନ୍ଦ କରିବା ଓ ଖଲିସରା ଗାଁ ସରହଦରେ ଗ୍ରାମବାସୀଙ୍କ ଅଗୋଚରରେ କୌଣସି ପ୍ରକାର କାର୍ଯ୍ୟ ବାହାର ଲୋକ ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ୩ ଦିନ ଧରି ଦିବାରାତ୍ରି ଧାରଣା ଚାଲୁ ରହିଥିବାବେଳେ ଧାରଣାସ୍ଥଳରେ କୌଣସି ସରକାରୀ ଅଧିକାରୀ ପହଞ୍ଚ ନ ଥିବା ଜଣାପଡ଼ିଛି ।

# ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଜାରି

ଗଣିଆ, ୯।୭ (ସନ୍ତୋଷ କୁମାର ପ୍ରଧାନ)

ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ମଙ୍ଗଳବାର ଆରମ୍ଭ ହୋଇଥିବା ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଗଣିଆରେ ପ୍ରତିଫଳିତ ହୋଇଛି । ଗାଡି ମଟର ଚଳାଚଳ ପ୍ରଭାବିତ ହେବା ଯୋଗୁ ସାଧାରଣ ଲୋକ ଓ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେବଳ ସରକାରୀ ବସ୍ ଲୋକଙ୍କ ଭରସା ପାଲଟିଛି । ଗଣିଆ ବ୍ଲକ ଡ୍ରାଇଭର ସଂଘ ସଭାପତି ବିଭୁ ପ୍ରସାଦ ସାମଲଙ୍କ ନେତୃତ୍ୱରେ ସମ୍ପାଦକ ପୀତାମ୍ବର ନାୟକଙ୍କ ସମେତ ଏକ ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଗଣିଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସି ରହିଛନ୍ତି । ସାଧାରଣଲୋକଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ । ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ, ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କଳକାରଖାନାରେ ଶତକଡା ୭୦% ଓଡ଼ିଶାର ଡ୍ରାଇଭରମାନଙ୍କୁ କାମ କରିବାକୁ ଅଗ୍ରାଧିକାର ଦିଆଯାଉ । ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ । ଗାଡିର କାଗଜପତ୍ର ଯାଞ୍ଚ କରିବା କ୍ଷମତା ପୋଲିସ ବିଭାଗକୁ ଦିଆ ନ ଯାଉ । ବିଶେଷକରି ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ ୱର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିଥିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି । ଯଦିଓ ଦାବିଗୁଡିକ ପୂରଣ କରା ନ ଯାଏ, ତେବେ ଡ୍ରାଇଭର ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ସହିତ ସରକାରଙ୍କୁ ଅସହଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯାହାଦ୍ୱାରା ପରିବହନ ବ୍ୟବସ୍ଥାରେ ବାଧାପ୍ରାପ୍ତ ହେବ । କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି କିମ୍ବା ଅସୁବିଧା ସମ୍ମୁଖୀନ ହେଲେ ଏଥିପ୍ରତି ସରକାର ଦାୟୀ ରହିବେ ବୋଲି ଡ୍ରାଇଭର ମହାସଂଘ ଚେତାବନୀ ଦେଇଛନ୍ତି ।



ଗଣିଆ ବସ୍‌ଷ୍ଟାଣ୍ଡରେ ଡ୍ରାଇଭରମାନେ ଅନଶନରେ ବସିଛନ୍ତି ।

# ବନ ମହୋତ୍ସବ ପାଳିତ

ଖଣ୍ଡପଡ଼ା,୯।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମାରପଡା ଉଚ୍ଚ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କୁମାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥି, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବନ ମହୋତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଖଣ୍ଡପଡ଼ା ବନବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ ପାଇଁ ଆବଶ୍ୟକ ଚାରା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦିଆଯାଇଥିଲା ।

# ମର ଶରୀରକୁ କଟକ ବଡ଼ ମେଡିକାଲକୁ ଦାନ

ନୟାଗଡ଼,୯।୭(ଲୋକନାଥ ମିଶ୍ର)

ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତଙ୍କ ପିତା ହଜାରୀ ବରାଡ଼(୬୮)ଙ୍କ ବୁଧବାର ପରଲୋକ ହୋଇଛି । କଚରାଝରି ଗାଁର ହଜାରୀ ବରାଡ଼ ଜିଦ ଦଶାରେ ନିଜର ମର ଶରୀରକୁ କଟକ ବଡ ମେଡିକାଲକୁ ଚିକିତ୍ସା ବିଜ୍ଞାନର ଉନ୍ନତି ପାଇଁ ଦାନ କରିବେ ବୋଲି କହିଥିଲେ । ବୁଧବାର ସକାଳ ୭ଟାରେ ହଜାରୀଙ୍କ ମୃତ୍ୟୁ ପରେ ପୁତ୍ର ବାପାଙ୍କର ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ମର ଶରୀରକୁ ମେଡିକାଲ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ପାଇଁ ଦାନ କରିଛନ୍ତି ।

# ବଣ୍ଡ ବିମଳେଶ୍ୱରଙ୍କ ପୀଠରେ ବନ ମହୋତ୍ସବ

ଖଣ୍ଡପଡ଼ା, ୯।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାର ପ୍ରାଚୀନ ଶୈବପୀଠ ବଣ୍ଡ ବିମଳେଶ୍ୱରଙ୍କ ପୀଠରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଶିକ୍ଷାବିତ୍ ପ୍ରଦୀପ କୁମାର ମିଶ୍ର, ଅବସରପ୍ରାପ୍ତ କଳା ଶିକ୍ଷକ ଲକ୍ଷ୍ମୀଧର ସିଂହସାମନ୍ତ, ପଞ୍ଚାନନ ମିଶ୍ର, ନିରଞ୍ଜନ ସ୍ୱାଇଁ, ପୂର୍ବତନ କାଉନସିଲର ଚନ୍ଦ୍ରଶେଖର ପାଣି, ଡା. ପ୍ରଦୀପ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ରହି ମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଗ୍ରହଙ୍କ ନିକଟରେ ପୂଜାର୍ଚ୍ଚନା ସହ ବୃକ୍ଷ ଦେବତାଙ୍କୁ ପୂଜା କରାଯାଇଥିଲା । ମନ୍ଦିର ପରିଚାଳନା କମିଟିର ସଦସ୍ୟ ଜୟରାମ ଦାସ, ସଙ୍ଗଠକ ମହେନ୍ଦ୍ର କୁମାର ବାରିକଙ୍କ ସମେତ ଖଣ୍ଡପଡ଼ା ବନପାଳ ବନମାଳୀ ରାଉତ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧନ୍ଦାମୂଳକ ଶିକ୍ଷାକୁ ନେଇ ମିଳିତ ବୈଠକ

ଶରଣକୁଳ,୯।୭(ଦୀପକ କର)

ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ସଭାପତିତ୍ୱ କରି ନୂତନ ବର୍ଷରେ ଧନ୍ଦାମୂଳକ ଶିକ୍ଷାର ଗୁଣାତ୍ମକ ମାନର ବିକାଶ, ଧନ୍ଦାମୂଳକ ଶିକ୍ଷା ଉପରେ ସଚେତନତା, ଅତିଥି ଶିକ୍ଷକଙ୍କ ଶିକ୍ଷା, ଶିଳ୍ପ ପରିଭ୍ରମଣ ଓ ଛାତ୍ରୀଛାତ୍ରଙ୍କ ଅନ୍ୟାନ୍ୟ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା । ପ୍ରଧାନ ଶିକ୍ଷକ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଧନ୍ଦାମୂଳକ ଶିକ୍ଷା ଦ୍ୱାରା ସମ୍ଭବ ହୋଇପାରିବ ବୋଲି କହିଥିଲେ । ସେହିପରି ସ୍ୱୋକ୍ ସ୍କୁଲ ତଥା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ପ୍ରଧାନ ଶିକ୍ଷକ ଶିକ୍ଷା ଚନ୍ଦ୍ର ସାହୁ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ବେକାର ସମସ୍ୟା ଦୂର ହେବ । ଜଣେ ଶିକ୍ଷାର୍ଥୀ ଭବିଷ୍ୟତରେ ଭଲ ଭାବେ ରୋଜଗାରକ୍ଷମ ହୋଇପାରିବ ବୋଲି କହିଥିଲେ । ଏଥି ସହିତ ବରିଷ୍ଠ ଶିକ୍ଷକ ଗୋଦାବରୀ ବସନ୍ତିଆ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଧନ୍ଦାମୂଳକ ଶିକ୍ଷା ଉପରେ ବୁଝାଇଥିଲେ । ବୈଠକରେ ଧନ୍ଦାମୂଳକ ଶିକ୍ଷାର ଭାରପ୍ରାପ୍ତ ଉପଦେଷ୍ଟା ପ୍ରଜ୍ଞାପାରମିତା ସାହୁ, ପରିଧାନ ବିଭାଗ ପ୍ରଶିକ୍ଷିକା ରୋଜାଲିନ ମିଶ୍ର, ଇଲେକ୍ଟ୍ରିକ ପ୍ରଶିକ୍ଷକ ଗୌରାଙ୍ଗ ସାହୁ ଓ କ୍ରୀଡ଼ା ପ୍ରଶିକ୍ଷକ ଦାମୋଦର ସାହୁଙ୍କ ସହିତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

# ୨ ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ଖଣ୍ଡପଡ଼ା, ୯।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର-ଜଗନ୍ନାଥପ୍ରସାଦ ଗ୍ରାମକୁ ଭାୟା ବାହାଡ଼ା ଛକ ରାସ୍ତା ଓ ବୋଦସା ଗ୍ରାମରୁ ନିକଟସ୍ଥ ମର୍ଦ୍ଦରାଜପୁର ଛକକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ନିମନ୍ତେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ପୃଥକ୍ ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବନମାଳୀପୁରରୁ ଜଗନ୍ନାଥପ୍ରସାଦ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ନିମନ୍ତେ ୫ କୋଟି ୫୧ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର ହୋଇଛି । ସେହିପରି ବୋଦସା- ମର୍ଦ୍ଦରାଜପୁର ଗ୍ରାମ୍ୟ ରାସ୍ତା ଉନ୍ନତୀକରଣ ଲାଗି ୨କୋଟି ୯୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ସସ୍ମିତା ମୁଣ୍ଡୁଳୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ରଥ ଓ ଖଣ୍ଡପଡ଼ା ସହକାରୀ ଯନ୍ତ୍ରୀ ରାଜକିଶୋର ନାୟକଙ୍କ ସମେତ ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପଣ୍ଡିତ ମନୋଜ ଦାଶ ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଆସନ୍ତା ୬ ମାସ ମଧ୍ୟରେ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଶେଷ ହେବ ବୋଲି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।


ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ରାସ୍ତାର ଉନ୍ନତୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

# ରଣପୁରରେ ଧର୍ମଘଟ ପରିପ୍ରେକ୍ଷୀରେ କାର୍ଯ୍ୟାଳୟ, ରାସ୍ତା ବନ୍ଦ

ରଣପୁର, ୯।୭(ସୁକାନ୍ତ କିଶୋର ଡାକୁଆ)

ଆଠଗୋଷ୍ଠି ସମେତ କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକ ପକ୍ଷରୁ ଧର୍ମଘଟ ଡାକରା ମଙ୍ଗଳବାର ଦିଆଯାଇଥିଲା । ଏଥିରେ ରଣପୁର କଂଗ୍ରେସ ଦଳ ମଧ୍ୟ ସାମିଲ ହୋଇଥିଲା । ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ ବୁଧବାର ରଣପୁରରେ ଥିବା ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣରେ ସଙ୍ଗଠନ ପକ୍ଷରୁ ପିକେଟିଂ କରିବାରେ ସ୍ୱାଭାବିକ ଭାବେ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ହୋଇଯାଇଥିଲା । ଏହି ପରିପ୍ରେକ୍ଷୀରେ ଶରାଧନ ଆଶାକର୍ମୀ, ପାଚିକା, ଅଙ୍ଗନୱାଡ଼ି, ମିଶନ ଶକ୍ତି ଇସି ସଖୀ, ନିର୍ମାଣ ଶ୍ରମିକ, କୃଷକ, କୃଷି ଶ୍ରମିକ ରଣପୁର ଚାନ୍ଦପୁର ରାସ୍ତାକୁ ପଞ୍ଚୁଦୋଳ ପଡ଼ିଆଠାରେ ଦୀର୍ଘ ସମୟ ଅବରୋଧ କରି ବସି ରହିଥିଲେ । ଏମିତିକି ପୁରୀ ସାଂସଦ ସମ୍ବିତ ପାତ୍ର ବାଧ୍ୟ ହୋଇ ପଛକୁ ଫେରି ଅନ୍ୟ ରାସ୍ତା ଦେଇଯାଇଥିଲେ । ବୃନ୍ଦାବନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ, ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । କେନ୍ଦ୍ର ସରକାର ଗ୍ରହଣ କରିଥିବା ଶ୍ରମିକ ବିରୋଧୀ ୪ ଟି ଶ୍ରମ କୋଡ୍ ତୁରନ୍ତ ବାତିଲ କରିବାକୁ ବକ୍ତାମାନେ ଦୃଢ ଦାବି କରିଥିଲେ । ଆଶା, ପାଚିକା, ଅଙ୍ଗନୱାଡ଼ି କର୍ମୀ, ଇସି ସଖୀମାନଙ୍କୁ ସରକାର ତୁରନ୍ତ ନିୟମିତ ଓ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଓ ସାମାଜିକ ସୁରକ୍ଷା ଆଦି ଯୋଗାଇ ଦେବାକୁ ବକ୍ତାମାନେ ଦୃଢ ଦାବି କରିଥିଲେ । ଚାଷୀ ଫସଲର ଲାଭଜନକ ଦର ମୂଲ୍ୟ ଦେବାକୁ ବ୍ୟାପକ କାମ ସହ ଆକାଶ ଛୁଆଁ ଦରଦାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ଦାବି କରାଯାଇଥିଲା । ଶେଷରେ ଏକ ବିଶାଳ ଶୋଭାଯାତ୍ରା ବାହାରି ରଣପୁର ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ପ୍ରତିବାଦ ସଭା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଟିୟୁର ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ, ବାମପନ୍ଥୀ ନେତା ହରିଶ୍ଚନ୍ଦ୍ର ମିଶ୍ର, କଂଗ୍ରେସ ନେତା ଶତ୍ରୁଘ୍ନ ବରାଡ଼, ଦୁଃଶାସନ ଜେନା, ନିତ୍ୟାନନ୍ଦ ପରିଡ଼ା, ସୁଶୀଳ ମହାନ୍ତି, ଭିକାରୀ ଚରଣ ସାହୁ, ମନୋଜ ପାତ୍ର, ଗଦାଧର ପ୍ରଧାନ, ସୁକାନ୍ତି ଜେନା, ମଞ୍ଜୁଲତା ପ୍ରଧାନ, ସସ୍ମିତା ସ୍ୱାଇଁ, ସବ୍ୟସାଚୀ ସେନାପତି, ପ୍ରଭାତି ବେହେରା, ରମାକାନ୍ତ ପ୍ରଧାନ, ରଜନୀ ସାମନ୍ତରା ଓ ମିଶନ ଶକ୍ତିର ରଜନୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ ।



ଶୋଭାଯାତ୍ରାରେ ଟ୍ରେଡ୍ ୟୁନିୟନର ସଦସ୍ୟମାନେ ।

# ଯାଜପୁରରେ ଭାରତ ବନ୍ଦର ପ୍ରଭାବ




ଦଶରଥପୁରରେ ସିପିଆଇ ପକ୍ଷରୁ ଧାରଣା ଦିଆଯାଇଛି ।

**ଦଶରଥପୁର,୯।୭(ସୁଶାନ୍ତ କୁମାର ବେହୁରିଆ ) :** ୧୦ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ମିଳିତ ମଞ୍ଚର ଆହ୍ୱାନରେ ଭାରତ ବନ୍ଦ ଡାକରାର ପ୍ରଭାବ ଦଶରଥପୁର ବ୍ଲକରେ ଦେଖିବାକୁ ମିଳିଥିଲା ।| ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତିକୁ ବିରୋଧ ସହ ୧୭ ଦଫା ସମ୍ବଳିତ ବିଭିନ୍ନ ଦାବି ବାବଦରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ବ୍ଲକର ଭାରତୀୟ ଜାତୀୟ କଂଗ୍ରେସ(ଦଶରଥପୁର ବ୍ଲକ),ସି.ପି.ଆଇ ଯାଜପୁର ଆଞ୍ଚଳିକ କମିଟି(ମଙ୍ଗଳପୁର) ଓ ସି.ପି.ଆଇ ଏମ(ଦଶରଥପୁର ବ୍ଲକ) ପକ୍ଷରୁ ଏହାକୁ ସମର୍ଥନ କରାଯାଇଥିଲା । କଂଗ୍ରେସ ପକ୍ଷରୁ ଯୁବନେତା ଚନ୍ଦ୍ରଶେଖର ସାହୁ, ଶେଖର ସମ୍ପିତ ଧଳ, ଅନନ୍ତ କୁମାର ଜେନା, ବିମଳ ମଲିକ, ସାଗର ପରିଡା, ଅକ୍ଷୟ ନାୟକ, ସି.ପି.ଆଇ ପକ୍ଷରୁ ମଳୟ କୁମାର ପଣ୍ଡା, ଅଭୟ କୁମାର ପଣ୍ଡା,ନବକିଶୋର ବେହେରା ଏବଂ କାଳିନ୍ଦୀ ମଲିକ,ଦୁର୍ଯୋଧନ ବାରିକ, ବନମାଳୀ ଦାସ,ବାବନ ଜେନା ସିପିଆଇଏମ (ଦଶରଥପୁର ବ୍ଲକ )ପକ୍ଷରୁ ଅମୁଲ୍ୟ କୁମାର ସାମଲ, ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମଙ୍ଗଳପୁର ବଜାରରେ ଜାତୀୟ ରାଜପଥ ୨୦ ଅବରୋଧ କରି ଆନ୍ଦୋଳନ କରିଥିଲେ । ଏଥିପାଇଁ ସରକାରୀ ଓ ବେସରକାରୀ ସଂସ୍ଥା, ବ୍ୟାଙ୍କ ସେବା ଓ ଡାକ ସେବା ବନ୍ଦ ରହିଥିଲା ।

## ଭାରତ ବନ୍ଦକୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ସମର୍ଥନ

ରସୁଲପୁର,(ରଞ୍ଜିତ ରାଉତ) :ବୁଧବାର ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ବଜାରଠାରେ ବିଜୁ ଶ୍ରମିକ ସାମୁଖ୍ୟ ଯାଜପୁର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ସଙ୍ଗଠନ ଓ ବାମପନ୍ଥୀ ଦଳ ପକ୍ଷରୁ ଡକାରା ଦିଆଯାଇଥିବା ଭାରତ ବନ୍ଦ ଓ ଧର୍ମଘଟକୁ ବିଜେଡି ସମର୍ଥନ ଜଣାଇଛି । ଏହି କ୍ରମରେ ଦଳର ଏକ ଉଇଙ୍ଗ ଭାବେ କାର୍ଯ୍ୟକରୁଥିବା ଶ୍ରମିକ ସଙ୍ଗଠନ ବିଜୁ ଶ୍ରମିକ ସାମୁଖ୍ୟ ଭାରତ ବନ୍ଦକୁ ସମର୍ଥନ କରି ରାଜରାସ୍ତାକୁ ଓହ୍ଲାଇଥିଲା । ସଂଗଠନର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଶ୍ରମିକମାନେ ବାରବାଟୀ ବଜାର ପରିକ୍ରମା କରିବା ସହ ୧୬ନମ୍ବର ଜାତୀୟ ରାଜପଥ ଉପରେ ନାରାବାଜି କରିଥିଲେ । ଶ୍ରମିକମାନେ ୪ଟି ଲେବର କୋର୍ଡ ପ୍ରତ୍ୟାହାର, ଭବିଷ୍ୟତ ନିଧି ଓ ମାସିକ ପେନସନ୍ ବୃଦ୍ଧି, ପୁରୁଣା ପେନସନ୍ ସ୍କିମ ଲାଗୁ କରିବା, ମାସିକ ସର୍ବନିମ୍ନ ମଜୁରୀ ୨୬୦୦୦ଟଙ୍କା




ପ୍ରଦାନ, ଘରୋଇକରଣ ବନ୍ଦ କରିବା, ଅଙ୍ଗନୱାଡି, ପାଚିକା, ସ୍ୱାସ୍ଥ୍ୟକର୍ମୀ, ଓ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ନିର୍ମାଣ ଶ୍ରମିକ ଓ ବିଡି ଶ୍ରମିକ କଲ୍ୟାଣ ବୋର୍ଡକୁ ଚାଲୁ ରଖିବା ଦାବି କରି ନାରା ବାଜି କରିଥିଲେ । ଉକ୍ତ ଧର୍ମଘଟରେ ପାଚକ ପାଚିକା ଜିଲା ସଂଘର ସଭାନେତ୍ରୀ ସୁମିତ୍ରା ରଥ, ରସୁଲପୁର ବ୍ଲକ ସଂଘ ସଭାନେତ୍ରୀ ବାସନ୍ତୀ ଦତ୍ତ, ସାମ୍ମୁଖ୍ୟର ବଡଚଣା ବ୍ଲକ ସଂଯୋଜକ ଜଗନ୍ନାଥ ପୁହୁଲି, ରବୀନ୍ଦ୍ର ସ୍ୱାଇଁ, ମାଧବିଲତା ପ୍ରଧାନ, ଆବିନ୍ଦ ମଲ୍ଲିକ, ବିଜୟ ରଥ, ଗଣେଶ ପରିଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଚଣ୍ଡିଖୋଲରେ ଟ୍ରେଡ୍ ୟୁନିୟନର ଧାରଣା



ଚଣ୍ଡିଖୋଲ,(ପ୍ରଦୀପ୍ତ କୁମାର ପୃଷ୍ଟି) ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ଦିଆ ଯାଇଥିବା ଭାରତ ବନ୍ଦ ଡାକରାରେ ଚଣ୍ଡିଖୋଲରେ ଧାରଣା ଦିଆ ଯାଇଥିଲା । ସର୍ବ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ଚଣ୍ଡିଖୋଲ ଛକ ବୁଦ୍ଧ ମୂର୍ତ୍ତି ନିକଟରେ ଧାରଣା ଦିଆଯାଇଥିଲା । ବଜାର ପରିକ୍ରମା କରି ବନ୍ଦ କରାଯାଇ ଥିଲା । ଯାଜପୁର ଜିଲ୍ଲା ଏଆଇଟିୟୁସି ସଭାପତି କରୁଣା କର ମହାରଣାଙ୍କ ନେତୃତ୍ୱରେ ଦେବ ଚନ୍ଦ୍ର ଜେନା, ଶେଷଦେବ ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ, ବିଶ୍ୱନାଥ ଜେନା, କେଶବ ଜେନା, ରାଜ କିଶୋର ଦାସ, ରଞ୍ଜନ କୁମାର ଜେନା, ସୁକାନ୍ତ କୁମାର ଜେନା, ସଚ୍ଚିଦାନନ୍ଦ ବଳ, ଶିଶିର କୁମାର ମହାରଣା, ଧୀରେନ୍ଦ୍ର କୁମାର ଜେନା, ଦୁଷ୍ମନ୍ତ କୁମାର ସାଇଁ, ନଗେସ କୁମାର ଜେନା, ହେମଲତା ଜେନା, ଭଗବାନ ପଣ୍ଡା, ଭାସ୍କର ସେଠୀ, ବୀରବର ବଳ ପ୍ରମୁଖ ଯୋଗଦେଇ ଥିଲେ । ଭାରତ ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇଶ୍ୱଥିଲା । ବଡ଼ଚଣା କଂଗେସ ନେତା ଅଜୟ ସାମଲ, ଅଶୋକ ରାଉତ, ଅଶୋକ ବେହେରା ପ୍ରମୁଖ ଧାରଣାରେ ପହଞ୍ଚି ସମର୍ଥନ କରିଥିଲେ ।

## ଶ୍ରମିକ ସଙ୍ଗଠନ ପକ୍ଷରୁ ହରତାଳ

**ଯାଜପୁର ଟାଉନ,(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି) :** କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନର ମିଳିତ ଉଦ୍ୟମରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଥିବା ୧୭ ଦଫା ଦାବି ନେଇ ୧୨ ଘଣ୍ଟିଆ ହରତାଳ କରିଥିଲେ । ଶ୍ରମିକ ସଙ୍ଗଠନ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରୀୟ ମଜଦୁର ସଂଘର ସର୍ବ ଭାରତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ଆହ୍ୱାନ କ୍ରମେ ଆଇଏନଟିୟୁସି ପକ୍ଷରୁ ଅନୁଷ୍ଠିତ ହରତାଳରେ ଦରଦାମ ନିୟନ୍ତ୍ରଣ, ଚାଷୀଙ୍କ ପାଇଁ ଋଣ ଓ ଶସ୍ୟଜାତୀୟ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରିତ ପାଇଁ ଆଇନ ପ୍ରଣୟନ କରାଯିବା, ୪ଟି ଶ୍ରମ କୋଡ଼ ପ୍ରତ୍ୟାହାର ପୂରଣ ଓ ପେନସନ ଲାଗୁ କରିବା, ଭବିଷ୍ୟନିଧି ପେନସନ ମାସିକ ୯ହଜାର ଟଙ୍କା ସର୍ବ ନିମ୍ନ ନିର୍ଦ୍ଧାରଣ କରିବା, ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ବର୍ଷକୁ ୨୫୦ ଦିନ କାର୍ଯ୍ୟ ଓ ଦୈନିକ ମଜୁରୀ ୬ଶହ ଟଙ୍କା ଘୋଷଣା କରିବା ଆଦି ଦାବି ନେଇ ୧୨ ଘଣ୍ଟିଆ ହରତାଳ ଦିଆଯାଇଥିଲା । ଶ୍ରମିକ ନେତା ମଧୁସୂଦନ ଜେନାଙ୍କ ନେତୃତ୍ୱରେ ସନ୍ତୋଷ ନନ୍ଦ, ଭାସ୍କର ମହାନ୍ତି, ଅର୍ଜିତ ନାୟକ, ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଅକ୍ଷୟ ଶତପଥୀ, ପିତାମ୍ବର ସ୍ୱାଇଁ ସମେତ ଶତାଧିକ କର୍ମକର୍ତ୍ତା ହରତାଳରେ ଯୋଗ ଦେଇଥିଲେ । ହରତାଳ ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ କେନ୍ଦ୍ର ସରକାର ଅଧିନରେ ଥିବା ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।




ଧର୍ମଶାଳାରେ ଏସ୍‌ୟୁସିଆଇ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଭାରତ ବନ୍ଦକୁ ସମର୍ଥନ କରି ଏସ୍‌ୟୁସିଆଇ ପକ୍ଷରୁ ଶୋଭାଯାତ୍ରା

**ଧର୍ମଶାଳା,(ବଟକୃଷ୍ଣ ପରିଡ଼ା) :** ଭାରତ ବନ୍ଦ ଧର୍ମଘଟକୁ ସମର୍ଥନ ଜଣାଇ ୧୦ ଟ୍ରେଡ୍ ୟୁନିୟନ୍ ମିଳିତ ମଞ୍ଚ ଡାକରାରେ ଧର୍ମଶାଳା ଏସ୍‌ୟୁସିଆଇ ଶାଖା ସାମିଲ ହୋଇଥିଲା । ବୁଧବାର ଜାରକାସ୍ଥିତ ଶାନ୍ତିବଜାର ଜେମାଶୁଣୀ ପୀଠରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ସହ ବ୍ୟାଙ୍କ ଓ ଅନ୍ୟାନ ଅନୁଷ୍ଠାନଗୁଡ଼ିକୁ ବନ୍ଦ କରାଇଥିଲେ । ପରେ ଜାରକାଠାରେ ମଧୁମିତା ସାହୁଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ୪ଟି ଶ୍ରମ କୋଡ୍, ଓ ବିଦ୍ୟୁତ୍ ସଂଶୋଧନ ବିଲ୍‌କୁ ବାତିଲ କରିବା, ସ୍ମାର୍ଟ ମିଟର ନ ଲଗାଇବା, ଦୈନିକ ୮ଘଣ୍ଟା କର୍ମ ସମୟ ନିଶ୍ଚିନ୍ତ କରିବା, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ, ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି, ସମସ୍ତ ସ୍କିଲ୍ ଶ୍ରମିକ ଓ ପାଚିକାମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବି ନେଇ ଆଜିର ଆନ୍ଦୋଳନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଂଯୁକ୍ତା ସାହୁ, ପ୍ରଶାନ୍ତ ସ୍ୱାଇଁ, ବିଚିତ୍ର ଦାସ, କବି ସେଠୀ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାର ମାରଣାନୀତିକୁ ସମାଲୋଚନା କରିଥିଲେ ।


सीएमपीडीआई मिनी रत्न cmpdi Mini Ratna
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंड, भारत

सूचना/NOTICE

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट www.coalindia.in/सम्बंधित अनुषंगी कम्पनी (सीएमपीडीआई, www.cmpdi.co.in), सीआईएल ई-प्रोक्योरमेंट पोर्टल https://coalindiatenders.nic.in एवं सेन्ट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध है । इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in."

RAJSUNAKHALA COLLEGE
RAJSUNAKHALA, DIST.: NAYAGARH
WALK-IN-INTERVIEW

A Walk-in-Interview will be held on 18.07.2025 (Friday) at 11.00 A.M. in the College premises to appoint Guest Faculty Lecturers in **Physics** and **Mathematics**. Interested candidates having 55% or above marks at the P.G. Level are hereby informed to attend the interview with all original certificates and one set of Xerox copy of the same.
No T.A. & D.A. will be given for the purpose.
Sd./- Principal-cum-Secretary

Repco Home Finance
ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍
ଭୁବନେଶ୍ୱର ଶାଖା: ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୬/୨୨୬୦,
ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

ଇ-ନିଲାମ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ **ରଣଗ୍ରହୀତା: ଶ୍ରୀମତୀ ପିନାକ୍ଷୀ ମହାନ୍ତି,** ସ୍ୱାମୀ: ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ, ସହ-ରଣଗ୍ରହୀତା: ଶ୍ରୀଯୁକ୍ତ ସଞ୍ଜୀବ କୁମାର ଦାସ, ପିତା: ବନବିହାରୀ ଦାସ, **ଗ୍ୟାରେଣ୍ଟିଦାତା: ଶ୍ରୀଯୁକ୍ତ ଏମ୍. ସତ୍ୟବ୍ରଥ ଦୀକ୍ଷିତ,** ପିତା: ଶ୍ରୀଯୁକ୍ତ ମନ୍ମଥ ଦୀକ୍ଷିତ, ଡଗରପଡ଼ା, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, କଟକ ଶାଖା (ସମ୍ପ୍ରତି ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତରିତ), ତଳେ ବିଶଦ ଭାବେ ଦର୍ଶିତ ସ୍ଥାବର ସମ୍ପତ୍ତିର ବନ୍ଧକ ଉପରେ ଋଣ ନେଇଥିଲେ, ଯାହା ନିମ୍ନପ୍ରଦତ୍ତ ଅନୁସୂଚୀରେ ସମ୍ପୂର୍ଣ୍ଣ ରୂପେ ଦର୍ଶିତ, କମ୍ପାନୀ ସରଫାଏସି ଅଧିନିୟମ, ୨୦୦୨ ର ଧାରା ୧୩(୨) ଅଧୀନରେ **ତା୨୨।୦୮।୨୦୨୨ରିଖରେ** ଏକ **ଡିମାଣ୍ଡ ନୋଟିସ** ଜାରି କରି **ରଣ ଖାତା ନଂ. ୨୩୦୧୮୧୧୬୮୦୩୪୨ ଏବଂ ୨୩୦୧୮୬୦୬୮୦୪୮୧ ଅଧୀନରେ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ଅର୍ଥାତ୍ ତା୧୮।୦୮।୨୦୨୨ରିଖ ସୁଦ୍ଧା ଯଥାକ୍ରମେ ₹୨୧,୫୬,୪୩୨/- ଏବଂ ₹୧,୭୯,୦୩୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ବ୍ୟୟକୁ ଉକ୍ତ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।
ଯେହେତୁ ରଣଗ୍ରହୀତା ଏବଂ ସହ-ରଣଗ୍ରହୀତା ଉକ୍ତ ଡିମାଣ୍ଡ ନୋଟିସରେ ଦାବି କରାଯାଇଥିବା କମ୍ପାନୀ ପ୍ରତି ଦେୟରାଶିକୁ ପୈଠ କରିବା ପାଇଁ ବିଫଳ ହୋଇଛନ୍ତି, ତେଣୁ କମ୍ପାନୀ ବନ୍ଧକ ପରିସମ୍ପତ୍ତିର ଦଖଲ ନେଇଛି, ଯାହା ଅନୁସୂଚୀରେ ଅଧିକ ସମ୍ପୂର୍ଣ୍ଣ ରୂପେ ଦର୍ଶାଯାଇଛି ଓ ଏତଦ୍ୱାରା **ତା୨୩।୦୭।୨୦୨୩ରିଖରେ** ଅଧିନିୟମର ଧାରା ୧୩(୪) ଅଧୀନରେ **ଦଖଲ ନୋଟିସ** ଜାରି କରୁଛି ।
ଯେହେତୁ ରଣଗ୍ରହୀତାମାନେ ବକେୟା ରାଶିକୁ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ସୁରକ୍ଷିତ ରଣଦାତା ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍ ନିମ୍ନବର୍ଣ୍ଣିତ ସୁରକ୍ଷିତ ପରିସମ୍ପତ୍ତିକୁ **"ଯେପରି ଅଛି ଯେଉଁଠି ଅଛି ପରିସ୍ଥିତି"ରେ ଏବଂ "ଯେପରି ଅଛି ଯାହା ଅଛି ପରିସ୍ଥିତି"**ରେ କମ୍ପାନୀର ବକେୟା ଦେୟକୁ ଆଦାୟ କରିବା ଲାଗି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ସହ ପଠନପୂର୍ବକ ଅଧିନିୟମର ଧାରା ୧୩(୪) ଅଧୀନରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।
**ତା୨୧।୦୫।୨୦୨୫ରିଖ ସୁଦ୍ଧା ରଣ ଖାତା ନଂ. ୨୩୦୧୮୧୧୬୮୦୩୪୨ ଏବଂ ୨୩୦୧୮୬୦୬୮୦୪୮୧ ଅଧୀନରେ ରଣଗ୍ରହୀତାଙ୍କ ବକେୟା ଦେୟ ହେଉଛି ₹୩୦,୩୬,୯୫୦/- ଓ ₹୬୧,୫୩୪/- ।**

**ଇ-ନିଲାମର ତାରିଖ/ସମୟ: ୧୨।୦୮।୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକାରୁ - ମଧ୍ୟାହ୍ନ ୧୨.୦୦ ଘଟିକା (୫ ମିନିଟର ଅସୀମିତ ସ୍ୱୟଂଚାଳିତ ସମୟବୃଦ୍ଧି ସହ)**

**ଇ-ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ: ୧୧।୦୮।୨୦୨୫, ଅପରାହ୍ନ ୦୪.୦୦ ଘଟିକା**

**ସମ୍ପତ୍ତିର ବର୍ଣ୍ଣନା:** କଟକ ଜିଲ୍ଲା, କଟକ ସଦର, ତହସିଲ ମୌଜା - ବିଡାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର ୭, ଖାତା/ ଡ୍ରଙ୍ଗ ନଂ. ସିଡିଏ(ପିଏଲ୍)-ବି-୨୨୦/୧୯୯୩, ପ୍ଲଟ୍ ନଂ. ଇ-୧୫୪, ୧୦୫୮ ବର୍ଗଫୁଟର ବିସ୍ତାର ସହ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ । ହୋମଷ୍ଟିଡ୍‌ର ଚଉହଦୀ ହେଉଛି: ସୀମା: ଉତ୍ତର: ପ୍ଲଟ୍ ନଂ.: ଇ-୧୫୩, ଦକ୍ଷିଣ: ପ୍ଲଟ୍ ନଂ.ଇ-୧୫୫, ପୂର୍ବ: ପ୍ଲଟ୍ ନଂ.ଡି-୫୫, ପଶ୍ଚିମ: ୬ ମିଟର ଚଉଡ଼ା ରାସ୍ତା ।

| ସଂରକ୍ଷିତ ମୂଲ୍ୟ | ₹୭୭,୧୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୭,୭୧,୧୦୦/- | ସର୍ବନିମ୍ନ ବିଡ଼ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ । ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍, କଟକ (ବର୍ତ୍ତମାନ ଭୁବନେଶ୍ୱର ଶାଖାକୁ ସ୍ଥାନାନ୍ତରିତ) ଶାଖା ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି । ଯୋଗାଯୋଗ ନଂ. ୦୬୭୪ - ୨୩୬୦୧୬୬ ଏବଂ ୯୪୩୭୬୪୯୬୯୮ ।
ତାରିଖ: ୩୦.୦୬.୨୦୨୫ ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

GOVERNMENT OF ODISHA
OFFICE OF THE SUPERINTENDING ENGINEER
BALANGIR (R&B) DIVISION, BALANGIR
Email: eepwd.bgr@rediffmail.com, eepwd.bgr@gmail.com,
Ph. No.: 06652-232374
e-Procurement Notice
BID IDENTIFICATION No.: BGR R&B/08/2025-26
No.B-280 No.4485/Dtd.04.07.25

| | | | |
|---|---|---|---|
| 1 | The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Road / Building / Bridge works. The proof of registration from the appropriate authority shall be enclosed along with the bid. | | |
| 2 | Nature of work | : | Building work, Road work |
| 3 | No. of tender | : | Building work- 02 Nos., Road work- 01 No. |
| 4 | Tender cost | : | Rs.10,000/- |
| 5 | Class of contractor | : | 'B' Class (Registered with CDMS) |
| 6 | Date & time of sale & receipt of bids | : | From Dt.15.07.25, 10.00 A.M. to Dt.29.07.25 upto 05.00 P.M. |
| 7 | Date of opening bid | : | Dt.30.07.25 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only. | | |

Sd./- Superintending Engineer, Balangir (R&B) Division
OIPR-34028/11/0033/2526

PARADIP PORT AUTHORITY
MARINE DEPARTMENT
No.-MD/ACCTS/WK/R-06/2025/869 Date: 07.07.2025
Name of the Work: Supply of 01 no. 25 Knots Speed Petrol-cum-Chase Boat along with Manning Crew on hire for a period of 05 (five) years. Estimated cost put to tender: Total Estimated cost including Hire Charges & Fuel Rs.7,49,26,258/- excluding GST. Estimated cost put to Tender towards Hire Charges only Rs.5,05,69,244/- excluding GST. Last date & time of submission of tender through on-line bidding is **15:00 Hours on 18/08/2025.** Date & time for opening of Technical Bid is **15:30 hours on dt.19/08/2025.** For further details, please log on to the Website: **https://eprocure.gov.in/eprocure/app.**
Sd/- Deputy Conservator, Paradip Port Authority
PPA/PR/25/2025-2026 dtd.08.07.2025

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
No.O-373
eerwbnjr@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender / 04 / RWDBNJ / 2025-2026
Ltr. No. 3553 Date : 01.07.2025

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/04/2025-2026 | Building Works | 07 (Seven) Nos. | 50.17 Lakhs to 71.43 Lakhs | "B" Class as applicable | 09 (Nine) Calendar months |

